ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଗୁରୁବାର, ମେ ୨୯/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, May 29/2025 | Page 14 | ₹ 7.00 | DHENKANAL
୫୧ଶ ଭାଗ ୧୮୩ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 183 | ମୂଲ୍ୟ ₹୭/-



ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ବୁଧବାର କୋଣାର୍କ ସୂର୍ଯ୍ୟମନ୍ଦିର ପରିସର ଜଳାର୍ଣ୍ଣବ ହୋଇଛି। ପର୍ଯ୍ୟଟକମାନେ ପାଣିରେ ପଶି ମନ୍ଦିର ବୁଲି ଦେଖୁଛନ୍ତି।

# ପୁଞ୍ଜିଲାଲଙ୍କୁ ଆଜୀବନ କାରାଦଣ୍ଡ

## ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା

**ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ୭ବର୍ଷ ପରେ ରାୟ ବୁଧବାର ପ୍ରକାଶ ପାଇଛି। ପାଟଣାଗଡ଼ ଏଡିଜେ କୋର୍ଟରେ ଅଭିଯୁକ୍ତ ପୁଞ୍ଜିଲାଲ ମେହେର ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ପୁଞ୍ଜିଲାଲଙ୍କ ଅପରାଧକୁ ଅତ୍ୟନ୍ତ ଘୃଣ୍ୟ ବୋଲି ଅଦାଲତ ବିବେଚନା କରିଥିଲେ ସୁଦ୍ଧା ଏହା ବିରଳରୁ ଅତି ବିରଳତମ ନୁହେଁ ବୋଲି ଦର୍ଶାଇ ତାଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ମୋଟ ୧ଲକ୍ଷ ୪୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଥିବା ସ୍ୱତନ୍ତ୍ର ସରକାରୀ ଓକିଲ ଚିତ୍ତରଞ୍ଜନ କାନୁନ୍‌ଗୋ କହିଛନ୍ତି। ଅପରପକ୍ଷରେ ମୃତ ସୌମ୍ୟଶେଖର ସାହୁଙ୍କ ପରିବାର ପୁଞ୍ଜିଲାଲ୍‌ଙ୍କୁ ଫାଶୀଦଣ୍ଡ ମିଳିବା ନେଇ ଆଶା କରିଥିଲେ। ତଥାପି କୋର୍ଟଙ୍କ ଏହି ରାୟକୁ ସୌମ୍ୟଙ୍କ ମା'ବାପା ସ୍ୱାଗତ କରିଥିବା ପ୍ରକାଶ କରିଛନ୍ତି। ପୁଞ୍ଜିଲାଲଙ୍କୁ ଆଜୀବନ କାରାଦଣ୍ଡାଦେଶ ମୃତ ପୁଅର ଆତ୍ମାକୁ ଶାନ୍ତି ଦେବ ବୋଲି ସୌମ୍ୟଙ୍କ ମା' ସଞ୍ଜୁକ୍ତା ସାହୁ କହିଛନ୍ତି।**

ବଲାଙ୍ଗୀର/ ପାଟଣାଗଡ଼, ୨୮।୫
(ବୀରେନ୍ଦ୍ର ଝାଙ୍କର/ ସଚ୍ଚିଦାନନ୍ଦ ମହାକୁର)



ରିମାରାଣୀ ଓ ସୌମ୍ୟ

୨୦୧୮ ଫେବୃଆରୀ ୨୩ରେ ପାଟଣାଗଡ଼ରେ ପାର୍ସଲ ବୋମା ବିସ୍ଫୋରଣ ଘଟି ନବବିବାହିତ ସଫ୍ଟୱେର ଇଞ୍ଜିନିୟର ସୌମ୍ୟ, ତାଙ୍କ ଜେଜେମା ଜେମାମଣି ସାହୁଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ମୃତ ସୌମ୍ୟଙ୍କ ନବବିବାହିତା ସ୍ତ୍ରୀ ରିମାରାଣୀ ଗୁରୁତର ଆହତ ହୋଇଥିଲେ। ମାମଲାରେ କ୍ରାଇମବ୍ରାଞ୍ଚ ପାଟଣାଗଡ଼ ନିକଟସ୍ଥ ଭଇଁଷା କଲେଜର ଇଂଲିଶ ବିଭାଗ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ଏକମାତ୍ର ଓ ମୁଖ୍ୟ ଅଭିଯୁକ୍ତ ଭାବେ ଗିରଫ କରିଥିଲା। ପାଟଣାଗଡ଼ ଏଡିଜେ କୋର୍ଟରେ ପ୍ରାୟ ୨ବର୍ଷ କାଳ ମାମଲାର ଶୁଣାଣି ଓ ନ୍ୟାୟିକ ପ୍ରକ୍ରିୟା ଚାଲିବା ପରେ ଘଟଣାର ୭ ବର୍ଷ ୨ ମାସ ୪ ଦିନ ପରେ ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ ପୁଞ୍ଜିଲାଲ୍‌ଙ୍କୁ କଡ଼ା ସୁରକ୍ଷା ବଳୟରେ ବୁଧବାର ସକାଳେ ପାଟଣାଗଡ଼ କୋର୍ଟ ପରିସରକୁ ଅଣାଯାଇଥିଲା। ପାର୍ସଲ ବୋମା ବିସ୍ଫୋରଣ ମାମଲାର ରାୟ ପ୍ରକାଶ ପାଇବା ନେଇ ପାଟଣାଗଡ଼



ଦୋଷୀ ସାବ୍ୟସ୍ତ ପୁଞ୍ଜିଲାଲ ମେହେରଙ୍କୁ ପାଟଣାଗଡ଼ କୋର୍ଟରୁ କଡ଼ା ସୁରକ୍ଷା ଭିତରେ ବଲାଙ୍ଗୀର ଜେଲକୁ ନିଆଯାଉଛି।

### 'ପୁଞ୍ଜିଲାଲଙ୍କ ଅପରାଧ ଅତ୍ୟନ୍ତ ଘୃଣ୍ୟ କିନ୍ତୁ ବିରଳରୁ ବିରଳତମ ନୁହେଁ'

ଏଡିଜେ କୋର୍ଟ ପରିସର ଲୋକାରଣ୍ୟ ହୋଇଥିଲା। ଓକିଲ, ଆଇନ ଛାତ୍ରୀଛାତ୍ର, ପୋଲିସ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ଏହାକୁ ନେଇ ବିଭିନ୍ନ ଆଲୋଚନା ପର୍ଯ୍ୟାଲୋଚନା ହୋଇଥିଲା। ପ୍ରାୟ ୨ଘଣ୍ଟାର ଶୁଣାଣି ପ୍ରକ୍ରିୟା ପରେ ଏଡିଜେ ସୋନାଲି ପଟ୍ଟନାୟକ ରାୟ ଶୁଣାଇଥିଲେ। କ୍ରାଇମବ୍ରାଞ୍ଚ ପକ୍ଷରୁ ଅଭିଯୁକ୍ତଙ୍କ ବିରୋଧରେ ଦାଖଲ ହୋଇଥିବା କ୍ରାଇମବ୍ରାଞ୍ଚର ୨୦୦୦ ପୃଷ୍ଠା ସମ୍ବଳିତ ଚାର୍ଜଶିଟ୍, ବୈଜ୍ଞାନିକ ପ୍ରମାଣ, ପାରିପାର୍ଶ୍ୱିକ ପ୍ରମାଣ, ଗୁରୁତ୍ୱପୂର୍ଣ୍ଣ ଭିଡିଓ ପ୍ରମାଣ, ୬୨ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଦଲିଲ, ଉଭୟ ପକ୍ଷ ଓକିଲଙ୍କ ଯୁକ୍ତି ଶୁଣିବା ପରେ ଏଡିଜେ ଏହି ରାୟ ଶୁଣାଇଛନ୍ତି। ଆଇପିସି ଦଫା ୩୦୨(ହତ୍ୟା)ରେ ଆଜୀବନ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା, ଦଫା ୩୦୭(ହତ୍ୟା ଉଦ୍ୟମ)ରେ ୧୦ ବର୍ଷ ଜେଲ ଓ ୨୦ ହଜାର ଟଙ୍କା ଜରିମାନା, ଦଫା ୨୦୧(ପ୍ରମାଣ ନଷ୍ଟ)ରେ ୭ବର୍ଷ ଜେଲ ଓ ୧୦ ହଜାର ଟଙ୍କା ଜରିମାନା ସହ ଏକ୍ସପ୍ଲୋସିଭ୍ ସବ୍‌ଷ୍ଟାନ୍‌ସେସ୍ ଆକ୍ଟର ଦଫା ୩ ରେ ଆଜୀବନ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା ଏବଂ ଦଫା ୪ରେ ୧୦ ବର୍ଷ ଜେଲ ଓ ୧୦ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ସରକାରୀ ଓକିଲ ଚିତ୍ତରଞ୍ଜନ କାନୁନ୍‌ଗୋ କୋର୍ଟଙ୍କ ରାୟ ଉପରେ ସନ୍ତୋଷ ପ୍ରକାଶ କରିବା ସହ କ୍ରାଇମବ୍ରାଞ୍ଚର ସମସ୍ତ ଦଫାରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଥିବା କହିଛନ୍ତି। ଅନ୍ୟପକ୍ଷରେ ପ୍ରତିପକ୍ଷ ଓକିଲ ଶିବ ପ୍ରସାଦ ମିଶ୍ରଙ୍କୁ ପଚାରିବାରେ ଦୋଷୀ ସାବ୍ୟସ୍ତ ହେବା ପରେ ପୁଞ୍ଜିଲାଲ ଉପରିସ୍ଥ କୋର୍ଟକୁ ଯିବେ କି ନା ସେ ଆଗକୁ ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ମୃତ ସୌମ୍ୟଶେଖରଙ୍କ ମାତାପିତା ସଞ୍ଜୁକ୍ତା ଓ ରବୀନ୍ଦ୍ର ସାହୁ କୋର୍ଟଙ୍କ ଦଣ୍ଡାଦେଶରେ ସନ୍ତୋଷ ପ୍ରକାଶ କରିବା ସହ ପୁଞ୍ଜିଲାଲଙ୍କୁ ତାଙ୍କର କୁକର୍ମ ଫଳ ମିଳିଲା ବୋଲି କହିଛନ୍ତି।

# ଏଆଇ ନୀତିକୁ ଅନୁମୋଦନ



## ୫ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମୋହର

### ପ୍ରତିଷ୍ଠା ହେବ ଏଆଇ ଉତ୍କର୍ଷ କେନ୍ଦ୍ର

ଭୁବନେଶ୍ୱର,୨୮।୫ (ରବିନାରାୟଣ ଜେନା)

ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବା ସହିତ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ଉପଯୋଗିତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ବୁଧବାର ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ବୁଧବାର ସନ୍ଧ୍ୟାରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜା ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, ଓଡ଼ିଶା ସରକାର ଓଡ଼ିଶା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (କୃତ୍ରିମ ବୁଦ୍ଧିମତ୍ତା) ନୀତି (୨୦୨୫)କୁ ଅନୁମୋଦନ କରିଛନ୍ତି। ଏହି ନୀତିର ଏକ ପ୍ରମୁଖ ବିଶେଷତ୍ୱ ହେଲା ଏକ ସ୍ୱତନ୍ତ୍ର ଏଆଇ ମିଶନର ସୃଷ୍ଟି କରିବା, ଯାହା ସରକାରୀ ବିଭାଗଗୁଡ଼ିକ ମଧ୍ୟରେ ଏଆଇ ପ୍ରୟୋଗର ପ୍ରୟାସଗୁଡ଼ିକୁ କାର୍ଯ୍ୟାନ୍ୱିତ କରିବା ପାଇଁ ସର୍ବୋଚ୍ଚ ପ୍ରତିଷ୍ଠାନ ଭାବରେ କାର୍ଯ୍ୟ କରିବ। ଓଡ଼ିଶାର ବୈଷୟିକ ବିକାଶକୁ ☞ପୃଷ୍ଠା-୨

# ଓଡ଼ିଶା ଛୁଇଁଲା ମୌସୁମୀ

## ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ

ଭୁବନେଶ୍ୱର,୨୮।୫ (ଅନୁରାଧା ମହାରଣା)

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ବୁଧବାର ଓଡ଼ିଶା ଛୁଇଁଛି। ନିର୍ଦ୍ଧାରିତ ସମୟ ପୂର୍ବରୁ ମୌସୁମୀ ବାୟୁ ଓଡ଼ିଶାରେ ପ୍ରବେଶ କରିଛି। ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ମୌସୁମୀ ବାୟୁ ଅଗ୍ରସର ହେବା ସହ କିଛି ସ୍ଥାନରେ ବର୍ଷା ମଧ୍ୟ ହୋଇଛି। ଏହା ପୂର୍ବରୁ ୧୯୯୯ ମେ' ୨୮ରେ ଓ ୨୦୦୯ ମେ' ୨୫ରେ ମୌସୁମୀ ଓଡ଼ିଶା ଛୁଇଁଥିଲା। ଭାରତୀୟ ପାଣିପାଗ ବିଭାଗ ସୂଚନାନୁସାରେ, ଦୀର୍ଘ ୧୬ ବର୍ଷ ପରେ ମେ' ମାସରେ ମୌସୁମୀ ଓଡ଼ିଶାରେ ପ୍ରବେଶ କରିଛି। ଚଳିତ ବର୍ଷ ନିର୍ଦ୍ଧାରିତ ସମୟଠାରୁ ୧୨ଦିନ ପୂର୍ବରୁ ମୌସୁମୀ ବାୟୁ କେରଳ ଛୁଇଁଥିଲା। ସେହି ଅନୁସାରେ ଚଳିତ ବର୍ଷ ମୌସୁମୀ ସଅଳ ଓଡ଼ିଶା ଛୁଇଁବ ବୋଲି ପୂର୍ବାନୁମାନ କରାଯାଇଥିବାବେଳେ ତାହା ହିଁ ହୋଇଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳ ଛୁଇଁବାର ମାତ୍ର କିଛିଦିନ ମଧ୍ୟରେ ମୌସୁମୀ ଓଡ଼ିଶା ଛୁଇଁଛି।

ଅନ୍ୟପଟେ ଉତ୍ତର-ପଶ୍ଚିମ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ ମଙ୍ଗଳବାର ଲଘୁଚାପ ରୂପ ନେଇଛି। ଏହା ଉତ୍ତରରେ ଗତି କରି ଗୁରୁବାର ଅବପାତର ରୂପ ନେଇପାରେ। ଲଘୁଚାପ ପ୍ରଭାବରେ ଆସନ୍ତା ୨ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ। ପରବର୍ତ୍ତୀ ଦୁଇଦିନ ବଜ୍ରପାତ ସହ ପ୍ରବଳ ବର୍ଷା ହୋଇପାରେ। ଗୁରୁବାର ଅନୁଗୋଳ, ବାଲେଶ୍ୱର, ଭଦ୍ରକ, ବୌଦ୍ଧ, ଗଞ୍ଜାମ, ଜଗତ୍‌ସିଂହପୁର, କେନ୍ଦ୍ରପଡ଼ା, ମୟୂରଭଞ୍ଜ, ନୟାଗଡ଼, ପୁରୀ, ସୁବର୍ଣ୍ଣପୁର ଆଦି ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ମାଲକାନଗିରି, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ବାଲେଶ୍ୱର, ପୁରୀ, ନୟାଗଡ଼, ଖୋର୍ଦ୍ଧା, କଟକ ଓ ଯାଜପୁର ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ଘଡ଼ଘଡ଼ି ସହିତ ବର୍ଷା ସାଙ୍ଗକୁ ଘଣ୍ଟାପ୍ରତି ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିପାରେ। ଏଥିପାଇଁ ସତର୍କ ରହିବାକୁ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଜାରି କରାଯାଇଛି। ଏସ୍‌ଆର୍‌ସିଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମତ୍ସ୍ୟଜୀବୀମାନେ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ଫସଲ କ୍ଷୟ ସମ୍ଭାବନା ରହିଥିବାରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି।




ଆଜିର ସମ୍ପାଦକୀୟ | ଆମେ ଆମ ଜୀବନର ସାକ୍ଷୀ

## ସଂକ୍ଷେପରେ

### ଦକ୍ଷିଣ ଚାଇନା ସାଗର ଦ୍ୱୀପରେ ଚାଇନାର ଅତ୍ୟାଧୁନିକ ବୋମାବର୍ଷୀ ବିମାନ

ହଂକଂ,୨୮।୫

ଦକ୍ଷିଣ ଚାଇନା ସାଗରର ବିବାଦୀୟ ପାରାସେଲ୍ ଦ୍ୱୀପରେ ବେଜିଂ ଏହାର ସବୁଠୁ ଅତ୍ୟାଧୁନିକ ବୋମାବର୍ଷୀ ଯୁଦ୍ଧବିମାନ ଅବତରଣ କରାଇଥିବା ସାଟେଲାଇଟ୍ ଚିତ୍ରରୁ ଦେଖିବାକୁ ମିଳିଛି। ବିରୋଧୀଙ୍କୁ ସାମରିକ ସାମର୍ଥ୍ୟ ଦେଖାଇବାର ଏହା ଚାଇନାର ସଦ୍ୟତମ ସଙ୍କେତ ବୋଲି କେତେଜଣ ବିଶ୍ଳେଷକ କହିଛନ୍ତି। ୨୦୨୦ ପରେ ପ୍ରଥମ ଥର ପାଇଁ ଚାଇନା ପରାସେଲ୍‌ର ଉଡି ଆଇଲାଣ୍ଡରେ ଏହାର ଦୀର୍ଘ ଆକ୍ରମଣ କ୍ଷମତା ବିଶିଷ୍ଟ ଏଚ୍-୬ ବମ୍ବରକୁ ମୁତୟନ କରିଛି। ଫିଲିପାଇନ୍ସ ସହ ଉତ୍ତେଜନା ଲାଗିରହିଥିବାବେଳେ ଚଳିତ ସପ୍ତାହାନ୍ତରେ ଉକ୍ତ ଅଞ୍ଚଳରେ ସର୍ବବୃହତ୍ ପ୍ରତିରକ୍ଷା ଫୋରମ୍ ଆୟୋଜନ ପୂର୍ବରୁ ତାଇୱାନ ନିକଟରେ ଚାଇନା ଏଭଳି ଯୁଦ୍ଧବିମାନ ମୁତୟନ କରିଛି।

### ଇରାନରେ ୩ ଭାରତୀୟ ନିଖୋଜ




ତେହରାନ/ନୂଆଦିଲ୍ଲୀ, ୨୮।୫

ଇରାନରେ ୩ ଭାରତୀୟ ନିଖୋଜ ଥିବାର ମାମଲା ସାମ୍ନାକୁ ଆସିଛି। ଏହି ୩ ନିଖୋଜ ଭାରତୀୟ ହେଉଛନ୍ତି ପଞ୍ଜାବର ଶଙ୍ଗରୁର୍ ନିବାସୀ ହୁସନ୍‌ପ୍ରିତ ସିଂ, ଏସ୍‌ବିଏସ୍ ନଗର ନିବାସୀ ଜସ୍‌ପାଲ ସିଂ ଏବଂ ହୋସିଆରପୁର ନିବାସୀ ଅମୃତପାଲ ସିଂ। ଘଟଣାକୁ ନେଇ ଇରାନରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ଏକ୍ସ'ରେ ଏକ ପୋଷ୍ଟ କରି କୁହାଯାଇଛି, ଏହି ୩ ଭାରତୀୟଙ୍କ ସହ ସମ୍ପର୍କ ସ୍ଥାପନ ହୋଇପାରୁ ନ ଥିବା ନେଇ ସେମାନଙ୍କ ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ଭାରତୀୟ ଦୂତାବାସ ବୁଧବାର ଏହି ମାମଲାକୁ ସ୍ଥାନୀୟ ଅଧିକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରିଛି। ଏହି ୩ ଭାରତୀୟଙ୍କୁ ଖୋଜିବା ପାଇଁ ଇରାନୀ ଅଧିକାରୀଙ୍କ ସହ ସକ୍ରିୟ ଭାବେ କାମ କରୁଥିବା ନେଇ ଭାରତୀୟ ଦୂତାବାସ କହିଛି। ଗତ ମେ' ୧ରେ ଏହି ୩ ଭାରତୀୟ ଇରାନର ରାଜଧାନୀ ତେହରାନରେ ପହଞ୍ଚିଥିଲେ। ୧୧ ତାରିଖ ପରଠାରୁ ସେମାନଙ୍କ ସହ ସମ୍ପର୍କ ସ୍ଥାପନ ହୋଇପାରୁ ନାହିଁ ବୋଲି ହୁସନ୍‌ପ୍ରିତଙ୍କ ମା' କହିଛନ୍ତି। ଏହି ୩ ଭାରତୀୟଙ୍କୁ ଅପହରଣ କରାଯାଇଛି ବୋଲି ସେ କହିଛନ୍ତି। ସେମାନଙ୍କୁ ମୁକୁଳାଇବା ପାଇଁ ଅପହରଣକାରୀମାନେ ୧ କୋଟି ଟଙ୍କା ଦାବି କରିଛନ୍ତି। ହୁସନ୍‌ପ୍ରିତ ଏବଂ ଅନ୍ୟ ୨ ଭାରତୀୟଙ୍କୁ ହଳଦିଆ ରଙ୍ଗର ଏକ ଦଉଡ଼ିରେ ବନ୍ଧା ଯାଇ ରଖାଯିବାର ଏକ ଭିଡିଓ ଅପହରଣକାରୀମାନେ ପଠାଇଥିଲେ। ଟଙ୍କା ନ ପଠାଇଲେ ସେମାନଙ୍କୁ ହତ୍ୟା କରାଯିବ ବୋଲି ଅପହରଣକାରୀ ଧମକ ଦେଇଥିବା ପରିବାର ଲୋକେ କହିଛନ୍ତି। ଏହି ୩ ବ୍ୟକ୍ତିଙ୍କୁ ଇରାନ ପଠାଇଥିବା ହୋସିଆରପୁରର ଏଜେଣ୍ଟ ଏବେ ନିଖୋଜ ଥିବା ଜଣାପଡ଼ିଛି।

# ବାଧାପ୍ରାପ୍ତ ହେବ ସିସିଟିଭି କ୍ୟାମେରା ଯୋଗାଣ



**ସିସିଟିଭି ନିର୍ମାତାମାନଙ୍କ ପାଇଁ ଭାରତୀୟ ନିୟାମକମାନେ ନୂଆ ସୁରକ୍ଷା ନିୟମ ଆଣିଛନ୍ତି। ତଦନୁସାରେ ସିସିଟିଭି କ୍ୟାମେରା ଉତ୍ପାଦନକାରୀଙ୍କୁ ଏହାର ହାର୍ଡୱେର ଓ ସଫ୍ଟୱେର ସୋର୍ସ କୋଡ୍ ଆସେସ୍‌ମେଣ୍ଟ ଦେବାକୁ ପଡ଼ିବ। ଚାଇନା ନିର୍ମିତ ସିସିଟିଭି କ୍ୟାମେରାରେ ଗୁପ୍ତଚରଗିରିକୁ ନେଇ ଭାରତ ସରକାର ଚିନ୍ତିତ ଥିବାବେଳେ ପ୍ରିଭେସି (ଗୋପନୀୟତା) ଓ ସିକ୍ୟୁରିଟି (ନିରାପତ୍ତା)କୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଅଣାଯାଇଥିବା ଏହି ଏସେନ୍ସିଆଲ ରିକ୍ୱାରମେଣ୍ଟ ବା ଅପରିହାର୍ଯ୍ୟ ଆବଶ୍ୟକତା (ଇଆର୍) ନିୟମକୁ ବାଧ୍ୟତାମୂଳକ କରାଯାଇଥିବା ଅଧିକାରୀମାନେ କହିଛନ୍ତି। ଅନ୍ୟପକ୍ଷେ ନିର୍ମାଣକାରୀ ସଂସ୍ଥାଗୁଡ଼ିକ ଏଭଳି ହାଇ-ସିକ୍ୟୁରିଟି ଯୋଗୁ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଥିବା ଦର୍ଶାଇଛନ୍ତି। ଏହି ପୃଷ୍ଠଭୂମିରେ ସିକ୍ୟୁରିଟି କ୍ୟାମେରାର ଚାହିଦା ବଢୁଥିବାବେଳେ ନୂଆ ନିୟମ ଯୋଗୁ ଯୋଗାଣ ବାଧାପ୍ରାପ୍ତ ହୋଇପାରେ ବୋଲି ଶିଳ୍ପ ଜଗତ ସତର୍କ କରାଇଛି।**

ନୂଆଦିଲ୍ଲୀ,୨୮।୫

ସିକ୍ୟୁରିଟି କ୍ୟାମେରା ନିର୍ମାତାଙ୍କ ପାଇଁ ଅପରିହାର୍ଯ୍ୟ ଆବଶ୍ୟକତା (ଇଆର୍) ନିୟମକୁ ବାଧ୍ୟତାମୂଳକ କରାଯାଇଥିବା ବିଷୟ ସରକାରୀ ଦସ୍ତାବିଜ ଓ କମ୍ପାନୀ ଇମେଲ୍‌ଗୁଡ଼ିକରୁ ଜଣାପଡ଼ିଛି। ଦେଶରେ ଚାଇନା ସର୍ଭିଲାନ୍ସ କ୍ଷମତା ସମ୍ପର୍କିତ ଚିନ୍ତା ବଢ଼ିଥିବାବେଳେ ଏହି ସିକ୍ୟୁରିଟି ଟେଷ୍ଟିଂ ନୀତି ଯୋଗୁ ବୈଶ୍ୱିକ ସର୍ଭିଲାନ୍ସ ଉପକରଣ ନିର୍ମାତାମାନେ ଭାରତକୁ ସିସିଟିଭି ଯୋଗାଇବାକୁ ମଙ୍ଗୁନାହାନ୍ତି। ଏଭଳି ସ୍ଥିତିରେ ସେମାନେ ସରକାରୀ ପ୍ରୟୋଗଶାଳାରେ ମୂଲ୍ୟାଙ୍କନ ପାଇଁ ହାର୍ଡୱେର, ସଫ୍ଟୱେର ଓ କୋଡ୍ ସୋର୍ସ ଦାଖଲ କରିବା ନେଇ ଦାବି ସମ୍ପର୍କିତ ନୂଆ ନିୟମାବଳୀ ବିଦେଶୀ ନିର୍ମାତା ଓ ଭାରତୀୟ ରେଗୁଲେଟର୍ସଙ୍କୁ ମୁହାଁମୁହିଁ କରିଛି। ଚାଇନାର ଚତୁର ସର୍ଭିଲାନ୍ସ ସାମର୍ଥ୍ୟକୁ ନେଇ ଚିନ୍ତିତ ନୂଆଦିଲ୍ଲୀ ସିସିଟିଭି ନିର୍ମାଣକାରୀ ସଂସ୍ଥାଗୁଡ଼ିକ ପାଇଁ ନୂଆ ନିୟମ ଆଣିଥିବା ଭାରତୀୟ ନୀତି ପ୍ରଣୟନରେ ସମ୍ପୃକ୍ତ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ୨୦୨୧ରେ ତତ୍କାଳୀନ ଇନ୍‌ଫର୍ମେଶନ୍ ଟେକ୍ନୋଲୋଜି (ଆଇଟି) ରାଷ୍ଟ୍ରମନ୍ତ୍ରୀ ପାର୍ଲାମେଣ୍ଟରେ କହିଥିଲେ, ସରକାରୀ ପ୍ରତିଷ୍ଠାନଗୁଡ଼ିକରେ ସଂଲଗ୍ନ ୧୦ ଲକ୍ଷ ସିସିଟିଭି କ୍ୟାମେରା ଚାଇନା କମ୍ପାନୀଗୁଡ଼ିକ ଦ୍ୱାରା ନିର୍ମିତ ହୋଇଛି। ତେଣୁ ସର୍ଭର୍ସ ବୋର୍ଡକୁ ଭିଡିଓ ଡେଟା ଟ୍ରାନ୍ସଫର ହେବା ଆଶଙ୍କା ରହିଛି। ଗତ ଏପ୍ରିଲରୁ ଲାଗୁ ହୋଇଥିବା ନୂଆ ଇଆର୍ ଅନୁସାରେ ଚାଇନାର ହିକ୍‌ଭିଜନ୍(୦୦୨୪୧୫.ଏସ୍‌ଜେଡ୍), ଶି ଓମି (୧୮୧୦.ଏଚ୍‌କେ), ଦହୁଆ(୦୦୨୨୩୬.ଏସ୍‌ଜେଡ୍), ଦକ୍ଷିଣ କୋରିଆର ହନ୍‌ୱ୍ହା ଏବଂ ମଟୋରୋଲା ସୋଲ୍ୟୁସନ୍ସ(ଏମ୍‌ଏସ୍‌ଆଇ.ଏନ୍) ସମେତ ଆମେରିକାର ଓପନ୍ସ ନ୍ୟୁ ଟ୍ୟାବ୍ ନିଜ କ୍ୟାମେରାଗୁଡ଼ିକୁ ବିଶ୍ୱର ସବୁଠୁ ଜନବହୁଳ ରାଷ୍ଟ୍ରରେ ବିକ୍ରି କରିବା ପୂର୍ବରୁ ଭାରତ ସରକାରଙ୍କ ଲ୍ୟାବ୍‌ରେ ଯାଞ୍ଚ କରାଇବା ପାଇଁ ଦାଖଲ କରିବେ। ଏହି ନୀତି ୨୦୨୫ ଏପ୍ରିଲ ୯ ପରଠୁ ନିର୍ମିତ କିମ୍ବା ଆମଦାନୀ ହୋଇଥିବା ସମସ୍ତ ଇଣ୍ଟରନେଟ୍ ସଂଯୋଗଯୁକ୍ତ ସିସିଟିଭି ମଡେଲ ପାଇଁ ପ୍ରଯୁଜ୍ୟ ହେବ। ୨୦୧୫ରୁ ୨୦୧୯ ପର୍ଯ୍ୟନ୍ତ ଭାରତର ସାଇବରସିକ୍ୟୁରିଟି ମୁଖ୍ୟ ଥିବା ଗୁଲଶନ ରାୟ କହିଛନ୍ତି, ସିସିଟିଭି କ୍ୟାମେରାରେ ସବୁବେଳେ ଗୁପ୍ତଚରଗିରି କରାଯିବା ନେଇ ରିସ୍କ ରହୁଛି। ଇଣ୍ଟରନେଟ୍-କନେକ୍ଟେଡ୍ ସିସିଟିଭିକୁ ଯେକେହି ପରିଚାଳନା କରିପାରିବେ। ତେଣୁ ସେଗୁଡ଼ିକରେ ନିରାପତ୍ତା ବ୍ୟବସ୍ଥା ଜରୁରୀ ହୋଇପଡ଼ିଛି। ଏହା ପରେ ଗତ ଏପ୍ରିଲ ୩ରେ ଭାରତୀୟ ଅଧିକାରୀମାନେ ହନ୍‌ୱା, ମଟରୋଲା, ବୋସ୍କ, ହନିୱେଲ୍ ଓ ଶିଓମି ଭଳି ୧୭ ବିଦେଶୀ ଓ ଘରୋଇ ଏକ୍‌ଜିକ୍ୟୁଟିଭ୍‌ଙ୍କ ସହ ବୈଠକ କରିଥିଲେ। ଉକ୍ତ ବୈଠକରେ ଅଧିକାଂଶ ନିର୍ମାତା ସରକାରଙ୍କ ନୂଆ ନିୟମ ମାନିବାକୁ ପ୍ରସ୍ତୁତ ନୁହନ୍ତି ବୋଲି ଜଣାଇଥିଲେ। ଏଥିସହ ନିୟମ ଲାଗୁକୁ ବିଳମ୍ବିତ କରିବା ପାଇଁ ସେମାନେ ଲବି କରିଥିଲେ। କିନ୍ତୁ ସରକାର ସେମାନଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ଏହାକୁ ବାଧ୍ୟତାମୂଳକ ଲାଗୁ କରାଯିବ ବୋଲି କହିଥିଲେ।



### ସର୍ଭିଲାନ୍ସ ଉପକରଣ ପାଇଁ ଭାରତର ନୂଆ ନିୟମ ମାନିବାକୁ ବୈଶ୍ୱିକ ନିର୍ମାତା ନାରାଜ

ଭାରତରେ ସର୍ଭିଲାନ୍ସ ଗିଅର ଯାଞ୍ଚ କରୁଥିବା ସଂସ୍ଥା ହେଉଛି ଷ୍ଟାଣ୍ଡାର୍ଡାଇଜେଶନ୍ ଟେଷ୍ଟିଂ ଆଣ୍ଡ୍ କ୍ୱାଲିଟି ସାର୍ଟିଫିକେଶନ୍ (ଏସ୍‌ଟିକ୍ୟୁସି) ନିର୍ଦ୍ଦେଶାଳୟ, ଯାହାକି ଆଇଟି ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରିଥାଏ। ଉକ୍ତ ଏଜେନ୍ସିର ୧୫ଟି ଲ୍ୟାବ୍ ରହିଛି, ଯେଉଁଠି ଏକକାଳୀନ ୨୮ ଆବେଦନର ସମୀକ୍ଷା କରାଯାଇପାରିବ ବୋଲି ଏହାର ୱେବ୍‌ସାଇଟ୍‌ରେ ଦର୍ଶାଯାଇଥିଲା। ତେବେ ରଏଟର୍ସ ପକ୍ଷରୁ ଏସମ୍ପର୍କିତ ପ୍ରଶ୍ନ କରାଯିବା ପରେ ଉକ୍ତ ତଥ୍ୟକୁ ହଟାଇ ଦିଆଯାଇଛି। ପ୍ରତ୍ୟେକ ଆପ୍ଲିକେଶନ୍‌ରେ ସର୍ବାଧିକ ୧୦ ମଡେଲକୁ ସାମିଲ କରାଯାଇପାରିବ। ମେ' ୨୮ ବୁଧବାର ସୁଦ୍ଧା ବିଭିନ୍ନ ନିର୍ମାତାଙ୍କ ପକ୍ଷରୁ ଦାଖଲ ୩୪୨ ଆବେଦନ ପଡ଼ିରହିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ସେଗୁଡ଼ିକ ମଧ୍ୟରୁ ୨୩୭ ଆବେଦନକୁ ନୂଆ ବୋଲି ବର୍ଗୀକୃତ କରାଯାଇଥିବାବେଳେ ଏପ୍ରିଲ ୯ ପରେ ୧୪୨ ଆବେଦନ ଦାଖଲ ହୋଇଥିବା କୁହାଯାଇଛି। ଏଭଳି ସ୍ଥିତିରେ ସିସିଟିଭି କ୍ୟାମେରାଗୁଡ଼ିକର ନିରାପତ୍ତା ଯାଞ୍ଚ ଠିକ୍ ସମୟରେ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି।

# ମଣିପୁରରେ ନୂଆ ସରକାର ଗଢ଼ିବାକୁ ୪୪ ବିଧାୟକ ପ୍ରସ୍ତୁତ

### ରାଜ୍ୟପାଳଙ୍କୁ ଜଣାଇଲେ ଭାଜପା ନେତା

ଇମ୍ଫାଲ,୨୮।୫(ପି.ଟି.)

ମଣିପୁରରେ ନୂଆ ସରକାର ଗଢ଼ିବା ପାଇଁ ୪୪ ଜଣ ବିଧାୟକ ପ୍ରସ୍ତୁତ ଥିବା ଭାଜପା ବିଧାୟକ ଥୋକ୍‌ଚୋମ୍ ରାଧେଶ୍ୟାମ ସିଂ ବୁଧବାର ରାଜ୍ୟପାଳ ଅଜୟ କୁମାର ଭାଲ୍ଲାଙ୍କୁ ଭେଟିବା ପରେ କହିଛନ୍ତି। ସିଂଙ୍କ ସମେତ ଅନ୍ୟ ୯ ଜଣ ବିଧାୟକ ରାଜଭବନ ଯାଇ ରାଜ୍ୟପାଳଙ୍କୁ ଭେଟିଥିଲେ। ଜନସାଧାରଣଙ୍କ ଇଚ୍ଛା ଅନୁଯାୟୀ ୪୪ ବିଧାୟକ ସରକାର ଗଢ଼ିବା ପାଇଁ ପ୍ରସ୍ତୁତ ଥିବା ନେଇ ଆମେ ରାଜ୍ୟପାଳଙ୍କୁ ଜଣାଇବା ସହ ଏଥିପାଇଁ ସମାଧାନର ସୂତ୍ର ସମ୍ପର୍କରେ ଆଲୋଚନା କରିଛୁ ବୋଲି ସିଂ କହିଛନ୍ତି।

ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପଦକ୍ଷେପ ନେବେ ବୋଲି ରାଜ୍ୟପାଳ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ତେବେ ସେମାନେ ସରକାର ଗଢ଼ିବା ପାଇଁ ଦାବି ଜଣାଇଛନ୍ତି କି ବୋଲି ପ୍ରଶ୍ନ ହେବାରୁ ଭାଜପାର କେନ୍ଦ୍ରୀୟ ନେତୃତ୍ୱ ଏନେଇ ନିଷ୍ପତ୍ତି ନେବ ବୋଲି ସିଂ କହିଛନ୍ତି। ବାଚସ୍ପତି ଥୋକ୍‌ଚୋମ୍ ସତ୍ୟବ୍ରତ ସିଂ ୪୪ ବିଧାୟକଙ୍କୁ ବ୍ୟକ୍ତିଗତ ଭାବେ ଏବଂ ଏକାଠି ଭେଟିଛନ୍ତି। ସରକାର ଗଠନରେ କାହାର ବିରୋଧ ନ ଥିବା ଭାଜପା ନେତା ସ୍ପଷ୍ଟ କରିଛନ୍ତି।



ଥୋକ୍‌ଚୋମ୍ ରାଧେଶ୍ୟାମ ସିଂ

୨୦୨୩ ମେ'ରୁ ମଣିପୁରରେ ମେଇତି ଏବଂ କୁକି-ଜୋ ସମ୍ପ୍ରଦାୟ ମଧ୍ୟରେ ଦୀର୍ଘଦିନ ଧରି ଜାତିଆଣ ହିଂସା ଲାଗିରହିଥିବାବେଳେ ଏହାକୁ ନିୟନ୍ତ୍ରଣ କରିବାରେ ଏନ୍. ବୀରେନ୍ ସିଂ ସରକାର ବିଫଳ ହୋଇଥିବାରୁ ସମାଲୋଚିତ ହୋଇଥିଲେ। ଗତ ଫେବୃଆରୀରେ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ମଣିପୁରରେ ରାଷ୍ଟ୍ରପତି ଶାସନ ଜାରି ହୋଇଥିଲା। ୬୦ ଆସନ ବିଶିଷ୍ଟ ମଣିପୁର ବିଧାନସଭାରେ ଏବେ ୫୯ ବିଧାୟକ ଥିବାବେଳେ ଜଣେ ବିଧାୟକଙ୍କ ପରଲୋକ ଯୋଗୁ ଗୋଟିଏ ଆସନ ଖାଲି ପଡ଼ିଛି। ଭାଜପା ନେତୃତ୍ୱାଧୀନ ମେଣ୍ଟରେ ୩୨ ଜଣ ମେଇତି ବିଧାୟକ, ୩ ମଣିପୁରୀ ମୁସଲିମ୍ ବିଧାୟକ ଏବଂ ୯ ଜଣ ନାଗା ବିଧାୟକଙ୍କୁ ମିଶାଇ ମୋଟ ୪୪ ଜଣ ରହିଛନ୍ତି। କଂଗ୍ରେସରୁ ୫ ଜଣ ମେଇତି ବିଧାୟକ ରହିଥିବାବେଳେ ଅବଶିଷ୍ଟ ୧୦ କୁକି ବିଧାୟକଙ୍କ ମଧ୍ୟରୁ ୭ ଜଣ ଭାଜପା ଟିକେଟରେ ଜିତିଥିଲେ। ୨ ଜଣ କୁକି ପିପୁଲ୍ସ ଆଲିଆନ୍ସର ହୋଇଥିବାବେଳେ ଜଣେ ସ୍ୱାଧୀନ ବିଧାୟକ।

### ଅଳ୍ପକେ ବର୍ତ୍ତିଲେ ବିମାନର ୧୮୦ ଯାତ୍ରୀ

ଚେନ୍ନାଇ, ୨୮।୫

ସିଙ୍ଗାପୁରରୁ ଚେନ୍ନାଇ ଆସୁଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ଏକ ବିମାନ ଅବତରଣ କରିବାର ଠିକ୍ ପୂର୍ବରୁ ୨୦୦ ଫୁଟ ଉଚ୍ଚତାରେ ଏହାର ଲାଣ୍ଡିଂକୁ ବାତିଲ କରାଯାଇଥିଲା। ବିମାନ ଯାଉଥିବା ଦିଗରେ ପ୍ରବଳ ପବନ ବହୁଥିବାରୁ ଲାଣ୍ଡିଂବେଳେ ଅଘଟଣ ଘଟିବାର ଆଶଙ୍କା କରି ପାଇଲଟ 'ଗୋ ଆରାଉଣ୍ଡ'ର ନିଷ୍ପତ୍ତି ନେଇଥିଲେ। ଫଳରେ ବିମାନଟିକୁ ୩୦ ମିନିଟ ଧରି ଉଡ଼ିବାକୁ ପଡ଼ିଥିଲା ଏବଂ ଏହାପରେ ଦ୍ୱିତୀୟ ପ୍ରୟାସରେ ବିମାନଟି ସୁରକ୍ଷିତ ଅବତରଣ କରିଥିଲା। ବିମାନରେ ଥିବା ସମସ୍ତ ୧୮୦ ଜଣ ଯାତ୍ରୀ ସୁରକ୍ଷିତ ଅଛନ୍ତି।

### କମଲ ହାସନଙ୍କ ପାଇଁ ରାଜ୍ୟ ସଭା ସିଟ୍ ଛାଡ଼ିଲା ଡିଏମ୍‌କେ

ଚେନ୍ନାଇ, ୨୮।୫

ଆସନ୍ତା ୧୯ରେ ତାମିଲନାଡୁର ୬ ରାଜ୍ୟ ସଭା ଆସନ ପାଇଁ ନିର୍ବାଚନ ହେବ। ରାଜ୍ୟର ଶାସନରେ ଥିବା ଡିଏମ୍‌କେ ୪ ଆସନରେ ଲଢ଼ିବ ବୋଲି ବୁଧବାର ଦଳ ପକ୍ଷରୁ ଘୋଷଣା କରାଯାଇଛି। ସେହିପରି ସହଯୋଗୀ କମଲ ହାସନଙ୍କ ଦଳ ମକ୍କଲ ନିଧି ମୟମ (ଏମ୍‌ଏନ୍‌ଏମ୍)କୁ ଗୋଟିଏ ସିଟ୍ ଛାଡ଼ିବାକୁ ଦଳ ଘୋଷଣା କରିଛି। ଦଳ ପକ୍ଷରୁ ରାଜ୍ୟ ସଭା ନିର୍ବାଚନ ପାଇଁ ୩ ଜଣଙ୍କର ନାଁ ଘୋଷଣା କରାଯାଇଛି। ଡିଏମ୍‌କେ ପକ୍ଷରୁ ବରିଷ୍ଠ ଆଡ୍‌ଭୋକେଟ ପି. ୱିଲସନ, ଦଳୀୟ ନେତା ଏସ୍‌ଆର୍ ଶିବଲିଙ୍ଗମ ଏବଂ କବି ତଥା ଲେଖକ ରୁକୟା ମଲିକଙ୍କ ନାଁକୁ ରାଜ୍ୟ ସଭା ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି।



କଂଗ୍ରେସ ନେତା ଶଶୀ ଥରୁରଙ୍କ ନେତୃତ୍ୱରେ ପାନାମା ଯାଇଥିବା ବହୁଦଳୀୟ ପ୍ରତିନିଧି ମଣ୍ଡଳୀ ସେଠାର ନ୍ୟାଶନାଲ ଆସେମ୍ବ୍ଲି ଅଧ୍ୟକ୍ଷ ଡାନା କାଷ୍ଟାନେଡା ଓ ଅନ୍ୟମାନଙ୍କୁ ଭେଟୁଛନ୍ତି।

# 'ତାମିଲରୁ ଜନ୍ମ ନେଇଛି କନ୍ନଡ଼'

ଚେନ୍ନାଇ/ବେଙ୍ଗାଲୁରୁ, ୨୮।୫ (ପି.ଟି.)

ଅଭିନେତା କମଲ ହାସନ ବିବାଦ ଘେରକୁ ଆସିଛନ୍ତି। ମଙ୍ଗଳବାର ଚେନ୍ନାଇରେ ନିଜ ଆଗାମୀ ଫିଲ୍ମ 'ଠଗ୍ ଲାଇଫ୍'ର ଅଡିଓ ଲଞ୍ଚ୍ କାର୍ଯ୍ୟକ୍ରମରେ କମଲ କହିଥିଲେ, କନ୍ନଡ଼ ଭାଷା ତାମିଲ ଭାଷାରୁ ଜନ୍ମ ନେଇଛି। ଉକ୍ତ କାର୍ଯ୍ୟକ୍ରମରେ କନ୍ନଡ଼ ଅଭିନେତା ଶିବରାଜ୍ କୁମାରଙ୍କୁ କେନ୍ଦ୍ରକରି କମଲ କହିଥିଲେ, ତାମିଲ ଭାଷା ସହ ଜଡ଼ିତ ହୋଇଥିବାରୁ ସେ ଗର୍ବିତ। ପ୍ରତ୍ୟକ ତାମିଲ ହେଉଛନ୍ତି ତାଙ୍କ ପରିବାର। ଶିବରାଜ୍ ମଧ୍ୟ ତାଙ୍କ ପରିବାରର ସଦସ୍ୟ। ଶିବରାଜଙ୍କ ଭାଷା କନ୍ନଡ଼ ତାମିଲ ଭାଷାରୁ ଜନ୍ମିତ। କମଲଙ୍କର ଏହି ବୟାନକୁ ନେଇ କର୍ଣ୍ଣାଟକରେ ବିବାଦ ଦେଖାଦେଇଛି। କର୍ଣ୍ଣାଟକର ଅନେକ ରାଜନେତା ଏବଂ ସଙ୍ଗଠନ ପକ୍ଷରୁ କମଲଙ୍କ ଏହି ମନ୍ତବ୍ୟକୁ ଦୃଢ଼ ବିରୋଧ କରାଯାଇଛି। ବିଭିନ୍ନ କନ୍ନଡ଼ ସଙ୍ଗଠନ ପକ୍ଷରୁ ବୁଧବାର 'ଠଗ୍‌ଲାଇଫ' ଫିଲ୍ମର ପୋଷ୍ଟରକୁ ଚିରାଯାଇଛି। ତାଙ୍କ ବିରୋଧରେ ଏତଲା ରୁଜୁ କରାଯାଇଛି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମୈୟା କହିଛନ୍ତି, କନ୍ନଡ଼ ଭାଷାର ଏକ ଲମ୍ବା ଇତିହାସ ରହିଛି, ଯାହା ବିଷୟରେ କମଲ ଜାଣିନାହାନ୍ତି। କମଲଙ୍କ ଫିଲ୍ମ ଉପରେ କର୍ଣ୍ଣାଟକରେ କଟକଣା ଲଗାଇବା ପାଇଁ କନ୍ନଡ଼ ଫିଲ୍ମ ଇଣ୍ଡଷ୍ଟ୍ରିର ସମସ୍ତ ଅଂଶୀଦାରଙ୍କ ସହ ଗୁରୁବାର ଏକ ବୈଠକ ଡକାଯାଇଛି ବୋଲି କର୍ଣ୍ଣାଟକ ଫିଲ୍ମ ଚ୍ୟାମ୍ବର ଅଫ୍ କମର୍ସର ସଭାପତି ଏମ୍ ନରସିଂହାଲୁ କହିଛନ୍ତି। ବିବାଦ ବଢ଼ିବା ପରେ କମଲ ନିଜ ମନ୍ତବ୍ୟକୁ ନେଇ ସଫେଇ ରଖିଛନ୍ତି। ସେ ଯାହା କିଛି ବି କହିଛନ୍ତି, ତାହା ତାମିଲ ଭାଷା ପ୍ରତି ତାଙ୍କର ଭଲ ପାଇବା ଥିଲା। କନ୍ନଡ଼ ଭାଷାକୁ ଅସମ୍ମାନ କରିବା ତାଙ୍କର ଉଦ୍ଦେଶ୍ୟ ନ ଥିଲା।



କମଲ ହାସନ

### ବିବାଦରେ କମଲ ହାସନ୍

#### କର୍ଣ୍ଣାଟକରେ ଫିଲ୍ମ ବ୍ୟାନ୍ ପାଇଁ ଦାବି

# ଆଗାମୀ ୪ ବର୍ଷ ପ୍ରଚଣ୍ଡ ତାତି

### ୨୦୨୫-୨୯ରେ ପୃଥିବୀ ତାପମାତ୍ରା ୧.୫ ଡିଗ୍ରୀ ସୀମା ଟପିପାରେ: ଡବ୍ଲ୍ୟୁଏମ୍ଓ

ନୂଆଦିଲ୍ଲୀ,୨୮।୫(ପି.ଟି.)

୨୦୨୫ରୁ ୨୦୨୯ ଅବଧି ମଧ୍ୟରେ କୌଣସି ବର୍ଷ ପୃଥିବୀର ହାରାହାରି ତାପମାତ୍ରା ପ୍ରାକ୍-ଶିଳ୍ପାଞ୍ଚଳ ସ୍ତର ୧.୫ ଡିଗ୍ରୀ ସେଲ୍‌ସିୟସ୍‌ର ସୀମା ଅତିକ୍ରମ କରିବା ନେଇ ୭୦ ପ୍ରତିଶତ ଆଶଙ୍କା ରହିଛି। ଏହାର ନକାରାତ୍ମକ ପ୍ରଭାବ ଆମ ଅର୍ଥନୀତି, ଦୈନନ୍ଦିନ ଜୀବନ ଓ ପୃଥିବୀର ପରିବେଶ ଉପରେ ପଡ଼ିବ ବୋଲି ବୁଧବାର ବିଶ୍ୱ ପାଣିପାଗ ସଙ୍ଗଠନ (ଡବ୍ଲ୍ୟୁଏମ୍ଓ) ପକ୍ଷରୁ ଜାରି ଏକ ରିପୋର୍ଟରେ ସତର୍କ କରାଯାଇଛି।

ଡବ୍ଲ୍ୟୁଏମ୍ଓ ଦ୍ୱାରା ପ୍ରକାଶିତ ଉକ୍ତ ରିପୋର୍ଟରେ କୁହାଯାଇଛି ଯେ ଆଗାମୀ ୫ ବର୍ଷରୁ ବର୍ଷକ ଭିତରେ ବୈଶ୍ୱିକ ତାପମାତ୍ରା ୨୦୨୪ର ଉଷ୍ମତା ରେକର୍ଡକୁ ଭାଙ୍ଗିବାର ୮୦% ଆଶଙ୍କା ରହିଛି। ୨୦୨୪ ସବୁଠୁ ଉତ୍ତପ୍ତ ବର୍ଷ ହେବା ସହ ବୈଶ୍ୱିକ ତାପମାତ୍ରା ୧୮୫୦-୧୯୦୦ ମସିହାର ବେସ୍‌ଲାଇନ୍ ଉପରେ ୧.୫ ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିଥିଲା। ଏହି ଅବଧି ମଧ୍ୟରେ ଜୀବାଶ୍ମ ଇନ୍ଧନ ଜାଳେଣି ଭଳି ମାନବୀୟ କାର୍ଯ୍ୟକଳାପ ବୃଦ୍ଧିପାଇ ଜଳବାୟୁକୁ ବହୁଳମାତ୍ରାରେ ପ୍ରଭାବିତ କରିବା ଆରମ୍ଭ ହୋଇଥିଲା। ୧.୫ ଡିଗ୍ରୀ ସେଲ୍‌ସିୟସ୍ ହେଉଛି ସେହି ମାପଦଣ୍ଡ, ଯାହାକୁ ନେଇ ୨୦୧୫ ପ୍ୟାରିସ୍ ଜଳବାୟୁ ସମ୍ମିଳନୀରେ ଦେଶଗୁଡ଼ିକ ଜଳବାୟୁ ପରିବର୍ତ୍ତନର ସବୁଠୁ ଖରାପ ପରିଣାମକୁ ଏଡ଼ାଇବା ପାଇଁ ସହମତି ପ୍ରକାଶ କରିଥିଲେ। ୧.୫ ଡିଗ୍ରୀ ସେଲ୍‌ସିୟସ ସୀମା ସ୍ଥାୟୀ ଭାବେ ଉଲ୍ଲଂଘନ ହେଲେ ଆଗାମୀ ୨୦ରୁ ୩୦ ବର୍ଷ ପର୍ଯ୍ୟନ୍ତ ଦୀର୍ଘକାଳୀନ ଉଷ୍ମତା ବୃଦ୍ଧି ଘଟିପାରେ ବୋଲି ପ୍ୟାରିସ୍ ଚୁକ୍ତିନାମାରେ ଉଲ୍ଲେଖ କରାଯାଇଛି। ଦେଶଗୁଡ଼ିକୁ ସେମାନଙ୍କ ପରବର୍ତ୍ତୀ ପର୍ଯ୍ୟାୟର ନ୍ୟାଶନାଲି ଡିଟର୍ମାଇନ୍‌ଡ କଣ୍ଟ୍ରିବ୍ୟୁଶନ୍ (ଏନ୍‌ଡିସି) କିମ୍ବା ୨୦୩୧-୨୦୩୫ ବର୍ଷ ପାଇଁ ଜାତୀୟ ଜଳବାୟୁ ଯୋଜନା ସମ୍ପର୍କିତ ବିବରଣୀ ଚଳିତ ବର୍ଷ ଜାତିସଂଘ ଜଳବାୟୁ ପରିବର୍ତ୍ତନ କାର୍ଯ୍ୟାଳୟରେ ଦାଖଲ କରିବାକୁ ପଡ଼ିବ। ଏହି ଜଳବାୟୁ ଯୋଜନାଗୁଡ଼ିକର ସାମଗ୍ରିକ ଲକ୍ଷ୍ୟ ହେଉଛି ବୈଶ୍ୱିକ ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରି ସେଲ୍‌ସିୟସ ଭିତରେ ସୀମିତ ରଖିବା।

ଡବ୍ଲ୍ୟୁଏମ୍ଓ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ୨୦୨୫ରୁ ୨୦୨୯ ଭିତରେ ଏହି ତାପମାତ୍ରାର ସୀମା ୧.୨ରୁ ୧.୯ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହିପାରେ, ଯାହାକି ୧୮୫୦ରୁ ୧୯୦୦ ମଧ୍ୟରେ ବଢ଼ିଥିବା ତାତିରୁ ଅଧିକ। ଏନେଇ ଡବ୍ଲ୍ୟୁଏମ୍ଓ ଡେପୁଟି ସେକ୍ରେଟାରି ଜେନେରାଲ କୋ ବାରେଟ୍ଟ କହିଛନ୍ତି, ଆମେ ୧୦ ସବୁଠୁ ଉତ୍ତପ୍ତ ବର୍ଷକୁ ଦେଖିଛୁ। ଦୁର୍ଭାଗ୍ୟବଶତଃ ଡବ୍ଲ୍ୟୁଏମ୍ଓ ରିପୋର୍ଟରୁ ଆଗାମୀ ବର୍ଷଗୁଡ଼ିକରେ ଏଥିରୁ ଆଶ୍ୱସ୍ତି ମିଳିବା ଆଶା ଦିଶୁନାହିଁ। ଅର୍ଥାତ୍ ଆମ ଅର୍ଥନୀତି, ଦୈନନ୍ଦିନ ଜୀବନ ଓ ପୃଥିବୀର ପରିବେଶ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିବ। ତେବେ ନିରନ୍ତର ଭାବେ ଜଳବାୟୁ ଅନୁଧ୍ୟାନ ଓ ପୂର୍ବାନୁମାନ କରାଯିବା ଦ୍ୱାରା ନିଷ୍ପତ୍ତି ଗ୍ରହଣକାରୀଙ୍କୁ ବିଜ୍ଞାନ ଭିତ୍ତିକ ସୂଚନା ହାସଲରେ ସହାୟକ ହେବ ବୋଲି ସେ କହିଛନ୍ତି।



# ଦୀପିକା କକ୍କରଙ୍କୁ ଷ୍ଟେଜ୍ ୨ ଲିଭର କ୍ୟାନ୍‌ସର

ମୁମ୍ବାଇ

ଟିଭି ଅଭିନେତ୍ରୀ ଦୀପିକା କକ୍କର ସମ୍ପ୍ରତି ନିଜ ବ୍ୟକ୍ତିଗତ ଜୀବନରେ କଠିନ ପର୍ଯ୍ୟାୟ ଦେଇ ଗତି କରୁଛନ୍ତି। ସେ ଷ୍ଟେଜ୍-୨ ଲିଭର କ୍ୟାନ୍‌ସରରେ ପୀଡ଼ିତ ଥିବା ନେଇ ବୁଧବାର ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି। ତାଙ୍କ ପାଇଁ ପ୍ରାର୍ଥନା କରିବାକୁ ସେ ନିଜର ସମସ୍ତ ପ୍ରଶଂସକଙ୍କୁ ଅପିଲ କରିଛନ୍ତି। ପୂର୍ବରୁ ଦୀପିକା ନିଜ ସ୍ୱାମୀ ତଥା ଟିଭି ଅଭିନେତା ସୋଏବ ଇବ୍ରାହିମଙ୍କ ସହ ଏକ ବ୍ଲଗ୍ ଶେୟାର କରି ତାଙ୍କ ଲିଭରରେ ଟ୍ୟୁମର ଥିବା ନେଇ ପ୍ରଘଟ କରିଥିଲେ। ଦୀପିକା ଏକ ଇନ୍‌ଷ୍ଟାଗ୍ରାମ ପୋଷ୍ଟକରି ଲେଖିଛନ୍ତି, ଗତ କିଛି ସପ୍ତାହ ତାଙ୍କ ପାଇଁ ଖୁବ୍ କଷ୍ଟସାଧ୍ୟ ଥିଲା। ପେଟର ଉପର ଭାଗରେ ଯନ୍ତ୍ରଣା ଅନୁଭବ କରିବାରୁ ସେ ଡାକ୍ତରଙ୍କ ସହ ସମ୍ପର୍କ କରିଥିଲେ। ତାଙ୍କ ଲିଭରରେ ଟେନିସ୍ ବଲ୍ ଆକାରର ଏକ ଟ୍ୟୁମର ଥିବା ନେଇ ଜଣାପଡ଼ିଥିଲା। ପରୀକ୍ଷା କରିବା ପରେ ଏହି ଟ୍ୟୁମରଟି ଏକ ଦ୍ୱିତୀୟ ପର୍ଯ୍ୟାୟ କର୍କଟ ରୋଗାକ୍ରାନ୍ତ ଟ୍ୟୁମର ହୋଇଥିବା ଜଣାପଡ଼ିଥିଲା। ଦୀପିକା କହିଛନ୍ତି, ସମ୍ପ୍ରତି ସେ ଓ ତାଙ୍କ ପୂରା ପରିବାର କଠିନ ସମୟ ଦେଇ ଗତି କରୁଛନ୍ତି। କର୍କଟ ରୋଗରେ ପୀଡ଼ିତ ହୋଇଥିଲେ ମଧ୍ୟ ବିବ୍ରତ ନ ହୋଇ ସେ ସମ୍ପୂର୍ଣ୍ଣ ସକାରାତ୍ମକ ଅଛନ୍ତି ଏବଂ ଦୃଢ଼ତାର ସହ ଆଗାମୀ ପରିସ୍ଥିତିକୁ ମୁକାବିଲା କରିବେ ବୋଲି ଦୀପିକା କହିଛନ୍ତି। ଦୀପିକାଙ୍କ ଏହି ପୋଷ୍ଟରେ ଅନେକ ସେଲିବ୍ରିଟି ଏବଂ ବହୁ ପ୍ରଶଂସକ ତାଙ୍କର ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରିଛନ୍ତି।



ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ଗୁରୁବାର, ମେ ୨୯/୨୦୨୫ | Bhubaneswar, Thursday, May 29/2025 | ପୃଷ୍ଠା-୧

# ଧାନ ଏମ୍ଏସ୍ପି ୬୯ ଟଙ୍କା ବଢ଼ିଲା

## କମ୍ ସୁଧରେ କୃଷିଋଣ ସୁବିଧା ଆଉ ବର୍ଷେ ବୃଦ୍ଧି



ନୂଆଦିଲ୍ଲୀ,୨୮।୫

କେନ୍ଦ୍ର କ୍ୟାବିନେଟ୍ ୨୦୨୫-୨୬ ବିପଣନ ବର୍ଷ ପାଇଁ ଧାନ ସମେତ ୧୪ଟି ଖରିଫ୍ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) ବଢ଼ାଇବା ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା ଆର୍ଥିକ ବ୍ୟାପାର କ୍ୟାବିନେଟ କମିଟି ନେଇଥିବା ନିଷ୍ପତ୍ତି ଅନୁଯାୟୀ, ଧାନ ଏମ୍ଏସ୍ପି କୁଇଣ୍ଟାଲ ପିଛା ୬୯ ଟଙ୍କା ବୃଦ୍ଧି କରାଯାଇ ନୂଆ ଦର ୨,୩୬୯ ଟଙ୍କା ଧାର୍ଯ୍ୟ କରାଯାଇଛି। ସରକାର ଏଣିକି ଗ୍ରେଡ୍-ଏ ଧାନ କୁଇଣ୍ଟାଲ ୨,୩୮୯ ଟଙ୍କାରେ କିଣିବେ ବୋଲି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅନ୍ୟ ଖରିଫ ଫସଲ ମଧ୍ୟରେ କଳା ତିଳ (ନାଇଜର ସିଡ୍) ଏମ୍ଏସ୍ପି କୁଇଣ୍ଟାଲ ପ୍ରତି ୮୨୦ ଟଙ୍କା ବୃଦ୍ଧି କରାଯାଇଥିବାବେଳେ ମାଣ୍ଡିଆ କୁଇଣ୍ଟାଲ ୫୯୬ ଟଙ୍କା, କପା ୫୮୯ ଟଙ୍କା, ରାଶି ୫୭୯ ଟଙ୍କା ଏବଂ ମକା କୁଇଣ୍ଟାଲ ୧୭୫ ଟଙ୍କା ବୃଦ୍ଧି କରାଯାଇଛି। ତୈଳବୀଜ ମଧ୍ୟରେ ଚିନାବାଦାମ କୁଇଣ୍ଟାଲ ପିଛା ଏମ୍ଏସ୍ପି ୪୮୦ ଟଙ୍କା ବୃଦ୍ଧି ହୋଇଥିବାବେଳେ ସୂର୍ଯ୍ୟମୁଖୀ ୪୪୧ ଟଙ୍କା ଏବଂ ସୋୟାବିନ୍ ୪୩୬ ଟଙ୍କା ବଢ଼ିଛି। ହରଡ଼ ଡାଲି ଏମ୍ଏସ୍ପି ୪୫୦ ଟଙ୍କା ବଢ଼ିଥିବାବେଳେ ମୁଗ ଡାଲି ୮୬ ଟଙ୍କା ଏବଂ ବିରି ୪୦୦ ଟଙ୍କା ବଢ଼ିଛି। କୃଷି ଆୟ ବୃଦ୍ଧି କରିବା ସହ ଗ୍ରାମାଞ୍ଚଳ ସଙ୍କଟ ଦୂର ନିମନ୍ତେ ସହାୟତା ସ୍ୱରୂପ କେନ୍ଦ୍ର ସରକାର ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିଛନ୍ତି। ମୌସୁମୀ ସହିତ ବିହନ ବୁଣା ସମୟ ଆସିଯାଇଥିବାରୁ ଏମ୍ଏସ୍ପିରେ ସଂଶୋଧନ କରାଯାଇଛି। ଫଳରେ କୃଷକମାନଙ୍କ ଫସଲ ଚୟନ ଉପରେ ଏହା ପ୍ରଭାବ ପକାଇବ ବୋଲି ଆଶା କରାଯାଉଛି। ଚାଷୀମାନେ ଯେପରି ସେମାନଙ୍କ ଫସଲ ଉତ୍ପାଦନ ପାଇଁ ସର୍ବନିମ୍ନ ମୂଲ୍ୟ ନିଶ୍ଚିତ ପାଇବେ ସେଥିପାଇଁ ଏମ୍ଏସ୍ପି ଏକ ସୁରକ୍ଷା କବଚ ଭାବେ କାର୍ଯ୍ୟ କରିଥାଏ। ସଂଶୋଧିତ ଏମ୍ଏସ୍ପି ଜୁନ୍ରୁ ଆରମ୍ଭ ହେଉଥିବା ଖରିଫ ଋତୁରୁ କାର୍ଯ୍ୟକାରୀ ହେବ।

ଏହା ବ୍ୟତୀତ କେନ୍ଦ୍ର କ୍ୟାବିନେଟ ସଂଶୋଧିତ ସୁଧ ଅନୁଦାନ ଯୋଜନା (ଏମ୍ଆଇଏସ୍ଏସ୍)କୁ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଳବତ୍ତର ରଖିବା ପ୍ରସ୍ତାବକୁ ଅନୁମୋଦନ କରିଛି। ତଦନୁଯାୟୀ, କୃଷକମାନଙ୍କୁ ଯୋଗାଇଦିଆଯାଉଥିବା ସ୍ୱଳ୍ପମିଆଦୀ କୃଷିଋଣ ପାଇଁ ବର୍ତ୍ତମାନର ୧.୫ ପ୍ରତିଶତ ସୁଧ ଛାଡ଼ ଜାରି ରହିବ। ଏମ୍ଆଇଏସ୍ଏସ୍ ହେଉଛି ଏକ କେନ୍ଦ୍ରୀୟ ଯୋଜନା, ଯାହାଦ୍ୱାରା କିଷାନ କ୍ରେଡିଟ୍ କାର୍ଡ (କେସିସି) ଜରିଆରେ ☞ପୃଷ୍ଠା-୨

# ଆଜି ୫ ରାଜ୍ୟରେ ମକ୍ ଡ୍ରିଲ୍

ନୂଆଦିଲ୍ଲୀ,୨୮।୫

ପାକିସ୍ତାନ ସୀମା ସଂଲଗ୍ନ ଗୁଜରାଟ, ରାଜସ୍ଥାନ, ପଞ୍ଜାବ ଓ ଜମ୍ମୁ-କଶ୍ମୀରରେ ଗୁରୁବାର ଅପରାହ୍ନ ୫ଟାରେ ବେସାମରିକ ପ୍ରତିରକ୍ଷା ମକ୍ ଡ୍ରିଲ୍ କରାଯିବ। ଏଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ହରିୟାଣା ମଧ୍ୟ ମକ୍ ଡ୍ରିଲ୍ କରିବାକୁ ପ୍ରସ୍ତୁତି ଚଳାଇଛି। ପହଲଗାମ୍ରେ ଆତଙ୍କବାଦୀମାନେ ୨୬ ଜଣଙ୍କୁ ହତ୍ୟା କରିବା ପରେ ମେ' ୭ରେ ସାରା ଦେଶର ୨୪୪ ଜିଲାରେ ମକ୍ ଡ୍ରିଲ୍ କରାଯାଇଥିଲା। ଏବେ ମେ' ୨୯ରେ ହେବାକୁ ଯାଉଥିବା 'ଅପରେଶନ୍ ଶିଲ୍ଡ' ଶୀର୍ଷକ ମକ୍ ଡ୍ରିଲ୍କୁ ନେଇ ହରିୟାଣା ସରକାର ମଧ୍ୟ ପ୍ରସ୍ତୁତ ହୋଇଛନ୍ତି। ଏହି ମକ୍ ଡ୍ରିଲ୍ ରାଜ୍ୟଗୁଡ଼ିକର ଜରୁରୀ ପ୍ରସ୍ତୁତି ଓ ଶତ୍ରୁପକ୍ଷର ସମ୍ଭାବ୍ୟ ଆକ୍ରମଣ ବେଳେ ଜବାବ ଦେବା ଦକ୍ଷତାକୁ ଦର୍ଶାଇଥାଏ ବୋଲି ଜଣେ ଅଧିକାରୀ କହିଛନ୍ତି। ଇତିମଧ୍ୟରେ ପାକିସ୍ତାନ ଆଗକୁ କୌଣସି ପ୍ରକାର ଦୁଃସାହସିକ କାର୍ଯ୍ୟ କଲେ ଭାରତ ଏହାର ମୁହଁତୋଡ଼ ଜବାବ ଦେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନେକ ଥର ସ୍ପଷ୍ଟ କରିସାରିଲେଣି। ଏଭଳି ସ୍ଥିତିରେ ପାକିସ୍ତାନ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇ କୌଣସି ପ୍ରକାର ଯୁଦ୍ଧ ଭଳି କାର୍ଯ୍ୟ କଲେ ତା'ର ମୁକାବିଲା ପାଇଁ ଏହାକୁ ଏକ ପ୍ରସ୍ତୁତି ରୂପେ ଦେଖାଯାଉଛି।

# ବ୍ୟାପିଲା କରୋନା, ଆଉ ୫ ସଂକ୍ରମିତ

## ଭୁବନେଶ୍ୱରରୁ ୪, ଖୋର୍ଦ୍ଧାରୁ ଜଣେ ଚିହ୍ନଟ

- ପ୍ରଥମ ଆକ୍ରାନ୍ତଙ୍କଠାରେ ଓମିକ୍ରନ୍ର ସବ୍ଭାରିଆଣ୍ଟ୍ ଭାଇରସ୍ ଚିହ୍ନଟ
- ଓଡ଼ିଶାରେ ମାରାତ୍ମକ କୋଭିଡ୍ କେସ୍ ଦେଖାଦେଇ ନାହିଁ: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୨୮।୫
(ବନ୍ଦନା ସେଠୀ)

ରାଜ୍ୟରେ ଏବେ କରୋନା ବ୍ୟାପିବା ଆରମ୍ଭ କରିଛି। ଦିନକୁ ଦିନ ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାବେଳେ ୨୪ଘଣ୍ଟା ମଧ୍ୟରେ ରାଜ୍ୟରୁ ଆଉ ୫ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୪ଜଣ ସଂକ୍ରମିତ ଭୁବନେଶ୍ୱରର ହୋଇଥିବାବେଳେ ଜଣେ ଖୋର୍ଦ୍ଧା ଅଞ୍ଚଳର ବୋଲି ଜଣାପଡିଛି। ଏମାନଙ୍କ ମଧ୍ୟରୁ ୪ଜଣ ପୁରୁଷ ଓ ଜଣେ ମହିଳା ଅଛନ୍ତି। ସମସ୍ତ ସଂକ୍ରମିତଙ୍କୁ ସଙ୍ଗରୋଧରେ ରଖାଯିବା ସହ ସେମାନେ ଆଉ କେଉଁମାନଙ୍କ ସଂସ୍ପର୍ଶରେ ଆସିଛନ୍ତି, ତା'ର ଯାଞ୍ଚ କରାଯାଉଛି।



ଅପରପକ୍ଷେ କୋଭିଡ୍କୁ ନେଇ ଆତଙ୍କିତ ହେବାର ଆବଶ୍ୟକତା ନାହିଁ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ନୀଳକଣ୍ଠ ମିଶ୍ର କହିଛନ୍ତି। ରାଜ୍ୟରେ ପୂର୍ବରୁ ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ଭଲ ଅଛି, ସେ ଖୁବ୍ଶୀଘ୍ର ଡିସ୍ଚାର୍ଜ ହେବେ। ଓଡ଼ିଶାରେ ଏବେ ମାରାତ୍ମକ କୋଭିଡ୍ କେସ୍ ଦେଖାଦେଇ ନାହିଁ। ଯଦି କେଉଁଠାରୁ କୋଭିଡ୍ ସଂକ୍ରମଣ ନେଇ ରିପୋର୍ଟ ଆସେ, ତେବେ ତାକୁ ଆର୍ଟିପିସିଆର୍ କରି ପ୍ରଥମେ କନ୍ଫର୍ମ କରାଯାଇ ଜିନମ୍ ସ୍ୱିକ୍ୱେନ୍ସ କରାଯିବ। ବର୍ତ୍ତମାନ ସୁଦ୍ଧା କେନ୍ଦ୍ର ସରକାର ଓ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) କୋଭିଡ୍କୁ ନେଇ କୌଣସି ଗାଇଡ୍ଲାଇନ୍ ଜାରି କରିନାହାନ୍ତି। ତେଣୁ ୨୦୨୨ ଗାଇଡ୍ଲାଇନ ଅନୁସାରେ ରୋଗୀ ସେବା ଚାଲିଛି ଏବଂ ☞ପୃଷ୍ଠା-୨

## ଜାରି ହୋଇପାରେ ନୂଆ ଗାଇଡ୍ଲାଇନ୍

ମେ ୨୨ରେ ରାଜ୍ୟର ପ୍ରଥମ କରୋନା ସଂକ୍ରମିତ ଭୁବନେଶ୍ୱରରୁ ଚିହ୍ନଟ ହୋଇଥିଲେ। ୭୦ବର୍ଷୀୟ ବ୍ୟକ୍ତି ଜଣକ ଦିଲ୍ଲୀଫେରନ୍ତା ବୋଲି ଜଣାପଡିଥିଲା। ଏହାର ୫ଦିନ ପରେ ରାଜ୍ୟରୁ ଆଉ ୫ଜଣ କୋଭିଡ ସଂକ୍ରମିତ ଚିହ୍ନଟ ହୋଇଥିବାରୁ ଲୋକଙ୍କ ମନରେ ଭୟ ଓ ଆଶଙ୍କା ଘାରିବାରେ ଲାଗିଛି। ଅପରପକ୍ଷେ ଦେଶରେ ମଧ୍ୟ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଦେଶରେ ୧ ହଜାର ୧୦ଟି ଆକ୍ଟିଭ୍ କୋଭିଡ୍ କେସ୍ ରହିଛି। ତେଣୁ କୋଭିଡ ସ୍ଥିତିକୁ ନେଇ ଆଲୋଚନା ପରେ ନୂଆ ଗାଇଡ୍ଲାଇନ ଆସିପାରେ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି।

# ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ମହାଭିଯୋଗ ଆସିପାରେ

ନୂଆଦିଲ୍ଲୀ,୨୮।୫

ସୁପ୍ରିମକୋର୍ଟରେ ଅଭିଯୋଗ ସ୍ଥିର ହୋଇସାରିଥିବା ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ବିରୋଧରେ ସଂସଦର ମୌସୁମୀ ଅଧିବେଶନରେ ସରକାର ମହାଭିଯୋଗ ପ୍ରସ୍ତାବ ଆଗତ କରିପାରନ୍ତି। ମାର୍ଚ୍ଚ ୧୪ରେ ଜଷ୍ଟିସ୍ ବର୍ମାଙ୍କ ଘରେ ନିଆଁ ଲାଗିଥିବାବେଳେ ସେଠାକୁ ଲିଭାଇବାକୁ ଯାଇଥିବା ଅଗ୍ନିଶମ କର୍ମଚାରୀମାନେ ବିପୁଳ ପରିମାଣର ଅର୍ଥ ଠାବ କରିଥିଲେ, ଯାହାର ପରିମାଣ ୧୫ କୋଟି ଟଙ୍କା ହେବ ବୋଲି ସେତେବେଳେ ଅନୁମାନ କରାଯାଇଥିଲା। ଏହାର ତଦନ୍ତ ପାଇଁ ମାର୍ଚ୍ଚ ୨୨ରେ ସୁପ୍ରିମକୋର୍ଟ ଜଷ୍ଟିସ୍ ଶିଲୁ ନାଗୁ, ଜଷ୍ଟିସ୍ ଜିଏସ୍ ସନ୍ଧାୱାଲିଆ ଏବଂ ଜଷ୍ଟିସ୍ ଅନୁ ଶିବରମଣଙ୍କୁ ନେଇ ଏକ ୩ ଜଣିଆ କମିଟି ଗଠନ କରିଥିଲେ। ଉକ୍ତ କମିଟି ମେ' ୩ରେ ଅଭିଯୋଗରେ ସତ୍ୟତା ଥିବା ନେଇ ଅନେକ ସାକ୍ଷୀଙ୍କଠାରୁ ମିଳିଥିବା ପ୍ରମାଣକୁ ଭିତ୍ତିକରି ରିପୋର୍ଟ ଦେଇଥିଲେ। ମେ'୯ରେ ତତ୍କାଳୀନ ସିଜେଆଇ ସଞ୍ଜୀବ ଖାନ୍ନା ଜଷ୍ଟିସ୍ ବର୍ମାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ


ଯଶୱନ୍ତ ବର୍ମା

ସୁପାରିସ କରି ଏହି ତଦନ୍ତ ରିପୋର୍ଟର ଏକ କପି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଦାନ କରିଥିଲେ। ଏପରି କି ଜଷ୍ଟିସ୍ ବର୍ମାଙ୍କୁ ଇସ୍ତଫା ଦେବା ପାଇଁ ମଧ୍ୟ କୁହାଯାଇଥିଲା। କିନ୍ତୁ ସେ ଇସ୍ତଫା ଦେବାକୁ ମନା କରିଦେଇଥିଲେ। ମାର୍ଚ୍ଚ ୨୦ରେ ତାଙ୍କୁ ଆଲ୍ଲାହାବାଦ ହାଇକୋର୍ଟକୁ ବଦଳି କରାଯାଇଥିଲା। ତେବେ ତାଙ୍କୁ କୌଣସି ପ୍ରକାର ଦାୟିତ୍ୱ ଦିଆଯାଇ ନ ଥିଲା। ପୂର୍ବତନ ସିଜେଆଇ ଖାନ୍ନାଙ୍କ ସୁପାରିସକୁ ରାଜ୍ୟ ସଭା ଅଧ୍ୟକ୍ଷ ଓ ଲୋକ ସଭା ବାଚସ୍ପତିଙ୍କ ନିକଟକୁ ମଧ୍ୟ ପଠାଯାଇଛି। ☞ପୃଷ୍ଠା-୨



# ଆଜି କ'ଣ କେଉଁଠି

## କଟକ
- ମା' ତାରିଣୀ ଦେବୀଙ୍କ ବାର୍ଷିକ ମେଳା, ସ୍ଥାନ: ଟାଙ୍ଗୀ-ଚୌଦ୍ୱାର ପଞ୍ଚାୟତ ସମିତି ପରିସର, ସମୟ: ସକାଳ ୭ଟା।

## ପୁରୀ
- ବିକଶିତ କୃଷି ସଂକଳ୍ପ ଅଭିଯାନର ଶୁଭ ଉଦ୍‌ଘାଟନ, ସ୍ଥାନ: କୃଷିବିଜ୍ଞାନ କେନ୍ଦ୍ର, ସାକ୍ଷୀଗୋପାଳ, ସମୟ: ସକାଳ ୮ଟା ୩୦।

## ବାଲେଶ୍ୱର
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଥାଲସଡ଼ା, ସାଉଡ୍ଡୁ, ବାହାନଗା, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଦଶମ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏଫ୍‌ଏମ୍‌ୟୁରେ ଜାତୀୟସ୍ତରୀୟ ଆଲୋଚନାଚକ୍ରର ଉଦ୍‌ଘାଟନୀ ଦିବସ, ସ୍ଥାନ: ପିଜି କାଉନସିଲ କନଫରେନ୍ସ ହଲ୍, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଭଦ୍ରକ
- କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: କୁଆଁର୍ଦ୍ଦା, ଆଡ଼ିଆ, ବନ୍ତ, ସମୟ: ଅପରାହ୍ନ ୩ଟା ୩୦।

## ମୟୂରଭଞ୍ଜ
- ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବାରିପଦା ଷ୍ଟାଡିୟମ, ସମୟ:ସକାଳ ୬ଟା।
- ଅଷ୍ଟପ୍ରହର ନାମଯଜ୍ଞ,ସ୍ଥାନ: ଚିତ୍ରଡ଼ା ଶୀର୍ଷାପାଳ, ମୋରଡ଼ା, ସମୟ:ସକାଳ ୭ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା,ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: ବ୍ଲଡ୍ ବ୍ୟାଙ୍କ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- ରଜସ୍ରାବ ଦିବସ ପାଳନ, ସ୍ଥାନ-ଜଳେଶ୍ୱରପୁର ସମୟ: ଅପରାହ୍ନ ୪ଟା।
- ସିଏମ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟ, ସମୟ: ଅପରାହ୍ନ ୪ଟା ୩୦।

## ଗଞ୍ଜାମ
- ଆୟୁଷ୍ମାନ ଆରୋଗ୍ୟ ଶିବିର, ସ୍ଥାନ: ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ: ସକାଳ ୮ଟା ୩୦।
- ସ୍ୱଚ୍ଛତା ଅଭିଯାନ, ସ୍ଥାନ: ବଡ଼ ଆର୍ଯ୍ୟପଲ୍ଲୀ ଗାଁ, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ
- ଅନ୍ତର୍ଜାତୀୟ ସମବାୟ ଦିବସ ପାଳନ, ସ୍ଥାନ: ଗୋପବନ୍ଧୁ ଟାଉନ୍ ହଲ୍, ଢେଙ୍କାନାଳ, ସମୟ: ସକାଳ ୯ଟା୩୦।
- ବାଦୀପାଲାର ଉଦଯାପନୀ ଦିବସ, ସ୍ଥାନ: କରମୂଳ ଗ୍ରାମ ପାଲା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଗର୍ଡେଶ୍ୱର ଦେବ ପୀଠ, ବାଲିଚନ୍ଦ୍ରପୁର, ରାଜନଗର, ଶୀତଳେଶ୍ୱର ପୀଠ, ଗୋପ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼
- ଶିତଳ ଷଷ୍ଠୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ:ଖଣ୍ଡପଡ଼ାନୀଳକଣ୍ଠେଶ୍ୱର ମନ୍ଦିର ଓ ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠ, ସମୟ:ଅପରାହ୍ନ ୪ଟା।

## ନବରଙ୍ଗପୁର
- କୃଷି ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ କୃଷକ ପରାମର୍ଶ କେନ୍ଦ୍ର, ସମୟ: ସକାଳ ୮ଟା।
- ମାଁ ମଙ୍ଗଳା ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ, ସ୍ଥାନ: ନୂଆଗୁଡ଼ା ଗ୍ରାମ, ଡାବୁଗାଁ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- କୋରାପୁଟରେ ବିକଶିତ କୃଷି ସଂକଳ୍ପ ଅଭିଯାନ ରଥ ଶୁଭାରମ୍ଭ, ସ୍ଥାନ : କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ ଟା ।
- ଜିଲାସ୍ତରୀୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା କମିଟି ଉପରେ ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ ଟା ।
- ଜିଲା ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ : ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ ଅପରାହ୍ନ ୫ ଟା।

## ମାଲକାନଗିରି
- ରାଣୀ ଅହଲ୍ୟାବାଇ ହୋଲକରଙ୍କ ଜୟନ୍ତୀ ଉପଲକ୍ଷେ ବୁଦ୍ଧିଜୀବୀ ସମ୍ମିଳନୀ, ସ୍ଥାନ:ମାଲକାନଗିରିଜିଲା ପରିଷଦ ସଭା ଗୃହ, ସମୟ:ଅପରାହ୍ନ ୫ ଟା।

## ସମ୍ବଲପୁର
- ସାଓଲିନ କୁଙ୍ଗ ଫୁ ଉଷ୍ମ ଅନୁଷ୍ଠାନ ପକ୍ଷରୁ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ସକାଶେ ମାର୍ଶଲ ଆର୍ଟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ସମ୍ବଲପୁର ବିନାଖିଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦ ।
- ମୁଖ୍ୟମନ୍ତ୍ରୀ କପ୍ ଆନ୍ତଃଜିଲା ଜୋନାଲ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା ।
- ଝାଡୁଆପଡା ଶ୍ରୀଶ୍ରୀ ଲୋକନାଥ ବାବାଙ୍କ ପତରପେଁଡି, ସ୍ଥାନ : ସାକ୍ଷୀପଡା, ସମୟ : ରାତି ୮ଟା ।
- ମୁଦିପଡା ଶ୍ରୀଶ୍ରୀଜାଗେଶ୍ୱର ବାବାଙ୍କ ପତରପେଁଡି, ସ୍ଥାନ : ପାଟଣେଶ୍ୱରୀ ମନ୍ଦିର, ସମୟ : ରାତି ୮ଟା ।
- ବାଲିବନ୍ଧା ଶ୍ରୀଶ୍ରୀ ସୋମନାଥ ବାବାଙ୍କ ପତରପେଁଡି, ସ୍ଥାନ : ହୀରାକୁଦ କଲୋନୀ, ସମୟ : ରାତି ୮ଟା ।
- ବଡବଜାର ଶ୍ରୀଶ୍ରୀ ଶୀତଲେଶ୍ୱର ବାବାଙ୍କ ପତରପେଁଡି, ସ୍ଥାନ : ମୁଦିପଡା ପଦ୍ମକେଶରୀ ପାର୍କ ନିକଟ ଜଗନ୍ନାଥ ମନ୍ଦର ପ୍ରାଙ୍ଗଣ, ସମୟ : ରାତି ୮ଟା ୩୦ ।
- ଠାକୁରପଡା ଶ୍ରୀଶ୍ରୀ ଗୁପ୍ତେଶ୍ୱର ବାବାଙ୍କ ପତରପେଁଡି, ସ୍ଥାନ : ସାକ୍ଷୀପଡା, ସମୟ : ରାତି ୮ଟା ୩୦ ।
- ସିନ୍ଦୁରପଙ୍କ ତାରକେଶ୍ୱର ବାବାଙ୍କ ପତରପେଁଡି, ସ୍ଥାନ : ଧନକଉଡା, ସମୟ : ରାତି ୮ଟା ୩୦ ।
- ଭତରା ସ୍ୱପ୍ନେଶ୍ୱର ବାବାଙ୍କ ପତରପେଁଡି, ସ୍ଥାନ : ଧନୁପାଲି , ସମୟ : ରାତି ୮ଟା ୩୦
- କୁଲୁଥକାନୀ କଣ୍ଟେଶ୍ୱର ବାବାଙ୍କ ପତରପେଡିଁ, ସ୍ଥାନ : ରସେଲ କଲୋନୀ, ସମୟ : ରାତି ୮ଟା ୩୦ ।
- ବୁଢାରଜା ମହାଦେବଙ୍କ ପତରପେଁଡି, ସ୍ଥାନ : ମୈତ୍ରୀ ନଗର, ସମୟ : ରାତି ୮ଟା ୩୦ ।
- ଭୂତନାଥ ବାବାଙ୍କ ପତରପେଁଡି, ସ୍ଥାନ : ଭୂତାପଡା , ସମୟ : ରାତି ୮ଟା ୩୦ ।
- ମାନେଶ୍ୱର ମାନଧାତା ବାବାଙ୍କ ପତରପେଁଡି, ସ୍ଥାନ : ଧମା ସ୍ଥିତ କରଞ୍ଜୁଲା , ସମୟ : ରାତି ୮ଟା ୩୦ ।

## ରାଉରକେଲା
- ଭାଜପା ପକ୍ଷରୁ ଅହଲ୍ୟାବାଇ ହୋଲକରଙ୍କ ଜନ୍ମବାର୍ଷିକୀ ପାଳନ, ସ୍ଥାନ: ରାଉରକେଲା ବିପିୟୁଟି, ସମୟ: ପୂର୍ବାହ୍ନ ୧୦ଟା।
- ସାମ୍ବାଦିକମାନଙ୍କ ସୁରକ୍ଷା ନେଇ ଆପ୍ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ୬ଷ୍ଠ ଦିବସ,ଶ୍ରୀମଦ୍ ଭାଗବତ ଗୀତାପାଠ, ସ୍ଥାନ: ଅଗ୍ରସେନ ଭବନ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ଭୋର୍ ୫ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ଶୀତଳଷଷ୍ଠୀ ଯାତ୍ରା ଅବସରରେ ଅଳଙ୍କାର ଧାରଣ, ସ୍ଥାନ: ସୋନପୁର ଘୋଡାଘାଟପଡା ସ୍ଥିତ କନ୍ୟା ମାତାପିତାଙ୍କ ବାସଗୃହ, ସମୟ: ସକାଳ ୯ଟା।
- ଶୀତଳଷଷ୍ଠୀ ଯାତ୍ରା ଉପଲକ୍ଷେ ବର ନିମନ୍ତ୍ରଣ, ସ୍ଥାନ: ସୋନପୁର ଉଦୟନଗର ସ୍ଥିତ ବର ମାତାପିତାଙ୍କ ବାସଗୃହ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ, ସ୍ଥାନ: କୋମନା ବ୍ଲକ କାଣ୍ଡେତରା ଗାଁ, ସମୟ: ପ୍ରାତଃ ୪ଟା ୩୫।
- ଅଷ୍ଟପ୍ରହର ନାମଯଜ୍ଞ ଶୁଭାରମ୍ଭ, ସ୍ଥାନ: କୋମନା ବ୍ଲକ ସିଆଲଟି ପଞ୍ଚାୟତ ବାଗମୁଣ୍ଡା ଗାଁ, ସମୟ: ସକାଳ ୯ଟା ୧୫।
- ସିଦ୍ଧେଶ୍ୱର ମହାଦେବ ମନ୍ଦିରରେ ଶୀତଳ ଷଷ୍ଠୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଖଡିଆଳ ବ୍ଲକ ଖାସବାହାଲ ପଞ୍ଚାୟତ ଚଚରାଭଟା ଗାଁ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ପୂର୍ବାହ୍ନ ପ୍ରତ୍ୟେକ କ୍ଷେତ୍ରରେ ଅନୁକୂଳ ରହିବା ସମୟରେ ଅପରାହ୍ନରେ ପରିସ୍ଥିତି ବଦଳିଯିବ। ଆଜିର ଯାତ୍ରା, ବାଣିଜ୍ୟ, ଅଧ୍ୟୟନ, ଗବେଷଣା, ସାହିତ୍ୟ ଓ ରଚନାତ୍ମକ କାମରେ ପ୍ରଶଂସିତ ହେବେ। ପିଲାଙ୍କ କଥାକୁ ନେଇ ମାନସିକ ସ୍ଥିତି ବିପନ୍ନ ହେବ। ନୂତନ ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ବୃଷ**
ଆପଣଙ୍କ ଭୁଲ୍ ନିଷ୍ପତ୍ତି କାମରେ ଦ୍ୱନ୍ଦ୍ୱ, ପରିବାରରେ ଅଶାନ୍ତି ଓ ଅର୍ଥପ୍ରାପ୍ତିରେ ସମସ୍ୟା ସୃଷ୍ଟି କରିବ। କର୍ମକ୍ଷେତ୍ରରେ ସତ୍ୟ ଭାଷଣରୁ ନିବୃତ୍ତ ରହିବା ଭଲ, ଅନ୍ୟଥା କଳହ ଲାଗିପାରେ। ନୂତନ ଭାବେ କୌଣସି କାର୍ଯ୍ୟାରମ୍ଭ ସକାଶେ ତତ୍ପରତା ବଢିପାରେ। ପରିବାରର ଆବଶ୍ୟକତା ଅନୁଯାୟୀ ଗୃହୋପକରଣ ସାମଗ୍ରୀ କ୍ରୟ କରିପାରନ୍ତି।

**ମିଥୁନ**
ପାରିବାରିକ କଳହ କାରଣରୁ ବିଭିନ୍ନ ଦୁଶ୍ଚିନ୍ତାରେ ମନ ଭଲ ରହିବ ନାହିଁ। କିନ୍ତୁ ବହୁତ ଦିନ ହେଲା ଖୋଜୁଥିବା ଜିନିଷ ସୁବିଧାରେ ପାଇଯିବେ। ପ୍ରକାଶନ, ପ୍ରଶାସନ, ପରିବହନ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ସାମାଜିକ ସ୍ତରରେ ପରିସ୍ଥିତିକୁ ଦେଖି ସବୁ ଜାଣିଶୁଣି ସୁଦ୍ଧା ଚୁପ୍ ରହିବାକୁ ବାଧ ହେବେ।

**କର୍କଟ**
ବିଭିନ୍ନ ପ୍ରକାରର ନକାରାତ୍ମକ ଭାବନା ମନକୁ ବିଷାକ୍ତ କରିପାରେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଆକସ୍ମିକ ଆବଶ୍ୟକତା ପୂରଣ ସକାଶେ ଋଣ ସୂତ୍ରରେ ଅର୍ଥଲାଭ କରିବେ। ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ତଥା ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ**
ପରିସ୍ଥିତିର ଭାରସାମ୍ୟ ରକ୍ଷା ନିମନ୍ତେ ମିଥ୍ୟାଳାପ କରିବାକୁ ପଡିପାରେ। କର୍ମକ୍ଷେତ୍ରରେ କିନ୍ତୁ ସମସ୍ୟା ସମାଧାନ ହୋଇଯିବ ଓ ଶିଳ୍ପ, ଏଜେନ୍ସିପ୍, ସାମ୍ବାଦିକତାରୁ ଖୁସି ରହିବେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ପାରିବାରିକ ସ୍ତରରେ ଗୁରୁଜନଙ୍କଠାରୁ ପରାମର୍ଶ ପାଇ ଖୁସି ହୋଇପାରନ୍ତି।

**କନ୍ୟା**
ଦୀର୍ଘ ଦିନର ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ଆର୍ଥିକ ଅନଟନ କାରଣରୁ ମାନସିକ ଅସ୍ଥିରତା ଦେଖାଦେବ। କଥା ଓ କାମରେ ତାଳମେଳ ଅଭାବରୁ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେ ନାହିଁ। ସମ୍ପର୍କୀୟମାନେ ସମ୍ମୁଖରେ ଭଲ କଥା କହି ପରୋକ୍ଷ ଶତ୍ରୁତା କରିବା ଯୋଗୁ ବିଚଳିତବୋଧ କରିପାରନ୍ତି।

**ତୁଳା**
ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ହେବା ସହ ବନ୍ଧୁମିଳନଜନିତ ଆନନ୍ଦ ଅନୁଭବ କରିବେ। ପରିବାରର ଆବଶ୍ୟକତାନୁଯାୟୀ ମୂଲ୍ୟବାନ ଜିନିଷ କିଣିବାକୁ ମନ ବଳାଇ ପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ମାଧ୍ୟମରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ସାହାଯ୍ୟରୁ ଉପକୃତ ହେବେ।

**ବିଛା**
ବନ୍ଧୁଙ୍କ ଜରିଆରେ ସକାଳୁ ଶୁଭ ଖବର ପାଇ ମନ ଖୁସି ହୋଇଯିବ। ତରବରିଆ ଭାବେ କୌଣସି କାମ କଲେ ସବୁ ଓଲଟ ପାଲଟ ହୋଇଯାଇପାରେ। କର୍ମକ୍ଷେତ୍ରରେ ଚେଷ୍ଟା ଅବ୍ୟାହତ ରଖିବା ଫଳରେ ବିଳମ୍ବରେ ସଫଳତା ପାଇବେ। ସେବା ଓ ପରୋପକାର ହେତୁ ନିଜ ପରିସରରେ ପ୍ରତିଷ୍ଠିତ ହୋଇପାରନ୍ତି।

**ଧନୁ**
ଆଜି ଆପଣ ଯେମିତି ଯାହା ଚାହୁଁଛନ୍ତି ତାହା ପାଇବାରେ ଅସୁବିଧା ହେବ ନାହିଁ। ଜାଣିଶୁଣି କେତେଜଣ ବ୍ୟକ୍ତି ସମସ୍ୟା ସୃଷ୍ଟିରେ ସହାୟକ ହେବାର ଆଶଙ୍କା ରହିଛି। ମତାନ୍ତରଜନିତ ପାରିବାରିକ ସ୍ତରରେ ଟେନସନ୍ କିଛି ମାତ୍ରାରେ ବଢିଯିବ। କର୍ମକ୍ଷେତ୍ରରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ।

**ମକର**
ଆଜିର କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ସ୍ୱାଭାବିକ ରହିବ। ବନ୍ଧୁମାନଙ୍କ ସହ ଭୁଲ୍ ବୁଝାମଣା କାରଣରୁ ସମ୍ପର୍କ ହାନି ଘଟିପାରେ। ଘରକଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରି ପର କ୍ଷଣରେ ଅନୁତପ୍ତ ହେବେ। ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବ କିନ୍ତୁ ଋଣ ପରିଶୋଧ କରିବାରେ ପଛେଇଯିବେ।

**କୁମ୍ଭ**
ବନ୍ଧୁଙ୍କୁ ସାହାଯ୍ୟ ସହଯୋଗ କରି ଆତ୍ମତୃପ୍ତି ଲାଭ କରିବେ। ସଭା ସମିତିରେ, ବନ୍ଧୁ ଗହଣରେ ଗାମ୍ଭୀର୍ଯ୍ୟ ରକ୍ଷାକଲେ ତାହା ହିଁ ବ୍ୟକ୍ତିତ୍ୱ ବିକାଶରେ ସହାୟକ ହେବ। କେତେକ କ୍ଷେତ୍ରରେ ନିଜେ କଷ୍ଟ ଅନୁଭବ କଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଫାଇଦା ହାସଲ ସକାଶେ ବନ୍ଧୁ ଅସୁବିଧାରେ ପକାଇପାରନ୍ତି।

**ମୀନ**
ଅକସ୍ମାତ୍ ଅର୍ଥପ୍ରାପ୍ତି, ସୌଜନ୍ୟତା, ମଧୁର ବ୍ୟବହାର ଦ୍ୱାରା ବନ୍ଧୁଙ୍କୁ ଆପ୍ୟାୟିତ କରି ପ୍ରଶଂସିତ ହେବେ। ଅବହେଳା କାରଣରୁ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ ଏବଂ ମାନସିକ ସ୍ତରରେ ଦୁର୍ଭାବନା ବଢ଼ିଚାଲିବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ।

ଆଜି ମେ ୨୯ ତାରିଖ, ଜ୍ୟେଷ୍ଠ ଶୁକ୍ଳପକ୍ଷର ରମ୍ଭା ତୃତୀୟା ଗୁରୁବାର, ରାଶିନକ୍ଷତ୍ର- ଆର୍ଦ୍ରା/ମିଥୁନ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୧୧ ଗତେ ଘ.୧୧.୧୭ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧.୨୨ ଗତେ ଘ.୦୩.୦୦ ମଧ୍ୟେ ରାହୁ କାଳ ।

# ଖୁବ୍‌ଶୀଘ୍ର ଭଙ୍ଗା ହେବ ୪୧୦ କ୍ୱାର୍ଟର୍ସ

**ଭୁବନେଶ୍ୱର,୨୮।୫(ରବିନାରାୟଣ ଜେନା)**

ରାଜଧାନୀର ପ୍ରମୁଖ ଅଞ୍ଚଳ ୟୁନିଟ-୨ରେ ଥିବା ୪୧୦ ସରକାରୀ କ୍ୱାର୍ଟର୍ସ ଖୁବ୍‌ଶୀଘ୍ର ଉଚ୍ଛେଦ ହେବ। ସମ୍ପୃକ୍ତ ଅଞ୍ଚଳରେ ନୂତନ ଆବାସ ପ୍ରକଳ୍ପ ନିର୍ମାଣ କରାଯିବ। ଯାହାଦ୍ୱାରା ସରକାରୀ କର୍ମଚାରୀଙ୍କ ଚାହିଦାକୁ ମେଣ୍ଟାଇ ହେବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି। ଏହାକୁ ନେଇ ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ସଚିବ ତଥା ଅତିରିକ୍ତ ନିର୍ଦ୍ଦେଶକ(ଇଷ୍ଟେଟ୍) ସଂଗ୍ରାମ କୁମାର ରାୟସର୍ଦ୍ଦାର ସମ୍ପୃକ୍ତ ୪୧୦ ସରକାରୀ କର୍ମଚାରୀଙ୍କୁ ପୃଥକ ଭାବେ ନୋଟିସ ଜାରି କରିଛନ୍ତି। ନୋଟିସ୍‌ରେ କୁହାଯାଇଛି ଯେ, ୟୁନିଟ୍-୨ଅଞ୍ଚଳରେ ସରକାରୀ କ୍ୱାର୍ଟର୍ସର ଚାହିଦାକୁ ମେଣ୍ଟାଇବା ଲାଗି ସରକାରଙ୍କ ପକ୍ଷରୁ ରାଜଧାନୀ ପୁନଃବିକାଶ ପ୍ରକଳ୍ପ ନିର୍ମାଣ କରାଯିବ। ଏଥିପାଇଁ ୟୁନିଟ୍-୨ ଅଞ୍ଚଳରୁ ବିଭିନ୍ନ ପ୍ରକାରର ୪୧୦ ସରକାରୀ କ୍ୱାର୍ଟସ ଉଚ୍ଛେଦ କରାଯିବ। ଏହାକୁ ଦୃଷ୍ଟିରେ ରଖି ୬ମାସ ମଧ୍ୟରେ ସରକାରୀ କ୍ୱାର୍ଟର୍ସ ବିନା ଦ୍ୱିଧାରେ ଖାଲି କରିବାକୁ ପଡ଼ିବ। ଏଥିପାଇଁ କର୍ମଚାରୀମାନେ ସରକାରଙ୍କୁ ପୁନର୍ବାର ସରକାରୀ କ୍ୱାଟର୍ସ ପାଇବା ଲାଗି ଆବେଦନ କରିପାରିବେ। ସରକାରଙ୍କ ପକ୍ଷରୁ ପ୍ରାଥମିକତା ଭିତ୍ତିରେ କ୍ୱାର୍ଟସ ଉପଲବ୍ଧସ୍ଥଳେ କର୍ମଚାରୀଙ୍କୁ ଯୋଗାଇ ଦିଆଯିବ ବୋଲି ସଂଗ୍ରାମ କୁମାର ରାୟସର୍ଦ୍ଦାର ନୋଟିସରେ ଦର୍ଶାଇଛନ୍ତି। ୨୦୨୫ ଶେଷ ସୁଦ୍ଧା ଅବସର ନେଉଥିବା କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ନିୟମ ରହିଛି । ଯେଉଁ ସରକାରୀ କର୍ମଚାରୀ ୨୦୨୫ ଡିସେମ୍ବର ୩୧ ତାରିଖ ସୁଦ୍ଧା ଅବସର ନେବେ, ସେମାନଙ୍କୁ ବିକଳ୍ପ କ୍ୱାର୍ଟର୍ସ ପାଇଁ ଆବେଦନ କରିବାକୁ ପଡ଼ିବ ନାହିଁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାଙ୍ଗକୁ ଚୁଡ଼ା ଘଷା, ମାଉଁଷକୁ ମଦ;**
**ଗଞ୍ଜାଇ କି ଘିଅଭାତ, ଅଫିମକୁ ଦୁଧ ।**

ଭାଙ୍ଗ ସହିତ ଚୁଡ଼ାଘଷା ଓ ମଦ ସହିତ ମାଂସ ଖିଆଯିବା ଭଳି ଗଞ୍ଜେଇ ସହ ଘିଅଭାତ ତଥା ଅଫିମ ସହିତ କ୍ଷୀର ଖିଆଯାଉଥିବାର ଜଣାଯାଇଥାଏ। ଏପରି ଖାଦ୍ୟ ଖାଇବାରେ ଏକ ଅଲଗା ପ୍ରକାରର ମଜା ମଧ୍ୟ ରହିଥାଏ। ବିଭିନ୍ନ ନିଶାଦ୍ରବ୍ୟ ସେବନ ସହ ଉପଯୁକ୍ତ ଖାଦ୍ୟ ଖାଇବା ନେଇ ଏଠାରେ ବର୍ଣ୍ଣନା କରାଯାଇଛି।

**ଭଜି ଗାଁରେ କୁଜି,**
**ଯେଉଁ ଗାଁରେ ଦେବତା ନ ଥାନ୍ତି,**
**ଶୀଳପୁଆଟାଏ ପୁଜି ।**

ସାଧାରଣତଃ ଯୋଗ୍ୟ ବ୍ୟକ୍ତିଙ୍କୁ ଯଥୋଚିତ ସମ୍ମାନ ମିଳୁଥିବାବେଳେ ସେମାନେ ସମସ୍ତଙ୍କର ପ୍ରଶଂସାର ପାତ୍ର ପାଲଟିଥାନ୍ତି। ତେବେ ଯୋଗ୍ୟ ବ୍ୟକ୍ତି ନ ଥିବା ବେଳେ ଅଯୋଗ୍ୟ ବ୍ୟକ୍ତି ଆଦର ଲଭେ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପର୍ବତାରୋହୀଙ୍କ ପଥ ପ୍ରଦର୍ଶକ ଏଡ୍‌ମଣ୍ଡ, ନୋର୍ଗେ

## ଅନ୍ତର୍ଜାତୀୟ ଏଭରେଷ୍ଟ ଦିବସ



ପୃଥିବୀର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଭରେଷ୍ଟ। ୮,୮୪୮ ମିଟର (୨୯,୦୨୯ ଫୁଟ) ଉଚ୍ଚତାର ଏହି ପର୍ବତ ଶିଖରରେ ପହଞ୍ଚିବା ଲାଗି ଅନେକେ ଚେଷ୍ଟା କରିଥିଲେ। ୧୯୫୩ ମସିହା ମେ' ୨୯ରେ ନ୍ୟୁଜିଲ୍ୟାଣ୍ଡର ସାର୍ ଏଡମଣ୍ଡ ହିଲାରୀ ଏବଂ ନେପାଳର ତେନଜିଂ ନୋର୍ଗେ ଶେର୍ପା ପ୍ରଥମେ ଏଭରେଷ୍ଟ ଆରୋହଣ କରିବାରେ ସଫଳ ହୋଇଥିଲେ। ଅଧିକାଂଶ ଚୀନ ପାର୍ଶ୍ୱରୁ ଏଭରେଷ୍ଟ ଆରୋହଣ ପାଇଁ ଚେଷ୍ଟା କରିଥିବାବେଳେ ଏଡମଣ୍ଡ ଏବଂ ତେନଜିଂ ଦକ୍ଷିଣ ନେପାଳ ପାର୍ଶ୍ୱରୁ ଏଭରେଷ୍ଟ ପର୍ବତ ଚଢ଼ିବାରେ ସଫଳ ହୋଇଥିଲେ। ତେବେ ଏଡମଣ୍ଡ ହିଲାରୀଙ୍କ ମୃତ୍ୟୁ ପରେ ୨୦୦୮ ମସିହାରେ ଅନ୍ତର୍ଜାତୀୟ ଏଭରେଷ୍ଟ ଦିବସ ଘୋଷଣା କରାଯାଇଥିଲା। ନେପାଳ ସରକାର ମେ ୨୯କୁ ହିଲାରୀ ଏବଂ ନୋର୍ଗଙ୍କ ଐତିହାସିକ ସଫଳତାକୁ ସମ୍ମାନ ଜଣାଇବା ପାଇଁ ଉକ୍ତ ଦିବସ ପାଳନ ଲାଗି ଘୋଷଣା କରିଥିଲେ। ସେବେଠାରୁ ପ୍ରତିବର୍ଷ ମେ'୨୯ରେ ଅନ୍ତର୍ଜାତୀୟ ଏଭରେଷ୍ଟ ଦିବସ ପାଳିତ ହୋଇଆସୁଛି। ଏହୁହିଁଙ୍କ ଏଭରେଷ୍ଟ ଶିଖର ଛୁଇଁବା ସଫଳତା ଅଗଣିତ ପର୍ବତାରୋହୀଙ୍କୁ ଅନୁପ୍ରାଣିତ କରିଛି।

ଅନ୍ତର୍ଜାତୀୟ ଏଭରେଷ୍ଟ ଦିବସ ନେପାଳ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଘନିଷ୍ଠ ସମ୍ପର୍କକୁ ସ୍ମରଣ କରାଇଥାଏ। ତେବେ ପର୍ବତାରୋହଣ କୃତିତ୍ୱ ବ୍ୟତୀତ, ହିଲାରୀ ନେପାଳରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ। ସେ ଶେର୍ପାମାନଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ୧୯୬୦ ମସିହାରେ ହିମାଳୟନ ଟ୍ରଷ୍ଟ ପ୍ରତିଷ୍ଠା କରିଥିଲେ। ଏହିସଂଗଠନ ମାଧ୍ୟମରେ ସେ ଦୁର୍ଗମ ସୋଲୁଖୁମ୍ବୁ ଅଞ୍ଚଳରେ ସ୍କୁଲ, ହସ୍ପିଟାଲ ଏବଂ ଭିତ୍ତିଭୂମି ନିର୍ମାଣର ନେତୃତ୍ୱ ନେଇଥିଲେ। ତାଙ୍କ ପ୍ରୟାସ ଯୋଗୁଁ ଶେର୍ପାମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଜୀବନଧାରଣ ମାନରେ ଉନ୍ନତି ଆସିଥିଲା, ଯାହା ତାଙ୍କୁ ନେପାଳରେ ଅନେକ ସମ୍ମାନ ଏବଂ କୃତଜ୍ଞତା ପ୍ରଦାନ କରିଥିଲା। ଅପରପକ୍ଷେ ତେନଜିଂ ନୋର୍ଗେ ଏଭରେଷ୍ଟ ଶିଖରରେ ପହଞ୍ଚି ସାର୍ ଏଡମଣ୍ଡ ହିଲାରୀଙ୍କ ସହ ଇତିହାସ ରଚିଥିଲେ। ନୋର୍ଗେଙ୍କ ସଫଳତା ଉଚ୍ଚ-ଉଚ୍ଚ ପର୍ବତାରୋହଣରେ ଶେର୍ପା ପର୍ବତାରୋହୀଙ୍କ ଆବଶ୍ୟକ ଭୂମିକାକୁ ଆଲୋକିତ କରିଥିଲା।

## ପ୍ରଥମ ପୃଷ୍ଠାରୁ...

### ଜଷ୍ଟିସ୍ ବର୍ମାଙ୍କ ...
ଜୁଲାଇ ତୃତୀୟ ସପ୍ତାହରେ ମୌସୁମୀ ଅଧିବେଶନ ବେଳେ ସଂସଦରେ ସରକାର ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିପାରନ୍ତି ବୋଲି କୁହାଯାଉଛି। ଏହା ଗୃହୀତ ହେଲେ ଜଷ୍ଟିସ୍ ବର୍ମାଙ୍କୁ ପଦ ହରାଇବାକୁ ପଡ଼ିବ। ତେବେ ଏଥିପାଇଁ ପ୍ରସ୍ତାବ ସପକ୍ଷରେ ଲୋକ ସଭାର ୧୦୦ ଓ ରାଜ୍ୟ ସଭାର ଅନ୍ୟୂନ ୫୦ ସଦସ୍ୟଙ୍କ ସମର୍ଥନ ଜରୁରୀ।

### ଧାନ ଏମ୍‌ଏସ୍‌ପି ...
କୃଷକମାନଙ୍କୁ କମ୍ ସୁଧରେ ଋଣ ଯୋଗାଇ ଦିଆଯାଇଥାଏ। ଏହି ଯୋଜନାରେ ଚାଷୀମାନେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱଳ୍ପମିଆଦୀ ଋଣ ୭ ପ୍ରତିଶତ ସୁଧରେ ପାଇପାରିଥାନ୍ତି। ସେଥିରୁ ୧.୫ ପ୍ରତିଶତ ସରକାର ସବ୍‌ସିଡି ଦେଇଥାନ୍ତି। ଏହାବ୍ୟତୀତ ଯେଉଁ ଚାଷୀମାନେ ଠିକ୍ ସମୟରେ ଋଣ ପରିଶୋଧ କରନ୍ତି, ସେମାନଙ୍କୁ ତ୍ୱରିତ୍ ପରିଶୋଧ ପ୍ରୋତ୍ସାହନ (ପିଆର୍‌ଆଇ) ସ୍ୱରୂପ ୩ ପ୍ରତିଶତ ରିହାତି ଦିଆଯାଇଥାଏ। ଅର୍ଥାତ୍ ସେମାନଙ୍କ ପାଇଁ ସୁଧ ମାତ୍ର ୪ ପ୍ରତିଶତ ହୋଇଥାଏ। ସେହିପରି ଯେଉଁମାନେ ପଶୁପାଳନ କିମ୍ବା ମତ୍ସ୍ୟଚାଷ ପାଇଁ ଋଣ ନେଇଥାନ୍ତି, ସେମାନଙ୍କୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଲାଭ ମିଳିଥାଏ। ଏହି ଯୋଜନାରେ କୌଣସି ପରିବର୍ତ୍ତନ ହୋଇ ନ ଥିବାରୁ ଦେଶର ୭.୭୫ କୋଟିରୁ ଊର୍ଦ୍ଧ୍ୱ କେସିସି ଆକାଉଣ୍ଟଧାରୀ ଉପକୃତ ହେବେ।

### ବ୍ୟାପିଲା କରୋନା...
କୋଭିଡ୍ ଗାଇଡ୍‌ଲାଇନ ସମସ୍ତ ହସ୍ପିଟାଲ ଜାଣିଛନ୍ତି। ସେହିପରି ଚଳିତ ବର୍ଷର ପ୍ରଥମ ଆକ୍ରାନ୍ତଙ୍କ ପାଖରେ ଓମିକ୍ରନ୍‌ର ସବ୍‌ଭାରିଆଣ୍ଟ ଜେଏନ୍-୧ ଭାଇରସ ଚିହ୍ନଟ ହୋଇଛି। ଏହା ସାଧାରଣ ଭାରିଆଣ୍ଟ, ଯାହାକି ଆଗରୁ ରହିଥିଲା। ତେଣୁ ଏହାକୁ ନେଇ ବ୍ୟସ୍ତ ହେବାର କୌଣସି କାରଣ ନାହିଁ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ମିଶ୍ର ସୂଚନା ଦେଇଛନ୍ତି।

### ଏଆଇ ନୀତିକୁ ...
ଏହି ନୀତି ଆହୁରି ସୁଦୃଢ଼ କରିବ। ଏହି ନୀତି ଓଡ଼ିଶାର ଶ୍ରେଷ୍ଠ ଡିଜିଟାଲ ପରିବର୍ତ୍ତନ ପ୍ରକ୍ରିୟାର ଅଂଶବିଶେଷ ହେବା ସହିତ ଓଡ଼ିଶାର ପ୍ରଯୁକ୍ତିବିଦ୍ୟା ବିକାଶ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ହେବ। କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ଦ୍ୱାରା ପ୍ରଶାସନିକ କ୍ଷେତ୍ରରେ ସୁଫଳ ମିଳିବ। କୃତ୍ରିମ ବୁଦ୍ଧିମତ୍ତାକୁ ଆଧାର କରି ତଥ୍ୟ ସଂଗ୍ରହ, ନବସୃଜନକୁ ପ୍ରୋତ୍ସାହନ, ତଥ୍ୟ-ପରିଚାଳିତ ନିଷ୍ପତ୍ତି ସହ ରାଜ୍ୟର ସାମାଜିକ-ଆର୍ଥିକ ଉନ୍ନତି ସମ୍ଭବ ହୋଇପାରିବ।ମୁଖ୍ୟସଚିବ କହିଥିଲେ ଯେ, ଓଡ଼ିଶା ଏଆଇ ନୀତି ବିଶେଷକରି କୃତ୍ରିମ ବୁଦ୍ଧିମତ୍ତାର ମୌଳିକ ଭିତ୍ତିଭୂମି, ଦକ୍ଷତା, ଶକ୍ତି ଏବଂ ନିୟନ୍ତ୍ରଣାତ୍ମକ ଢାଞ୍ଚା ଉପରେ ପର୍ଯ୍ୟବସିତ। ଏହା ରାଜ୍ୟର କମ୍ପ୍ୟୁଟିଂ କ୍ଷମତାକୁ ସରଳ କରିବା ସହିତ ପରିପକ୍ୱ ତଥ୍ୟ ପ୍ରଦାନ କରିପାରିବ ଏବଂ ଶିଳ୍ପ ଓ ଶିକ୍ଷା ମଧ୍ୟରେ ସହଯୋଗକୁ ପ୍ରୋତ୍ସାହିତ କରିବ। ଏହି ନୀତି ରାଜ୍ୟର ବୈଷୟିକ ଦକ୍ଷତା ବୃଦ୍ଧି ସହ ଏକ ପ୍ରଭାବୀ ବ୍ୟବସ୍ଥାକୁ ସୁନିଶ୍ଚିତ କରିବ। ସମୟ-ଉପଯୋଗୀ ବିକାଶମୂଳକ ପ୍ରକଳ୍ପ ପ୍ରସ୍ତୁତି, ପାଇଲଟ୍ ପ୍ରକଳ୍ପଗୁଡ଼ିକ ମଧ୍ୟରେ ସମନ୍ୱୟ ସ୍ଥାପନ ତଥା ସରକାରୀ ସଂସ୍ଥା, ଷ୍ଟାର୍ଟଅପ୍ ଏବଂ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକୁ ଅନୁସନ୍ଧାନ ଓ ବିକାଶମୂଳକ କାର୍ଯ୍ୟରେ ମାର୍ଗଦର୍ଶକ ସହାୟତା ଦେବ। ଓଡ଼ିଶା ଏଆଇ ମିଶନରେ ଦୁଇସ୍ତରୀୟ ପରିଚାଳନା ବ୍ୟବସ୍ଥା କରାଯାଇଛି। ସେଥିପାଇଁ ଗୋଟିଏ ଉଚ୍ଚସ୍ତରୀୟ ଏଆଇ ଟାସ୍କଫୋର୍ସ ଓ ଅନ୍ୟଟି ହେଉଛି ଏଆଇ ସେଲ୍‌ର ବ୍ୟବସ୍ଥା । ଓଡ଼ିଶାରେ ଏଆଇ ପ୍ରୟୋଗକୁ କୃଷି, ଶିକ୍ଷା ଏବଂ ବିପର୍ଯ୍ୟୟ ପରିଚାଳନା ଏବଂ ଅନ୍ୟାନ୍ୟ ସରକାରୀ ବ୍ୟବସ୍ଥାକୁ ସାମିଲ କରି ଲୋକାଭିମୁଖୀ କରାଯାଇପାରିବ। ଏହି ନୀତିର ସଫଳ ପ୍ରୟୋଗ ଓଡ଼ିଶାରେ ଅଭୂତପୂର୍ବ ବିକାଶ ଆଣି ରାଜ୍ୟକୁ ରାଷ୍ଟ୍ର ଓ ବିଶ୍ୱସ୍ତରରେ ପରିଚିତି ପ୍ରଦାନ କରିବ। ଏହି ନୀତି ଓଡ଼ିଶାକୁ ଦେଶରେ ତଥା ବିଶ୍ୱରେ ବୈଷୟିକ ବିକାଶର ଶ୍ରେଷ୍ଠ କେନ୍ଦ୍ର ଭାବେ ପ୍ରତିଷ୍ଠିତ କରିବ, ସାର୍ବଜନୀନ ନବୀକରଣ, ଏଆଇ ଷ୍ଟାର୍ଟ-ଅପ୍ ଏବଂ ରପ୍ତାନି କ୍ଷେତ୍ରରେ ରାଜ୍ୟର ଅଭିବୃଦ୍ଧିକୁ ସୁନିଶ୍ଚିତ କରିବ। ଏହି ନୀତିକୁ ଏକ ସମନ୍ୱୟମୂଳକ ଭାବେ କାର୍ଯ୍ୟକାରୀ କରାଯାଇ ଭାରତ ଏଆଇ ମିଶନର ମୌଳିକ ଲକ୍ଷ୍ୟଗୁଡ଼ିକ ସହିତ ସମନ୍ୱୟ ସ୍ଥାପନା କରାଯିବ। ବର୍ତ୍ତମାନ ଏବଂ ଭବିଷ୍ୟତ ପାଇଁ ଏକ ସୁଦୃଢ଼ ବୈଷୟିକ ଭିତ୍ତିଭୂମିର ନିର୍ମାଣ ପାଇଁ ନିଆଯାଉଥିବା ପଦକ୍ଷେପର ଏହି ନୀତି ଏକ ଦୃଷ୍ଟାନ୍ତ। ଏହା ବ୍ୟତୀତ ରାଜ୍ୟ ସରକାର ଏମ୍‌ଇଆଇଟିୱାଇ ଏବଂ ଏନ୍‌ଏସ୍‌ଏସ୍‌ସିଓଏମ୍ ସହିତ ସହଭାଗିତାରେ ଏକ ଏଆଇ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି, ଯାହା ଓଡ଼ିଶାର ବୈଷୟିକ ଗବେଷଣା, ଆବିଷ୍କାର ଓ ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟ ସଚିବ କହିଛନ୍ତି।

## ରାଜ୍ୟରେ ୫ କରୋନା ପଜିଟିଭ୍ ଚିହ୍ନଟ




# ସରକାର ବଢ଼ାଇଲେ ମନ୍ତ୍ରୀ, ଅଫିସରଙ୍କ ଗାଡ଼ି ଖର୍ଚ୍ଚ

ଭୁବନେଶ୍ୱର,୨୮।୫ (ସୁନିତ୍ ମିଶ୍ର)

ରାଜ୍ୟ ସରକାର ବିଭିନ୍ନ ଅଫିସର ଏବଂ ମନ୍ତ୍ରୀମାନଙ୍କ ମାସିକ ଗାଡ଼ିଭଡ଼ା ବାବଦକୁ ବରାଦ ରହିଥିବା ଅର୍ଥରାଶିରେ ବୃଦ୍ଧି କରିଛନ୍ତି। ୨୦୧୯ ମସିହାରେ ଅର୍ଥ ବିଭାଗ ପକ୍ଷରୁ ଯେଉଁ ଗାଡ଼ି ଭଡ଼ା ରାଶି ବରାଦ ରହିଥିଲା ବୁଧବାର ଏଥିରେ ପରିବର୍ତ୍ତନ କରାଯାଇଛି। ଅର୍ଥ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ପୂର୍ବରୁ ମନ୍ତ୍ରୀମାନଙ୍କ ଭଡ଼ା ବାବଦକୁ ଯେଉଁ ୪୨ ହଜାର ଟଙ୍କା ମାସିକ ଦିଆଯାଉଥିଲା ତାହା ଏବେ ୫୦ ହଜାର ୪୦୦ଟଙ୍କାକୁ ବୃଦ୍ଧି କରାଯାଇଛି। ରାଜ୍ୟର ଉଚ୍ଚପଦସ୍ଥ ଆଇଏଏସ୍ ଅଫିସରଙ୍କୁ ମଧ୍ୟ ସମାନ ଗାଡ଼ି ଭଡ଼ା ପ୍ରଦାନ କରାଯିବ। ଗୋଟିଏ ଲିଟରରେ ସର୍ବାଧିକ ୯ କି.ମି. ଯାଉଥିବା ଗାଡ଼ି ପାଇଁ ଏହି ଅର୍ଥରାଶି ବରାଦ ହୋଇଛି। ସେହିପରି ଆପେକ୍ସ ସ୍କେଲ୍‌ର ଅଫିସରମାନେ ମଧ୍ୟ ଗାଡ଼ି ଭଡ଼ା ବାବଦକୁ ମାସିକ ୫୦ ହଜାର ୪୦୦ ଟଙ୍କା ପାଇବେ। ପ୍ରମୁଖ ସଚିବ ର୍ୟାଙ୍କ୍‌ର ଅଫିସର ଯେଉଁମାନେ ପୂର୍ବରୁ ୩୦ ହଜାର ଟଙ୍କା ଲେଖାଏ ଗାଡ଼ିଭଡ଼ା ପାଉଥିଲେ ସେମାନେ ଏଣିକି ଯେଉଁ ଗାଡ଼ି ବ୍ୟବହାର କରିବେ ତା'ର ଭଡ଼ା ବାବଦକୁ ୩୬ହଜାର ଟଙ୍କା ଲେଖାଏ ସ୍ଥିର କରାଯାଇଛି। ସ୍ୱତନ୍ତ୍ର ସଚିବ, ଅତିରିକ୍ତ ସଚିବ ଏବଂ ନିର୍ଦ୍ଦେଶକ ପାହ୍ୟାର ଅଫିସରମାନେ ଯେଉଁ ଗାଡ଼ି ବ୍ୟବହାର କରୁଥିଲେ ପୂର୍ବରୁ ତା'ର ମାସିକ ଭଡ଼ା ୨୬ ହଜାର ଟଙ୍କା ଥିବାବେଳେ ଏବେ ତାହା ୩୧ହଜାର ୨୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଡିପାର୍ଟମେଣ୍ଟର ମୁଖ୍ୟ ଯେଉଁମାନେ ଗାଡ଼ି ଭଡ଼ା ବାବଦକୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ପାଉଥିଲେ ସେମାନଙ୍କ ଗାଡ଼ି ଭଡ଼ା ୨୪ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଜିଲାପାଳ, ଏସ୍‌ପି ଏହିପରି ସମାନ ର୍ୟାଙ୍କ୍‌ର ଅଫିସର ଯେଉଁ ଗାଡ଼ି ବ୍ୟବହାର କରୁଥିଲେ ସେ ବାବଦକୁ ଆଗରୁ ୩୭ ହଜାର ଟଙ୍କା ପାଉଥିବା ବେଳେ ଏବେ ସେମାନଙ୍କ ମାସିକ ଗାଡ଼ିଭଡ଼ା ୪୪ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ବ୍ଲକ୍, ତହସିଲର ଅଫିସରଙ୍କ ଗାଡ଼ି ଭଡ଼ା ୩୧ ହଜାର ଟଙ୍କାରୁ ୩୭ ହଜାର ୨୦୦ ଟଙ୍କା କରାଯାଇଛି।

କଲେଜ, ୟୁନିଭର୍ସିଟି, ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍‌ର ବସ୍ ଭଡ଼ାକୁ ମଧ୍ୟ ବୃଦ୍ଧି କରାଯାଇଛି। ଅର୍ଥ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି, ଅଫିସର ଓ ମନ୍ତ୍ରୀମାନେ ମନଇଚ୍ଛା ଗାଡ଼ି ବ୍ୟବହାର କରିପାରିବେ ନାହିଁ। ଲିଟର ପିଛା କେତେ କି.ମି. ପର୍ଯ୍ୟନ୍ତ ଯାଉଥିବା ଗାଡ଼ିକୁ ସ୍ଥିରୀକୃତ ବର୍ଦ୍ଧିତ ଦର ଦିଆଯିବ ତାହା ଉଲ୍ଲେଖ ରହିଛି। ସେହି ଅନୁଯାୟୀ ଗାଡ଼ି ବ୍ୟବହାର କରିବାକୁ ବାଧ୍ୟ। ଯେଉଁ ଗାଡ଼ି ବ୍ୟବହାର କରାଯିବ ସେଗୁଡ଼ିକ ୩ ବର୍ଷ ଭିତରର ଗାଡ଼ି ହୋଇଥିବ। ସର୍ବାଧିକ ୭ ବର୍ଷ ପୁରୁଣା ଗାଡ଼ିକୁ କୌଣସି ଅସୁବିଧା ସମୟରେ ସର୍ଭିସ୍ ପ୍ରୋଭାଇଡର୍ ଯୋଗାଇ ପାରିବେ। ଅଫିସର ଓ ମନ୍ତ୍ରୀମାନେ ବ୍ୟବହାର କରିବାକୁ ଥିବା ଗାଡ଼ିଗୁଡ଼ିକ ଉକ୍ତ ସର୍ଭିସ୍ ପ୍ରୋଭାଇଡର୍ କୌଣସି ଘରୋଇ କିମ୍ବା ବ୍ୟବସାୟିକ କାର୍ଯ୍ୟରେ ଅଫିସ ସମୟ ପରେ ବା ଛୁଟି ସମୟରେ ବ୍ୟବହାର କରିପାରିବେ ନାହିଁ। ଯେଉଁ ଭଡ଼ା ସ୍ଥିର କରାଯାଇଛି ତାକୁ ଛାଡ଼ି ଗାଡ଼ିର ପେଟ୍ରୋଲ, ଡିଜେଲ ପଇସା ପୃଥକ୍ ଭାବେ ପ୍ରଦାନ କରାଯିବ। ଯଦି ଉକ୍ତ ସର୍ଭିସ ପ୍ରୋଭାଇଡର୍ ଗାଡ଼ି ଯୋଗାଇବା ବ୍ୟବସ୍ଥା ଠିକ୍ ଭାବେ ଚାଲେ ବୋଲି ରାଜ୍ୟ ସରକାର ଠିକ୍ ଅନୁଭବ କରନ୍ତି, ତେବେ କଣ୍ଟ୍ରାକ୍ଟ ସମୟ ୩ ବର୍ଷରୁ ୪ ବର୍ଷକୁ ବୃଦ୍ଧି କରାଯିବ। ଏହି ବ୍ୟବସ୍ଥା ଯୋଗାଇବା ପାଇଁ ଯେଉଁ ଟେଣ୍ଡର କରାଯିବ, ସେଥିଲାଗି କୌଣସି ପେପର୍‌ର ମୂଲ୍ୟ ନିଆଯିବ ନାହିଁ।

# ଭିଜିଲାନ୍ସ ଜାଲରେ ରାଜସ୍ୱ ନିରୀକ୍ଷକ

ଢେଙ୍କାନାଳ, ୨୮।୫(ରତନ ନାୟାର)

**ନାମଜାରି କରିବାକୁ ୬୦ ହଜାର ଲାଞ୍ଚ ନେଉଥିଲେ**

ଢେଙ୍କାନାଳ ଜିଲା ହିନ୍ଦୋଳ ତହସିଲ ଅନ୍ତର୍ଗତ ଗଣ୍ଡାନାଳୀ ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷକ ଶଶିଭୂଷଣ ବେହେରା ବୁଧବାର ସକାଳେ ନିଜ କାର୍ଯ୍ୟାଳୟରେ ୪ଟି ନାମଜାରି କରିବା ପାଇଁ ୬୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ତାଙ୍କ ସହଯୋଗୀ ତଥା ବେସରକାରୀ ଭାବେ ତାଙ୍କ ପାଖରେ କାମ କରୁଥିବା ବିଷ୍ଣୁବଲ୍ଲଭ ଖଟୁଆଙ୍କୁ ମଧ୍ୟ ଭିଜିଲାନ୍ସ ବିଭାଗ ଧରିଛି। ସେ ନୂଆବଗ ଗ୍ରାମର ଅଷ୍ଟମୀ ସାହୁଙ୍କ ଠାରୁ ଲାଞ୍ଚ ନେଉଥିଲେ। ଭିଜିଲାନ୍ସ ବିଭାଗ ଅଧିକାରୀମାନେ ତାଙ୍କ ଗଣ୍ଡାନାଳୀ ସ୍ଥିତ ସରକାରୀ କାର୍ଯ୍ୟାଳୟ, ଢେଙ୍କାନାଳ ସହରସ୍ଥିତ ସତ୍‌ସଙ୍ଗ ବିହାର ଓ ଗଁନ୍ଦିଆ ଥାନା ଯୋରନ୍ଦା ଫାଣ୍ଡି ଖଙ୍କର ଗ୍ରାମରେ ଥିବା ତାଙ୍କର ପୈତୃକ ଗ୍ରାମରେ ଚଢ଼ାଉ ଜାରି ରଖିଥିବା ଜଣାପଡ଼ିଛି। ଗୋଟିଏ ନାମଜାରି କରିବାକୁ ସେ ୧୫ ହଜାର ଦାବି କରି ଅଭିଯୋଗକାରୀଙ୍କଠାରୁ ୬୦ ହଜାର ମାଗିଥିଲେ। ତଦନୁଯାୟୀ ରାଜସ୍ୱ ନିରୀକ୍ଷକ ସକାଳେ ନିଜର ସହଯୋଗୀ ବିଷ୍ଣୁବଲ୍ଲଭଙ୍କ ଜରିଆରେ ୬୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ।


ରାଜସ୍ୱ ନିରୀକ୍ଷକ ଶଶିଭୂଷଣ ବେହେରା।

## ଟ୍ରାକ୍ଟରକୁ ଧକ୍କା ଦେଲା ଟ୍ରକ୍: ୨ ମୃତ

ବୈଶିଙ୍ଗା, ୨୮।୫(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ୧୮ନଂ. ଜାତୀୟ ରାଜପଥର ଆଗ୍ରିଆ ଛକଠାରେ ବୁଧବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଉତ୍ତରପ୍ରଦେଶ ମିରଟ ଅଞ୍ଚଳର ଅତୁଲ ଭାରତୀ ଏବଂ ହରିୟାଣାର କର୍ଣ୍ଣାଲ ଜିଲା ଅଞ୍ଚଳର ସୁନ୍ଦର ଦୋଲ। ଗୁରୁତର ହରିୟାଣାର କର୍ଣ୍ଣାଲ ଜିଲା ରାମଜୋର କଟାବାଗ ସେକ୍ଟର ୩୨ ଥାନା ଅଞ୍ଚଳର ପ୍ରଦୀପ ରଞ୍ଜନ, ହେରିଟେଜ ଅଞ୍ଚଳର ବିକାଶ କଲ୍ୟାଣ, ଇନ୍ଦିରା କଲୋନୀ ଜୁଦାଲା ଗେଟ ସଦରଥାନା ଅଞ୍ଚଳର କରନ ଭଟନାଗରଙ୍କୁ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ବାରିପଦାରୁ ଏକ ଟ୍ରାକ୍ଟର ନେଇ ଆହତମାନେ ବାଲେଶ୍ୱର ଫେରୁଥିଲା ବେଳେ ଟ୍ରକ୍‌ଟି ଦ୍ରୁତ ଗତିରେ ଆସି ଉକ୍ତ ଟ୍ରାକ୍ଟରକୁ ଧକ୍କା ଦେଇଥିଲା।

# ଆଜି ଲକ୍ଷପତି ଦିଦି ସମ୍ମିଳନୀ, ଯୋଗଦେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୮।୫(ସୁନିତ୍ ମିଶ୍ର)

ଦେଶର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ସଫଳତାକୁ ସମର୍ଥନଦେବା ସହ ଗ୍ରାମୀଣ ମହିଳା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ମିଶନ ଶକ୍ତି ବିଭାଗ ପକ୍ଷରୁ 'ଲକ୍ଷପତି ଦିଦି ସମ୍ମିଳନୀ ୨୦୨୫' ଆୟୋଜନ ହେବ। ଗୁରୁବାର ଲୋକସେବା ଭବନର ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀ ଆଧାରିତ ଆର୍ଥିକ କାର୍ଯ୍ୟକଳାପ ଜରିଆରେ ବାର୍ଷିକ ୧ ଲକ୍ଷ ଟଙ୍କା ବା ତଦୂର୍ଦ୍ଧ୍ୱ ଆୟ କରିଥିବା ଲକ୍ଷପତି ଦିଦିମାନଙ୍କୁ ପ୍ରୋତ୍ସାହନ ଦେବା ସହ ସମ୍ମାନିତ କରିବେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ଦିଦିଙ୍କୁ ସଶକ୍ତ କରିବା ଏବଂ ମହିଳା ନେତୃତ୍ୱାଧୀନ ବିକାଶକୁ ପ୍ରୋତ୍ସାହନ ଦେବାରେ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଏହି ସମ୍ମିଳନୀ ସଶକ୍ତ କରିବ। ଅନ୍ୟ ମହିଳାମାନଙ୍କୁ ପ୍ରେରଣା ଦେବା ପାଇଁ ଉକ୍ତ କାର୍ଯ୍ୟକ୍ରମରେ ସାରା ଭାରତରୁ ଲକ୍ଷପତି ଦିଦିମାନେ ଗୋଟିଏ ଛାତ ତଳେ ଏକାଠି ହୋଇ ସେମାନଙ୍କର ସଫଳତା ଏବଂ ନିରନ୍ତର ଯାତ୍ରାର କାହାଣୀ ବର୍ଣ୍ଣନା କରିବେ। ଜାତୀୟ ସଂହତି ଏବଂ ଜ୍ଞାନ ଆଦାନପ୍ରଦାନର ଏହି ଗୁରୁତ୍ୱପୂର୍ଣ୍ଣ ଅବସରରେ ୨୫ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଲକ୍ଷପତି ଦିଦିଙ୍କ ସମେତ ସରକାରୀ ଅଧିକାରୀ, ଜାତିସଂଘ ପ୍ରତିଷ୍ଠାନ, ଜାତୀୟ ଗ୍ରାମୀଣ ଜୀବିକା ମିଶନ ଏବଂ ବିଭିନ୍ନ ରାଜ୍ୟ ଜୀବିକା ମିଶନର ଅଧିକାରୀମାନେ ମଧ୍ୟ ଅଂଶଗ୍ରହଣ କରିବେ।

# ଅନାସ୍ଥାରେ ହାରିଲେ ମହାକାଳପଡ଼ା ବ୍ଲକ ଅଧକ୍ଷା

- ୪୯ ପଞ୍ଚାୟତ ସଭ୍ୟଙ୍କ ସମର୍ଥନ
- ୨୫ ବର୍ଷର ବିଜେଡି ଗଡ଼ ଭାଙ୍ଗିଲା

ମହାକାଳପଡ଼ା,୨୮।୫(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ଲକ୍ ଅଧକ୍ଷା କଳ୍ପନା ରାଉତଙ୍କୁ ହଟାଇବା ପାଇଁ ୪୯ ଜଣ ସଭ୍ୟାସଭ୍ୟ ଉପସ୍ଥିତ ରହି ଅନାସ୍ଥା ପ୍ରସ୍ତାବକୁ ସମର୍ଥନ କରିଥିଲେ। ଏଥିଯୋଗୁ ଗତ ୨୫ବର୍ଷର ବିଜେଡି ଗଡ଼ ଭାଙ୍ଗିଛି। ବ୍ଲକର ୩୧ ପଞ୍ଚାୟତରେ ମୋଟ ୬୨ ସରପଞ୍ଚ ଓ ସମିତି ସଭ୍ୟ ରହିଛନ୍ତି। ଅନାସ୍ଥା ପ୍ରସ୍ତାବ ବୈଠକରେ ଦୁଇ ତୃତୀୟାଂଶ ଅର୍ଥାତ୍ ୪୪ ଜଣଙ୍କ ସମର୍ଥନ ଆବଶ୍ୟକ ଥିଲା। ବୁଧବାର ବୈଠକରେ ୪୯ ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ। ଫଳରେ ବ୍ଲକ ଅଧକ୍ଷା ପଦ ବିରୋଧରେ ଅନାସ୍ଥା ପ୍ରସ୍ତାବ ଗୃହୀତ ହୋଇଛି। ବ୍ଲକ ଅଧକ୍ଷା କଳ୍ପନା ରାଉତ ସମର୍ଥନ ଅଭାବରୁ ନିଜ ପଦବୀ ହରାଇଛନ୍ତି। ତହସିଲଦାର ମଲିକଙ୍କ ଅନାସ୍ଥା ପ୍ରସ୍ତାବ ବୈଠକ ତଥ୍ୟକୁ ଭିତ୍ତି କରି ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ବ୍ଲକ ଅଧକ୍ଷା ରାଉତଙ୍କୁ ଗାଦିଚ୍ୟୁତ୍ କରାଗଲା ବୋଲି ତାଙ୍କ ଚିଠି (ନଂ.୯୦୬/ ତା ୨୮।୫।୨୦୨୫)ରେ ଉଲ୍ଲେଖ କରିଛନ୍ତି। ଏହାର ନକଲ ବିଭାଗୀୟ ଅଧିକାରୀମାନଙ୍କ ପାଖକୁ ପଠାଯାଇଛି।

ବୁଧବାର ପୂର୍ବାହ୍ନ ୧୧ଟାରେ ୪୯ ଜଣ ସଭ୍ୟାସଭ୍ୟ ବ୍ଲକ ମୁଖ୍ୟ ଫାଟକ ଦେଇ ସଭାଗୃହରେ ପହଞ୍ଚିଥିଲେ। ସଭାଗୃହରେ ତହସିଲଦାର ତଥା ନିର୍ବାଚନ ଅଧିକାରୀ ଶିବ ମଲିକ ଓ ଅତିରିକ୍ତ ତହସିଲଦାର ପ୍ରଭାଞ୍ଜନ ମିଶ୍ର ଉପସ୍ଥିତ ଥିଲେ। ପରେ ଅନାସ୍ଥା ପ୍ରସ୍ତାବ ବୈଠକ ଉପରେ ଭୋଟ ଗ୍ରହଣ କରାଯାଇଥିଲା। ସୂଚନାଯୋଗ୍ୟ, ବ୍ଲକ ଅଧକ୍ଷାଙ୍କ ପକ୍ଷରୁ ଉକ୍ତ ବୈଠକ ବାତିଲ ପାଇଁ ହାଇକୋର୍ଟରେ ସ୍ୱତନ୍ତ୍ର ଲିଭ ପିଟିଶନ ଦାଖଲ କରାଯାଇଥିଲା। ଏହାର ଶୁଣାଣି ଆସନ୍ତା ଜୁନ୍ ୩୦ ତାରିଖରେ ଅଛି। ଏହି ଅନାସ୍ଥା ପ୍ରସ୍ତାବ ପାଇଁ ବୁଧବାର ବ୍ଲକ ସମ୍ମୁଖରେ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା।


ଅନାସ୍ଥା ପ୍ରସ୍ତାବ ବୈଠକ ପାଇଁ ବ୍ଲକ୍ ସମ୍ମୁଖରେ ପୋଲିସ ମୁତୟନ କରାଯାଇଛି।

# ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏସ୍‌ଓପି

ଭୁବନେଶ୍ୱର,୨୮।୫ (ରବିନାରାୟଣ ଜେନା)

- ଆପରାଧିକ ମାମଲାର ତ୍ୱରିତ ଶୁଣାଣିକୁ ସରକାରଙ୍କ ଗୁରୁତ୍ୱ
- ପ୍ରତିପକ୍ଷ ଓକିଲଙ୍କୁ ୨ଥରରୁ ଅଧିକ ସୁଯୋଗ ଦିଅନାହିଁ

ଜନସାଧାରଣଙ୍କୁ କିଭଳି ତ୍ୱରିତ ନ୍ୟାୟ ମିଳିବ, ବିଶେଷକରି ଆପରାଧିକ ମାମଲାର ତ୍ୱରିତ ଶୁଣାଣି ହୋଇପାରିବ ସେଥିନେଇ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ପୀଡ଼ିତାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ଲକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ଭାରତୀୟ ନାଗରିକ ସୁରକ୍ଷା ସଂହିତା-୨୦୨୩ର ସେକ୍ସନ ୩୪୬ର ସବ୍‌ସେକ୍ସନ-୨ ଅନୁଯାୟୀ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର(ଏସ୍‌ଓପି) ଜାରି କରାଯାଇଛି, ଯେଉଁଥିରେ ସରକାରୀ ଓକିଲ କିଭଳି ମାମଲାର ସୁପରିଚାଳନା କରିବେ ଏବଂ ପ୍ରତିପକ୍ଷ ଓକିଲଙ୍କୁ ବାରମ୍ବାର ତାରିଖ ଗଡ଼ାଇବାର ସୁଯୋଗ ନ ଦେବେ ତାହାକୁ ଦୃଷ୍ଟିରେ ରଖି ଏସ୍‌ଓପି ପ୍ରସ୍ତୁତ କରାଯାଇଛି।

ଗତ ୨୭ ତାରିଖରେ ଗୃହ ବିଭାଗ ପକ୍ଷରୁ ଜାରି ଏସ୍‌ଓପିରେ ବିଭାଗୀୟ ସ୍ୱତନ୍ତ୍ର ସଚିବ ଦର୍ଶାଇଛନ୍ତି ଯେ, ସାମ୍ବିଧାନିକ ନିୟମ ଅନୁଯାୟୀ ଆପରାଧିକ ମାମଲାର ଶୁଣାଣି ବେଳେ ଯେଭଳି ଅନାବଶ୍ୟକ ଭାବେ ପ୍ରତିପକ୍ଷ ଓକିଲ ବିଳମ୍ବ ନ କରିବେ ସେଥିପ୍ରତି ସରକାରୀ ଓକିଲ(ପବ୍ଲିକ୍ ପ୍ରସିକ୍ୟୁଟର) ଗୁରୁତ୍ୱ ଦେବେ। ଏହା ରାଜ୍ୟର ସମସ୍ତ ପବ୍ଲିକ୍ ପ୍ରସିକ୍ୟୁଟର, ଆସିଷ୍ଟାଣ୍ଟ ପବ୍ଲିକ୍ ପ୍ରସିକ୍ୟୁଟର ଏବଂ ଅନ୍ୟାନ୍ୟ ଅଧିକାରୀ(ଆପରାଧିକ ମାମଲା ପରିଚାଳନା)ଙ୍କ ପାଇଁ ପ୍ରଯୁଜ୍ୟ। ଯଦି ସେଭଳି କିଛି ସ୍ୱତନ୍ତ୍ର କାରଣ ନ ଥିବ, ତେବେ ପ୍ରତିପକ୍ଷ ଓକିଲଙ୍କୁ ଯେପରି ଆଡଜର୍ନମେଣ୍ଟ ଅନୁମତି ନ ମିଳିବ ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟିଦେବେ। ମାମଲା ପରିଚାଳନା ବେଳେ ଅତିବେଶିରେ ୨ଥର ଆଡ୍‌ଜର୍ନମେଣ୍ଟ ଅନୁମତି ଦେଇହେବ। ସେପରି ବୈଧ କାରଣ ନ ଥିଲେ ଓକିଲଙ୍କୁ ଅନ୍ୟ ଅଦାଲତରେ ନିଯୁକ୍ତି ଦିଆଯାଇପାରିବ ନାହିଁ। ସାକ୍ଷ୍ୟ ଅଦାଲତରେ ଉପସ୍ଥିତ ଥିବାବେଳେ ପ୍ରତିପକ୍ଷ ଓକିଲ ସେମାନଙ୍କୁ ଯେପରି ପ୍ରଭାବିତ କରିବାର ସୁଯୋଗ ନ ପାଇବେ ତାକୁ ନଜରରେ ରଖି ସରକାରୀ ଓକିଲମାନେ ବିଭିନ୍ନ ଦିଗରୁ କ୍ରସ୍ ପ୍ରଶ୍ନ କରିବାକୁ ଏସ୍‌ଓପିରେ କୁହାଯାଇଛି। ଏହାବାଦ୍ କଜ୍ ଲିଷ୍ଟ ନିଶ୍ଚିତ କରିବା, ସାକ୍ଷ୍ୟଙ୍କୁ ପ୍ରସ୍ତୁତ ରଖିବା, ଆଟେଣ୍ଡାନ୍ସ ରେଜିଷ୍ଟର ନିୟମିତ ପରିଚାଳନା କରିବା ସହ ଜିଲାସ୍ତରରେ ପ୍ରସିକ୍ୟୁଟରମାନେ ଏସ୍‌ଓପି ସମ୍ପର୍କରେ ଯେପରି ତାଲିମ୍‌ପ୍ରାପ୍ତ ହେବେ ସେଥିପ୍ରତି ଗୁରୁତ୍ୱ ଦେବାକୁ କୁହାଯାଇଛି। ଏହାବାଦ୍ ପ୍ରତିମାସରେ ମାମଲା ତାଲିକା ଓ ତା'ର ବିବରଣୀ ସହିତ କେତେ ଆଡ୍‌ଜର୍ନମେଣ୍ଟ ଅନୁମତି ପ୍ରତିପକ୍ଷ ଓକିଲଙ୍କୁ ପ୍ରଦାନ କରାଗଲାଣି ତାହା ସମ୍ପର୍କରେ ଚିକିନିଖି ତଥ୍ୟ ରଖିବାକୁ ସରକାରଙ୍କ ପକ୍ଷରୁ ଏସ୍‌ଓପିରେ କୁହାଯାଇଛି।

# ଆଜିଠୁ ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଫେଲୋଶିପ୍ ପାଇଁ ଆବେଦନ

ଭୁବନେଶ୍ୱର,୨୮।୫ (ଅନୁରାଧା ମହାରଣା)

ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଆଣ୍ଡ୍ ଇନୋଭେଶନ୍ ଫେଲୋଶିପ୍ ପ୍ରୋଗ୍ରାମ୍ ଅଧୀନରେ ଗୁରୁବାରଠାରୁ ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଫେଲୋଶିପ୍ ପାଇଁ ଆବେଦନ ଆରମ୍ଭ ହେବ। ପିଏଚ୍‌ଡି ଆଶାୟୀମାନେ ସାମ୍ସ ମାଧ୍ୟମରେ ଆବେଦନ କରିପାରିବେ। ଜୁନ୍ ୨୪ ଆବେଦନର ଶେଷ ତାରିଖ ରହିଛି। ଆବେଦନରେ କୌଣସି ପରିବର୍ତ୍ତନ କିମ୍ବା ତ୍ରୁଟି ଥିଲେ ଆବେଦନକାରୀ ୨୫ ତାରିଖରେ ସଂଶୋଧନ କରିପାରିବେ। ତେବେ ଏହିଦିନ ନୂଆ ଆବେଦନ କରିହେବ ନାହିଁ। ଜୁଲାଇ ୩ରେ ଓକାକ୍ ପକ୍ଷରୁ ଆବେଦନକାରୀଙ୍କ ତଥ୍ୟ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ (ଓଏସ୍‌ଏଚ୍‌ଇସି)ରେ ଦାଖଲ କରାଯିବ। ପରବର୍ତ୍ତୀ ସମୟରେ ଓଏସ୍‌ଏଚ୍‌ଇସି ପକ୍ଷରୁ ଆବେଦନକାରୀଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ ଯାଞ୍ଚ କରାଯିବ। ସୂଚନା ଥାଉକି, ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନସ୍ଥ ୧୫ଟି ବିଶ୍ୱବିଦ୍ୟାଳୟରେ ଗବେଷଣା ପାଇଁ ଛାତ୍ରୀଛାତ୍ର ସୁଯୋଗ ପାଇବେ।

ବୈଦ୍ୟନାଥ
ଅସଲି ଆୟୁର୍ବେଦ
କବ୍ଜ ହର




କୋଷ୍ଠକାଠିନ୍ୟରୁ ମୁକ୍ତି
ଦ୍ରୁତ କାର୍ଯ୍ୟକାରୀ
ଗୋଟିଏ ରାତିରେ ଉପଶମ
ପାଉଡର ଏବଂ ଟାବଲେଟ୍ ଉଭୟ ଆକାରରେ ଉପଲବ୍ଧ
www.baidyanath.com

FREE HOTEL MANAGEMENT COURSES AT SIHM, BALANGIR (ODISHA)
(ONLY FOR SUNDARGARH DISTRICT)

Eligible students belonging to all sections (SC/ST/OBC/Gen) from the mining affected Blocks (Bonaigarh, Gurundia, Hemgir, Koida, Kuarmunda, Kutra, Lahunipada, Nuagaon, Lephripada Lathikata, Rajgangpur, Rajgangpur MPL, Biramitrapur MPL, Rourkela Municipal Corp. of SUNDARGARH District can enroll themselves at SIHM, Balangir free of cost for Degree, Diploma and Craft Courses for the Academic Year 2024-25. The entire expenses of Course & Hostel Fees will be sponsored by District Mineral Foundation (DMF), Sundargarh.

| COURSES | DURATION | QUALIFICATION | AGE LIMIT |
| --- | --- | --- | --- |
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English one of the subject at the 12th level | No Age Limit |
| 2. Diploma in Front Office Operation, Food Production, Housekeeping Operation, Food & Beverage Service and Bakery & Confectionery | 1½ Year | 10+2 pass or equivalent | |
| 3. Craftsmanship Certificate Course in Food Production | 06 Months | 10th pass | |
| 4. Craftsmanship Certificate Course in Food & Beverage Service | 1½ Year | 10th pass | |

VISIT STATE IHM, BALANGIR FOR FURTHER DETAILS
STATE INSTITUTE OF HOTEL MANAGEMENT, DIGITAL DOOR NO. ODBLGBIJ01A002, BIJAKHAMAN, BALANGIR (ODISHA)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA)
Visit our website - www.sihmbalangir.org, e-mail: admissions@sihmbalangir.org
SIHM Contact No. 8447903803, 9437140772, 8018581031 NCHMCT

DSPL-82
ଓଡ଼ିଶା ସରକାର

ରତୁସ୍ରାବ ସମ୍ପର୍କିତ ପରିଚ୍ଛନ୍ନତା ଦିବସ
୨୮ ମଇ ୨୦୨୫

"କିଶୋରୀ ଓ ମହିଳାମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ରତୁସ୍ରାବ ସମୟରେ ପରିଚ୍ଛନତା ଅତ୍ୟନ୍ତ ଜରୁରୀ । "ଖୁସି" ଯୋଜନାରେ ସରକାରଙ୍କ ତରଫରୁ କିଶୋରୀମାନଙ୍କୁ ଦିଆଯାଉଥିବା ସାନିଟାରୀ ପ୍ୟାଡ୍‌ର ସଦୁପଯୋଗ କରନ୍ତୁ ।"

ରତୁସ୍ରାବ ପରିଚ୍ଛନ୍ନତା ସମ୍ପର୍କିତ
କିଛି ସରଳ ଉପାୟ

- ପ୍ରତିଦିନ ସ୍ନାନ କରନ୍ତୁ ଓ ପରିଷ୍କାର ବସ୍ତ୍ର ପରିଧାନ କରନ୍ତୁ।
- ସାନିଟାରୀ ପ୍ୟାଡ୍ ବ୍ୟବହାର କରନ୍ତୁ ଓ ୪-୬ ଘଣ୍ଟା ଅନ୍ତରରେ ତାହାକୁ ବଦଳାନ୍ତୁ।
- ରକ୍ତସ୍ରାବର ଭରଣା ପାଇଁ ସରକାରଙ୍କ ଦ୍ୱାରା ଦିଆଯାଉଥିବା ଲୌହସାର ଓ ଫଲିକ ଏସିଡ୍ ବଟିକା ଖାଆନ୍ତୁ।
- ଅନିୟମିତ କିମ୍ବା ଅତ୍ୟଧିକ ସ୍ରାବ ହେଲେ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରାମର୍ଶ କରନ୍ତୁ।

OIPR-10003/13/0188/2526

ଅଧିକ ସୂଚନା ପାଇଁ ଆଶା / ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ।
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/

"ହତାଶା କେବେ ବି ଅଗ୍ରଗତି ଲାଗି ଆବଶ୍ୟକ ନୁହେଁ। ଏହା ସର୍ବଦା ଏକ ଦୁର୍ବଳତା ଓ ତାମସିକତାର ଲକ୍ଷଣ। ଏହା ଜଣାଇଦିଏ ଯେ, ଏକ ବିରୋଧୀ ଶକ୍ତି ତୁମ ଭିତରେ ପ୍ରବେଶ କରିଛି। ଏହି ବିରୋଧୀ ଶକ୍ତି ତୁମ ସାଧନା ବିରୋଧରେ କାର୍ଯ୍ୟ କରେ। –ଶ୍ରୀମା



# ଆମେ ଆମ ଜୀବନର ସାକ୍ଷୀ



ଦେବଦତ୍ତ ପଟ୍ଟନାୟକ

ପୁରାଣରେ ବହୁ ଚମତ୍କାର ଅବଧାରଣା ରହିଛି, ଯାହା ମଣିଷର ଭାବନା ଏବଂ ଜ୍ଞାନକୁ ବୁଝାଇଥାଏ। ତେବେ ମାନବୀୟ ଚିନ୍ତାଧାରାରେ ଈଶ୍ୱର ଏବଂ ସମାନତାର ଧାରଣା ରହିଥିଲେ ମଧ୍ୟ ସେସବୁ ପ୍ରକୃତିରେ ଦୃଶ୍ୟମାନ ହୋଇ ନ ଥାଏ। ପୁରାଣ ହେଉଛି ଅଦୃଶ୍ୟ ଜଗତର ଧାରଣା ଓ ବିଶ୍ୱାସ। ପ୍ରକୃତିରେ ନ ଥିବା ଧାରଣାଗୁଡ଼ିକୁ ବୁଝାଇବା ଲାଗି ଏହା କାଳ୍ପନିକ ଛବି ବା କାହାଣୀ ବ୍ୟବହାର କରେ। ଆଦିମାନବ ପ୍ରକୃତିର କାର୍ଯ୍ୟକୁ ବ୍ୟାଖ୍ୟା କରିବା ପାଇଁ ଦେବତାଙ୍କ ଧାରଣା ଆଣିଥିଲା। ତା' ଦୃଷ୍ଟିରେ ଫୁଲ ଓ ଫଳ ଦେଉଥିବା ଗଛ ହିଁ ଭଗବାନ୍। ଜଙ୍ଗଲ ଓ ନଦୀ ମଧ୍ୟ ଥିଲା ତା' ପାଇଁ ଦେବତା। ପ୍ରକୃତିର ନିୟମ ସହିତ ଏକ ସମନ୍ୱୟ ଆଣିବା ଲାଗି ମଧ୍ୟପ୍ରାଚ୍ୟର ଆଦିବାସୀମାନେ ଈଶ୍ୱରଙ୍କ କାହାଣୀ ସୃଷ୍ଟି କରିଥିଲେ। ବିଶେଷକରି ସେହି ସମୟରେ ଭାରତୀୟମାନେ ଜୀବନର ବିବିଧତା ତଥା ଭବିଷ୍ୟତ ଓ ଅସମାନତାକୁ ଦର୍ଶାଇବା ସକାଶେ ପୁନର୍ଜନ୍ମ ଧାରଣା ଆଣିଥିଲେ, ଯାହାସବୁ ଥିଲା କାଳ୍ପନିକ କାହାଣୀ ଏବଂ ଅବାସ୍ତବ ଛବି ମାଧ୍ୟମରେ ଏହାକୁ ପ୍ରଚାର କରିଥିଲେ। ଉଦାହରଣ ସ୍ୱରୂପ, ବୌଦ୍ଧଧର୍ମର ଜାତକ କାହାଣୀ ବୁଦ୍ଧଙ୍କର ପ୍ରାୟ ୫୫୦ଟି ପୂର୍ବଜନ୍ମ ସମ୍ପର୍କରେ (କେତେକ ଉଦ୍ଭିଦ, କେତେକ ପ୍ରାଣୀ ଏବଂ କେତେକ ମଣିଷ ଭାବରେ) ସୂଚିତ କରିଛି। ବିଷ୍ଣୁଙ୍କର ଦୁଇ ଅବତାର ରାମ ଏବଂ କୃଷ୍ଣଙ୍କ କାହାଣୀ ରାମାୟଣ ଓ ମହାଭାରତରେ ରହିଛି। ଦେଖିବାକୁ ଗଲେ ହିନ୍ଦୁ ପରମ୍ପରାରେ ପୁନର୍ଜନ୍ମ ବିଶ୍ୱାସ ଦୃଢ଼ ଭାବେ ରହିଆସିଛି।

ଯିଶୁ ଜଣେ କୁମାରୀଠାରୁ ଜନ୍ମ ହେବା ବିଶ୍ୱାସକୁ ଏବେ ବି ଅନେକେ ଗ୍ରହଣ କରନ୍ତି। କିନ୍ତୁ ସେ ଏକ ଅଲୌକିକ ସତ୍ତା, ଈଶ୍ୱରଙ୍କ ପୁତ୍ର, ଯାହାଙ୍କୁ ହତ୍ୟା କରାଯିବା ପରେ ତାଙ୍କ ପୁନର୍ଜୀବନ ପ୍ରାପ୍ତିକୁ ଜାଗ୍ରତ କରିବା ପାଇଁ ଏଭଳି ବିଶ୍ୱାସ ଉଦ୍ଦିଷ୍ଟ ଥିଲା। ମହମ୍ମଦ ଜେରୁଜେଲମରୁ ସ୍ୱର୍ଗକୁ ଯିବାର କାହାଣୀ ତାଙ୍କୁ ଜଣେ ଈଶ୍ୱର ଭାବେ ଦର୍ଶାଇବା ପାଇଁ ଉଦ୍ଦିଷ୍ଟ ଥିଲା। ୟୁରୋପୀୟ ପଣ୍ଡିତମାନେ ଯିଶୁ ଏବଂ ମହମ୍ମଦଙ୍କ ଜନ୍ମ ଓ ଜୀବନର ବାସ୍ତବତାକୁ ଯେମିତି ଗ୍ରହଣ କରନ୍ତି ହିନ୍ଦୁ ପୁରାଣଗୁଡ଼ିକୁ ଠିକ୍ ସେମିତି ସ୍ୱୀକାର କରିଥାନ୍ତି। ସେମାନେ ସେଥିରେ କାଳ୍ପନିକତା ଦେଖିପାରନ୍ତି ନାହିଁ। ଦେଖିବାକୁ ଗଲେ କ୍ଷୀରସାଗର ଅସ୍ତିତ୍ୱ କିମ୍ବା ଶିବଙ୍କ ମସ୍ତକ ଦେଇ ଗଙ୍ଗା ଆକାଶରୁ ଧରାକୁ ଆସିଥିବା ଧାରଣାଗୁଡ଼ିକୁ ଅର୍ଥପୂର୍ଣ୍ଣ ପ୍ରତୀକ ଭାବେ ବ୍ୟବହାର କରି ପ୍ରଚାର କରାଯାଇଥିଲା।



ଏବେକାର ଆଧୁନିକ ଯୁଗର ଲୋକେ ପରମ୍ପରାକୁ ଘୃଣା କରନ୍ତି। ସେମାନେ ସେମାନଙ୍କ ପୂର୍ବଜଙ୍କ ତୁଳନାରେ ବାସ୍ତବବାଦୀ ବୋଲି ଅନୁଭବ କରନ୍ତି। କିନ୍ତୁ ଯଦି ଆମେ ପୁନର୍ଜନ୍ମ ଉପରେ ବିଶ୍ୱାସ କରୁ, ତେବେ ଆମକୁ ବୁଝିବା ଦରକାର ଯେ ପୁନର୍ଜନ୍ମ ବିଚାର କ'ଣ ଓ ଏହାର ଉଦ୍ଦେଶ୍ୟ କ'ଣ ରହିଛି। ପୁନର୍ଜନ୍ମ ତିନୋଟି ସିଦ୍ଧାନ୍ତ ସାମ୍ନାକୁ ଆଣେ। ପ୍ରଥମେ ଏହା ସୃଷ୍ଟିର ବିବିଧତାକୁ ଦର୍ଶାଏ। ପୁନର୍ଜନ୍ମ ସମସ୍ତ ବିବିଧତାକୁ ଆମର ଦାୟିତ୍ୱ ବୋଲି ସୂଚିତ କରେ। ପୁନର୍ଜନ୍ମ କର୍ମକୁ ବ୍ୟାଖ୍ୟାକରେ। ସମସ୍ତଙ୍କ ଜୀବନ ଭଲ ଓ ମନ୍ଦ କର୍ମର ସମାହାର ବୋଲି କହେ। ପୁନର୍ଜନ୍ମ ଧାରଣା ଏହା ମଧ୍ୟ ଦର୍ଶାଏ ଯେ, ଯେଉଁମାନେ ପୂର୍ବଜନ୍ମରେ ନକାରାତ୍ମକ ବା ମନ୍ଦ କର୍ମ କରିଥାନ୍ତି ସେମାନେ ଏ ଜନ୍ମରେ ଯନ୍ତ୍ରଣା ଭୋଗନ୍ତି। ଯେଉଁମାନେ ସକାରାତ୍ମକ କର୍ମର ପାରନ୍ଧ ନେଇ ଆସନ୍ତି ସେମାନେ ଆନନ୍ଦରେ ରହନ୍ତି। ଜୀବନ ଓ ଜନ୍ମର ଏହି ବିବିଧତାକୁ ବୁଝାଇବାରେ କର୍ମ ସାହାଯ୍ୟ କରେ। ଏପରିକି ସମସ୍ତେ ସମାନ ବା ଗୋଟିଏ ରୂପ ବୋଲି ବିଶ୍ୱାସ କରୁ ନ ଥିବା ସମାଜରେ ମଧ୍ୟ କର୍ମ ସିଦ୍ଧାନ୍ତ ରହିଛି। ଅନ୍ୟପଟେ ଯେଉଁଠି ସମସ୍ତେ ସମାନ ବୋଲି ବିଶ୍ୱାସ କରାଯାଏ ସେଠାରେ ଗୋଟିଏ ଈଶ୍ୱର, ଗୋଟିଏ ଗ୍ରନ୍ଥ ଏବଂ ଗୋଟିଏ ଜୀବନଶୈଳୀ ତୁମେ ପାଇପାରିବ। ଦ୍ୱିତୀୟରେ ଜୀବର ଗୋଟିଏ ଜନ୍ମ ଉପରେ ବିଶ୍ୱାସ କରୁଥିବା ପୁରାଣଗୁଡ଼ିକ ଜୀବନର ଏକ ଅନ୍ତିମ ସ୍ତର, ମହାପ୍ରଳୟ ଓ ମହାଯୁଦ୍ଧକୁ ଦର୍ଶାନ୍ତି। ଅନ୍ୟପଟେ ଅନେକ ଜୀବନ ଓ ଜନ୍ମ(ପୁନର୍ଜନ୍ମ)ର ସିଦ୍ଧାନ୍ତ ଉପରେ ବିଶ୍ୱାସ କରୁଥିବା ସମାଜରେ ସେପରି କୌଣସି ଶେଷ ବିଚାର(ସୃଷ୍ଟି ଓ ଜୀବନ) ନାହିଁ, ଏପରି କି କୌଣସି ବିଜୟ କିମ୍ବା ପରାଜୟ ନାହିଁ। କୁହାଯାଏ ଏଇ ଜୀବନରେ ଜଣେ ବିଜୟୀ ହେଲେ ଆର ଜନ୍ମରେ ତାକୁ ହାରିବାକୁ ହୋଇଥାଏ। ପୂର୍ବଜନ୍ମରେ ଯିଏ ଧନୀ ଥାଏ ସେ ଏଇ ଜୀବନରେ ଗରିବ ହୁଏ। କହିବାକୁ ଗଲେ ଜୀବନର ସବୁକିଛି ଏକ ଚକ୍ରାକାର ଗତିରେ ଚାଲେ ଓ ଜୀବର ପ୍ରତ୍ୟେକଟି କାର୍ଯ୍ୟର ପରିଣାମ ଅଛି। ସୃଷ୍ଟିରେ ମଧ୍ୟ କୌଣସି ଗୋଟିଏ ମହାବିନାଶର ଦିନ ନାହିଁ। କେହି ସ୍ୱର୍ଗ କିମ୍ବା ନର୍କରେ ନାହାନ୍ତି। କୌଣସି ଅନ୍ତିମ ଗନ୍ତବ୍ୟସ୍ଥଳ ନ ଥାଏ। କେବଳ ଥାଏ ଜନ୍ମ –ମୃତ୍ୟୁ ଚକ୍ରର ପଥ, ଯେଉଁଥିରେ ଜଣେ ଜନ୍ମ ପରେ ଜନ୍ମ ନେଇଥାନ୍ତି।

ତୃତୀୟରେ ଯଦି ଜଣେ କେବଳ ଥରେ ଜନ୍ମ ନେବ କିମ୍ବା ଥରେ ଏହି ସୃଷ୍ଟିରେ ବଞ୍ଚିବ, ତେବେ ବୁଝିବାକୁ ହେବ ଯେ, ତାଙ୍କର ପୁନର୍ଜନ୍ମ ନାହିଁ, ଅର୍ଥାତ୍ ସେ ଜନ୍ମ–ମୃତ୍ୟୁଚକ୍ରରୁ ମୁକ୍ତ ହୋଇଯାଏ। ଏହା ହେଉଛି ସଞ୍ଚିତ ପ୍ରାରବ୍ଧର ସୁଫଳ। ତେଣୁ ତୁମେ ବଞ୍ଚିଥିବା ସମୟରେ କରିଥିବା କର୍ମ ଏବଂ ଲାଭ କରିଥିବା ସଫଳତା ଓ ଧନସମ୍ପତ୍ତିକୁ ଜୀବନ ଶେଷରେ ଗଣନା କରାଯାଇଥାଏ। ତୁମେ ସେହି ଜୀବନରେ ସଫଳ ହୋଇଛ କି ନାହିଁ ତାହା ସ୍ଥିର କରାଯାଏ ଓ ତାହା ହିଁ ପ୍ରାରବ୍ଧ। କିନ୍ତୁ ଯଦି ତୁମେ ବାରମ୍ବାର ଜନ୍ମ ନେଉଛ, ତେବେ ତୁମ ଜୀବନ ସେହି ଭଳି ଅସୀମ ଥର ଭାଗ ହେଉଛି ବୋଲି ବୁଝିବାକୁ ହେବ। ଫଳରେ ତୁମେ ଯାହା କରିଥାଅ କିମ୍ବା ହାସଲ କରିଥାଅ, ତାହାର ମୂଲ୍ୟ ଶେଷରେ ଶୂନ୍ୟ ହୋଇଯାଏ। ମନେରଖିବାକୁ ହେବ ଯେ, ଅନ୍ୟମାନଙ୍କୁ ତୁମେ ଯାହାସବୁ ଦେଇଛ ସେଥିରେ ତୁମ ଜୀବନର ମୂଲ୍ୟାଙ୍କନ ହୋଇଥାଏ। ଭଲ କର୍ମ କରୁଥିଲେ କିମ୍ବା ଭଲ ସେବା ଦେଉଥିଲେ ଜୀବନର ମୂଲ୍ୟ ବଢ଼େ। ଆମ୍ବ ଗଛରେ ଆମ୍ବ ଫଳିଲେ ତାହାର ମୂଲ୍ୟ ଜଣା ପଡ଼େନାହିଁ ବରଂ ତାକୁ ଖାଇଲେ ତାହାର ମୂଲ୍ୟ କ'ଣ ଜାଣିପାରିବା। ପ୍ରକୃତରେ କୌଣସି ଜିନିଷର ଗୁଣାତ୍ମକ ମୂଲ୍ୟ ଅନ୍ୟମାନଙ୍କ ଦ୍ୱାରା ନିର୍ଦ୍ଧାରଣ ହୋଇଥାଏ। ତୁମେ ଏ ଜନ୍ମରେ ଜୀବନକୁ ନଷ୍ଟ କରିଥିଲେ ପରଜନ୍ମରେ ତାହାକୁ ଅନ୍ୟମାନେ ନଷ୍ଟ କରିଦେବେ। ଏ ଜନ୍ମରେ ଭଲ କାମ ତଥା ଅନ୍ୟମାନଙ୍କ ସେବା କରିଥିଲେ ତାହାର ମୂଲ୍ୟ ଅନ୍ୟମାନଙ୍କ ଦ୍ୱାରା ପରଜନ୍ମରେ ନିର୍ଦ୍ଧାରିତ ହେବା ଥୟ। କେହି ଆମକୁ ଦେଖୁ ବା ନ ଦେଖୁ ଆମେ ହିଁ ଆମ ଜୀବନର ଜଣେ ବାସ୍ତବ ସାକ୍ଷୀ। ଏଣୁ ଜଣେ ସାକ୍ଷୀ ଭାବେ ଭଲମନ୍ଦ କର୍ମର ଋଣ ପରିଶୋଧ କରିବାକୁ ହେବ ଏବଂ ଭଲ କାମ କରି ପୁନର୍ଜନ୍ମରେ ସକାରାତ୍ମକ ଫଳପ୍ରାପ୍ତି ପାଇଁ ଚେଷ୍ଟା କରାଯିବା ଦରକାର।

–devduttofficial@gmail.com

## ବର୍ଷଣ ଯୋଜନାର ଦୂଷଣ ଚିତ୍ର



କାଳିପ୍ରସାଦ ମହାପାତ୍ର

ଚାଲୁ ଚାଲୁ ପିଲାଦିନର ବିଦ୍ୟାଳୟ ଆଡ଼େ ଦିନେ ଚାଲିଗଲି। ପ୍ରଧାନ ଶିକ୍ଷୟିତ୍ରୀ ମୋ ବୃତ୍ତି, ବ୍ୟକ୍ତିତ୍ୱ ସମ୍ବନ୍ଧରେ ଭଲ ଭାବରେ ଅବଗତ। ନମସ୍କାର କରି ଆଦର କଲେ। ବିଦ୍ୟାଳୟର ନାନା ସମସ୍ୟା ଉପରେ ଗପି ଚାଲିଲେ। ପଚାରିଲି– ବିଦ୍ୟାଳୟର ପିଲା ସଂଖ୍ୟା କେତେ? କହିଲେ ୫୨। ଆଶ୍ଚର୍ଯ୍ୟ ହେଲି। ଶୁଣିଲି, ପାଖ ସ୍କୁଲ କେତୋଟିକୁ ଭାଙ୍ଗିଦେଇ ଏଇ ସ୍କୁଲରେ ମିଶାଇ ଦିଆଯାଇଛି। ସେଠିକାର ଆଠ, ନଅଟି ପିଲା ଆଉ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଆଣି ଏଠି ଏକାଠି କରିଦିଆଯାଇଛି। ହେଲେ ଏଠି ବି ପ୍ରତିବର୍ଷ ପିଲା ସଂଖ୍ୟା କମିବାରେ ଲାଗିଛି। କାରଣ ପଚାରିଲି। ପ୍ରଧାନ ଶିକ୍ଷୟିତ୍ରୀ କହିଲେ– "ସାର୍, ପିଲା କୁଆଡୁ ଆସିବେ? ଏବେ ତ କାହାର ଦୁଇଟି ପିଲା ବି ନାହାନ୍ତି। ସମସ୍ତଙ୍କର ସେଇ ଗୋଟିଏ। ସେ ଝିଅ ହେଉ ବା ପୁଅ। ଆଉ ସେ ଗୋଟିକୁ ନେଇ ସେମାନେ କୋଉ ଶିଶୁମନ୍ଦିର ବା ଇଂଲିଶ ମିଡିୟମରେ ନାମ ଲେଖାଉଛନ୍ତି। ତେଣୁ ପିଲା ଆମେ ପାଇବୁ କୋଉଠୁ?"

ଦେଖିଲି ବିଦ୍ୟାଳୟର ଭୌତିକ ଚିତ୍ର ମନ୍ଦ ନୁହେଁ। ବରଂ ଇନ୍ଦ୍ରଭବନୀୟ, ଆଖି ଝଲସା – ପର୍ଯ୍ୟାପ୍ତ ଘର, ପାଚେରି, ଗେଟ୍ ରାମ୍ପ, ପାଇଖାନା, କାନ୍ଥ ସବୁ ରଙ୍ଗାରଙ୍ଗ, ଚକାଚକ! ମଧ୍ୟାହ୍ନଭୋଜନ, ପୋଷାକ, ବହିପତ୍ର ସବୁ ଯଥେଷ୍ଟ ମହଜୁଦ। ପଚାରିଲି– ୭ଟା ଶ୍ରେଣୀରେ ପିଲା ସଂଖ୍ୟା ତ ଏତିକି, ହେଲେ ଶିକ୍ଷକ? "ପ୍ରଧାନ ଶିକ୍ଷୟିତ୍ରୀ କହିଲେ, ମୋତେ ମିଶାଇ ୪ ଜଣ।" ଆଶ୍ଚର୍ଯ୍ୟ ହେଲି– ପ୍ରଥମ ପିରିୟଡ୍‌ରେ ୭ଟା ଶ୍ରେଣୀକୁ ୭ ଜଣ ଶିକ୍ଷକ ନିହାତି ପ୍ରବେଶ କରିବା କଥା। ଏଠି ଏ ନିୟମ କେମିତି ହେଉଥିବ?

ସେଦିନ ସେ ୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଭିତରୁ ଜଣେ ଟ୍ରେନିଂରେ ଯାଇଥିଲେ। ରିସେସ୍‌ରେ ପିଲାଏ ମଧ୍ୟାହ୍ନଭୋଜନ ଖାଇ ପଡ଼ିଆରେ ହୋହଲ୍ଲା, ମାରଧର ହେଉଥାନ୍ତି। ରିସେସ୍ ଶେଷହେବା ପରେ ବି ଶ୍ରେଣୀକୁ ଯିବାର ଆତୁରତା ନ ଥାଏ। ଜଣେ ଶିକ୍ଷୟିତ୍ରୀ ଘରକୁ ଯିବାକୁ ଦରଖାସ୍ତଟିଏ ଧରି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବଢ଼ାଇଲେ। ଅନଧିକାର ତଥା ଆସୌଜନ୍ୟ ଜିଜ୍ଞାସା ପାଇଁ କ୍ଷମା ମାଗି ପଚାରିଲି– କ'ଣ ଘରକୁ ଯିବେ କି ଦିଦି? "ହଁ ସାର୍! ଆଜି ସଂକ୍ରାନ୍ତି ତ। ଘରେ ପୂଜା।" ମୋ ଭିତରଟା କେମିତି ହୁଙ୍କାରିଉଠିଲା। କହିଲି, "ଦେଖୁଛନ୍ତି, ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଛାଡ଼ି ଆପଣ ୩ ଜଣଙ୍କ ଭିତରୁ ଜଣେ ଶିକ୍ଷକ ମୋ ଆଗେ ଆଗେ ଅଫିସ୍ କାମରେ ବାହାରିଗଲେ। ଜଣେ ପୂର୍ବରୁ ଟ୍ରେନିଂରେ ଅଛନ୍ତି। ଆପଣ ଏବେ ଘର ପୂଜା ପାଇଁ ଦିନ ଦୁଇଟା ପୂର୍ବରୁ ସ୍କୁଲ ଛାଡ଼ିବେ। ଜଣେ ଶିକ୍ଷୟିତ୍ରୀଙ୍କ ଦ୍ୱାରା ବିଦ୍ୟାଳୟଟି ଚାଲିବ କେମିତି?" ଶିକ୍ଷୟିତ୍ରୀ ଜଣକ କହିଲେ– ସତ କଥା କ'ଣ କି ସାର୍! ଘରେ ମୋର ୭ ମାସର ଝିଅଟିଏ। ତା'ରି ପାଇଁ ଟିକେ ଦିଦିଙ୍କୁ କହି ଯାଉଛି। ଧର୍ମ ସଙ୍କଟରେ ପଡ଼ି ପାଟିରୁ ମୋର କିଛି ବାହାରିଲା ନାହିଁ। ସେତେବେଳକୁ ପ୍ରତି ଶ୍ରେଣୀରେ ପିଲାଏ ହାଟ ଭଳି ଘୋ ଘା ହେଉଥାନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ନିଜର ଅସହାୟତା ପଦାରେ ପଡ଼ିଯାଉଥିବା ଜାଣିପାରି କହିଲେ– ପିଲାଙ୍କୁ ମାଡ଼ ତ ଦୂରର କଥା, ଟିକେ ନାଲିଆଖି ଦେଖାଇପାରିବୁ ନାହିଁ।" ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅନୁମତି ନେଇ ଗୋଟିଏ ଶ୍ରେଣୀକୁ ଗଲି। ଏକା ପ୍ରକୋଷ୍ଠରେ ଉଭୟ ପଞ୍ଚମ ଓ ଷଷ୍ଠ ଶ୍ରେଣୀର ପିଲାଏ ବସିଥିଲେ। ସେମାନଙ୍କୁ କେତୋଟି ଶବ୍ଦ ଲେଖିବାକୁ ଡାକିଲି। ସମୁଦାୟ ତେରଟି ପିଲାଙ୍କ ମଧ୍ୟରୁ ଗୋଟିଏ ପିଲାର ଦଶଟି ଶବ୍ଦ ଠିକ୍ ଥିଲା। ଅନ୍ୟ ୧୨ ଜଣଙ୍କର ସମସ୍ତ ଶବ୍ଦ ଅଶୁଦ୍ଧ।

ଅଫିସ୍‌କୁ ଫେରି ଆସି ନୀରବରେ ବସି ପଡ଼ିଲି। ପ୍ରଧାନ ଶିକ୍ଷୟିତ୍ରୀ ଶୁଖିଲା ହସ ହସି ନିଜର ଅସହାୟତା, ସରକାରଙ୍କ ନୂତନ ଶିକ୍ଷାନୀତିରେ ଏକାଧିକ ଯୋଜନା କଥା କହି ନିଜେ ପ୍ରକୋଷ୍ଠ ପ୍ରକୋଷ୍ଠ ବୁଲି ଝରକା କବାଟ ଦେଉଥିଲେ। ଏହି ସମୟରେ ଛୁଟି ଦରଖାସ୍ତ ଦେଇଥିବା ଶିକ୍ଷୟିତ୍ରୀ ଜଣଙ୍କର ଦରଖାସ୍ତଟି (ଇଂରାଜୀରେ) ଉପରେ ମୋ ଦୃଷ୍ଟିରେ ପଡ଼ିଲା। ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମୁଦାୟ ୭ – ୮ ଟି ଧାଡ଼ି ପାଞ୍ଚଟି ଅଶୁଦ୍ଧ ଶବ୍ଦ ସହିତ ମାରାତ୍ମକ ବ୍ୟାକରଣଗତ ତ୍ରୁଟି ସବୁ ଥିଲା। ତାହାକୁ ଦେଖି କାହାକୁ କିଛି ନ କହି ଉଠିବାର ଉପକ୍ରମ କରୁଥିଲି।

ଆଖିକୁ ଅସୁଖ ଲାଗୁଥିଲା ପିଲାମାନଙ୍କ ଅଶୁଦ୍ଧ ଶବ୍ଦ, ତାଲିମପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ଇଂରାଜୀ ଦରଖାସ୍ତ ଏବଂ ଛାତ୍ରୀଛାତ୍ରଙ୍କ ବିଶୃଙ୍ଖଳିତ ଆଚରଣ। ମନେପଡ଼େ ଆମ ପିଲାଦିନ। ସେତେବେଳର ଅର୍ଥାତ୍ ୫୦/୬୦ ବର୍ଷ ତଳର ଧୋତି, ମୁଣ୍ଡ ଗଳା ଶାର୍ଟ ଆଉ କାଖରେ ଛତା ଜକା, ଖାଲି ପାଦର ବୁଢ଼ା ବୁଢ଼ା ଆମ ସାର୍‌ମାନଙ୍କ କଥା। ସରକାରୀ ଯୋଜନାର ନାମଗନ୍ଧ ନ ଥିବା ସେ ସବୁ ବେତ ଖଣ୍ଡିକରେ କେତେ ସତେ କରାମତି ନ ଥିଲା! ଶିକ୍ଷା, ଶୃଙ୍ଖଳା, ସଂଯମ, ଚରିତ୍ରବତ୍ତା, ଅନୁଜ୍ଞା ସହ ବିଦ୍ୟାଳୟର କଞ୍ଚା ବାଡ଼, ଲିପାପୋଛାର ମାଟି କାନ୍ଥ ଖଣ୍ଡିକ ବି କମ୍ ଜ୍ଞାନଗୁମ୍ଫିତ, ସଂସ୍କାର ସଞ୍ଚାରୀ କାରଖାନାଟିଏ ନ ଥିଲା ସତେ।

ମୋ:୯୭୭୭୦୧୯୫୬୨

## ଏଇ ଭାରତରେ

ଏବେ ଅନେକ ପିଲା ମା'ବାପାଙ୍କର ସେବା କରିବା ଓ ସେମାନଙ୍କ ଦାୟିତ୍ୱ ନେବାକୁ ବୋଝ ବୋଲି ଭାବୁଛନ୍ତି। ହେଲେ ମୃତ୍ୟୁ ପରେ ଶୁଦ୍ଧିକର୍ମ କରିବା ପାଇଁ ଝଗଡ଼ା କରିବାଭଳି ଘଟଣା ଦେଖିବାକୁ ମିଳିଛି ମଧ୍ୟପ୍ରଦେଶ ଟିକମଗଡ଼ ଜିଲା ଲିଧୋରାତାଲ ଗାଁରେ। ପିତାଙ୍କ ଅନ୍ତିମ ସଂସ୍କାରବେଳେ ତାଙ୍କ ମୃତଦେହକୁ ଦୁଇଭାଗ କରିବା ପର୍ଯ୍ୟନ୍ତ କଥା ଯାଇଥିଲା। ଘଟଣାଟି ହେଉଛି, ତଳ ଲିଧୋରା ଗାଁର ୮୪ ବର୍ଷୀୟ ଧ୍ୟାନୀ ସିଂହ ତାଙ୍କ ସାନ ପୁଅ ଦାମୋଦରଙ୍କ ପାଖରେ ରହୁଥିଲେ। ଧ୍ୟାନୀଙ୍କର ମୃତ୍ୟୁ ହେବା ପରେ ଅନ୍ତିମ ସଂସ୍କାର ପାଇଁ ଦେଶରାଜ ସମସ୍ତ ବ୍ୟବସ୍ଥା କରିଥିଲେ। କିନ୍ତୁ ବାପାଙ୍କ ମୃତ୍ୟୁର ଖବର ପାଇଁ ସହରରେ ରହୁଥିବା ବଡ଼ ପୁଅ କିଷନ ଆସି ଅନ୍ତିମ ସଂସ୍କାର କରିବାକୁ ଜିଦ୍ ଧରିଥିଲେ, ଯାହାପାଇଁ ଦୁଇ ଭାଇଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏମିତିକି ବାପାଙ୍କ ମୃତଦେହକୁ ଦୁଇଭାଗ କରିବା ଯାଏ କଥା ଯାଇଥିଲା। ଶେଷରେ ପୋଲିସ ସେଠାରେ ପହଞ୍ଚି ଘଟଣାର ସମାଧାନ କରିଥିଲା ଏବଂ ସାନପୁଅଙ୍କୁ ଅନ୍ତିମ ସଂସ୍କାରର ଅଧିକାର ମିଳିଥିଲା।

## ୫୦ ବର୍ଷ ତଳର ଧରିତ୍ରୀ

୨୯ ମେ ୧୯୭୬

- ରାଜ୍ୟର ବିଶିଷ୍ଟ ହୋମିଓ ଚିକିତ୍ସକ ତଥା ସମାଜସେବୀ ଡାକ୍ତର ଅଭିନ୍ନ ଚନ୍ଦ୍ର ରାଓଙ୍କ ୭୮ ବର୍ଷ ବୟସରେ ପରଲୋକ।
- ରାଜ୍ୟ ସରକାର ସର୍ବନିମ୍ନ ମଜୁରୀ ବୋର୍ଡ ସହ ପରାମର୍ଶ କରି ଛାପାଖାନାର ୫ଟି ଶ୍ରେଣୀର କର୍ମଚାରୀମାନଙ୍କର ଦରମା ହାର ପରିବର୍ତ୍ତନ କରିଛନ୍ତି।
- ବିହାର ମୁଖ୍ୟମନ୍ତ୍ରୀ ଜଗନ୍ନାଥ ମିଶ୍ର ପୂର୍ବାଞ୍ଚଳ ପରିଷଦର ଭାଇସଚେୟାରମ୍ୟାନ୍ ନିଯୁକ୍ତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 2 | | |
| | | | 3 | | | | | 8 |
| 8 | | | | | | 5 | 1 | |
| | | | 9 | | 7 | | | |
| | 5 | 4 | | 1 | | | | |
| | 9 | | | 3 | | | | 6 |
| | 4 | | 7 | | | 8 | | 1 |
| | 6 | | | | 1 | 3 | 7 | |
| | | 3 | | | 9 | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 2 | 6 | 4 | 3 | 5 | 1 | 9 |
| 3 | 4 | 5 | 8 | 9 | 1 | 2 | 7 | 6 |
| 6 | 9 | 1 | 5 | 2 | 7 | 3 | 8 | 4 |
| 9 | 5 | 3 | 4 | 8 | 6 | 1 | 2 | 7 |
| 2 | 7 | 8 | 9 | 1 | 5 | 6 | 4 | 3 |
| 4 | 1 | 6 | 7 | 3 | 2 | 8 | 9 | 5 |
| 5 | 6 | 9 | 2 | 7 | 8 | 4 | 3 | 1 |
| 8 | 3 | 7 | 1 | 5 | 4 | 9 | 6 | 2 |
| 1 | 2 | 4 | 3 | 6 | 9 | 7 | 5 | 8 |

ଗତକାଲିର ଉତ୍ତର

# ସାମ୍ବିଧାନିକ କ୍ଷମତାର ପ୍ରୟୋଗ



କିଶୋର ଚନ୍ଦ୍ର ବେହେରା

ଗଣତନ୍ତ୍ରରେ ସରକାରର ୩ଟି ଅଙ୍ଗ ବା ଶାଖା ଥାଏ, ଯଥା ବ୍ୟବସ୍ଥାପକ ସଭା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା। କାର୍ଯ୍ୟପାଳିକା ସରକାରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ। ବ୍ୟବସ୍ଥାପିକା ଦ୍ୱାରା ପ୍ରଣୀତ ଆଇନକୁ କାର୍ଯ୍ୟକାରୀ କରିବା ସହିତ ଅଦାଲତର ନିଷ୍ପତ୍ତିକୁ ପାଳନ କରିଥାଏ। ବିଶିଷ୍ଟ ରାଜନୀତିଜ୍ଞ ଗାର୍ଣ୍ଣର ମତପୋଷଣ କରନ୍ତି, "ବ୍ୟବସ୍ଥାପିକା ଓ ସମ୍ବିଧାନ ଦାରା ପ୍ରଣୀତ ଆଇନ ତଥା ନ୍ୟାୟାଳୟର ରାୟକୁ କାର୍ଯ୍ୟକାରୀ କରିଥାଏ ସରକାରଙ୍କ କାର୍ଯ୍ୟପାଳିକା ବିଭାଗ"। ଏହି ବିଭାଗ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରୁଥିବାରୁ ବ୍ୟାବହାରିକ ଅର୍ଥରେ ସରକାର କହିଲେ କାର୍ଯ୍ୟପାଳିକା ହିଁ ବୁଝାଏ। କାର୍ଯ୍ୟପାଳିକା କହିଲେ ରାଷ୍ଟ୍ରର ମୁଖ୍ୟ ରାଷ୍ଟ୍ରପତି, ସରକାର ମୁଖ୍ୟ ପ୍ରଧାନମନ୍ତ୍ରୀ, ମନ୍ତ୍ରିମଣ୍ଡଳ ଓ ଉଚ୍ଚ ଶାସନ କର୍ମଚାରୀଙ୍କୁ ବୁଝାଇଥାଏ। କିନ୍ତୁ ବିକ୍ଷିପ୍ତ ଅର୍ଥରେ କାର୍ଯ୍ୟପାଳିକା ଉଭୟ ନୀତି ନିର୍ଦ୍ଧାରଣ ଓ ନୀତି କାର୍ଯ୍ୟକାରୀ ଶାସନକର୍ତ୍ତାଙ୍କୁ ବୁଝାଏ। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳ ନୀତି ନିର୍ଦ୍ଧାରଣ କରନ୍ତି ଏବଂ ପ୍ରଶାସନିକ ସରକାରୀ କର୍ମଚାରୀ ସେଗୁଡ଼ିକ କାର୍ଯ୍ୟକାରୀ କରିଥାନ୍ତି। ବ୍ୟବସ୍ଥାପକ ସଭା ଆଇନ ପ୍ରଣୟନ କରୁଥିବାବେଳେ କାର୍ଯ୍ୟପାଳିକା ଏହାକୁ କାର୍ଯ୍ୟକାରୀ କରେ। ସେହିପରି ବିଚାରବିଭାଗ ଏହି ଆଇନ ଗୁଡ଼ିକର ତର୍ଜମା, ବ୍ୟାଖ୍ୟା ଓ ସମୀକ୍ଷା କରେ ତଥା ଦୋଷୀକୁ ଦଣ୍ଡବିଧାନ କରେ। ଭାରତୀୟ ସମ୍ବିଧାନ ଓ ନ୍ୟାୟିକ ବ୍ୟବସ୍ଥାରେ ଏକ ସୁଚିନ୍ତିତ ସ୍ୱାଧୀନ ଓ ନିରପେକ୍ଷ ବିଚାର ବ୍ୟବସ୍ଥା କରାଯାଇଛି। ଏହି ପରିପ୍ରେକ୍ଷୀରେ ସର୍ବୋଚ୍ଚ ନ୍ୟାୟାଳୟ ତାମିଲନାଡୁ ରାଜ୍ୟପାଳଙ୍କ ପ୍ରସଙ୍ଗରେ ଦେଇଥିବା ରାୟ ସମ୍ପର୍କିତ ୧୪ ପ୍ରଶ୍ନ ପଚାରିଛନ୍ତି ରାଷ୍ଟ୍ରପତି। ସମ୍ବିଧାନର ଧାରା ୨୦୦, ୨୦୧ ଓ ୩୬୧କୁ ଉଲ୍ଲେଖ କରି ରାଜ୍ୟପାଳଙ୍କ ଇଚ୍ଛାଧୀନ ବ୍ୟାପାର ଉପରେ ନ୍ୟାୟାଳୟ ହସ୍ତକ୍ଷେପ କରିବା କେତେଦୂର ନ୍ୟାୟସଙ୍ଗତ ସେ ସମ୍ପର୍କରେ ଅବଗତ କରିବା ପାଇଁ ଉଚ୍ଚତମ ନ୍ୟାୟାଳୟକୁ ଚିଠି ଲେଖିଛନ୍ତି। ସମ୍ବିଧାନର ଧାରା ୧୪୩ ଆଧାରରେ ରାଷ୍ଟ୍ରପତି ସୁପ୍ରିମକୋର୍ଟଙ୍କୁ ପ୍ରଶ୍ନ କରିଛନ୍ତି। ଏପ୍ରିଲରେ ଉପରାଷ୍ଟ୍ରପତି ଜଗଦୀପ ଧନକର ଏବଂ କିଛି ରାଜନେତା ସୁପ୍ରିମକୋର୍ଟଙ୍କ କ୍ଷମତା ଉପରେ ପ୍ରଶ୍ନ ଉଠାଇଥିଲେ। ତାମିଲନାଡୁ ସରକାର ବିନା ରାଜ୍ୟପାଳଙ୍କ ସମ୍ମତିରେ ୧୦ଟି ବିଲ୍ ଗୃହୀତ କରିବା ପରେ ଆରମ୍ଭ ହୋଇଥିଲା ବିତର୍କର ଝଡ଼।

ସମ୍ବିଧାନର ଧାରା ୧୪୩ (୧) ଆଧାରରେ ଭାରତର ପ୍ରଥମ ନାଗରିକ ଦେଶର ସର୍ବୋଚ୍ଚ ନ୍ୟାୟାଳୟକୁ ଅନେକ ପ୍ରଶ୍ନରେ ନ୍ୟାୟିକ ବ୍ୟବସ୍ଥାକୁ ହରଡ଼ଘଣାରେ ପକାଇଦେଇଛନ୍ତି। ଧାରା ୨୦୦ ଅନୁଯାୟୀ ଯେତେବେଳେ ଏକ ସାଧାରଣ ବିଲ୍ ରାଜ୍ୟପାଳଙ୍କ ଦ୍ୱାରା ରାଷ୍ଟ୍ରପତିଙ୍କ ପାଖକୁ ଅନୁମୋଦନ ପାଇଁ ପଠାଯାଏ ସେତେବେଳେ ରାଷ୍ଟ୍ରପତି ଏହି ବିଲ୍ ଉପରେ ସହମତି ଦେଇପାରନ୍ତି କିମ୍ବା ଅସହମତି ପ୍ରକାଶ କରିପାରନ୍ତି। ସମ୍ବିଧାନରେ ଏହି ପ୍ରକ୍ରିୟା ନେଇ କୌଣସି ସମୟସୀମା ଧାର୍ଯ୍ୟ କରାଯାଇନଥିବା ବେଳେ ସୁପ୍ରିମକୋର୍ଟ କିନ୍ତୁ ଏହା ଉପରେ ରାୟ ଦେଇ କହିଛନ୍ତି କି ରାଷ୍ଟ୍ରପତି ଏହି ବିଲ ଉପରେ ବିଚାର କରିବାକୁ ଲମ୍ବା ସମୟ ନେଇପାରିବେ ନାହିଁ। ଏହାକୁ ନେଇ ରାଷ୍ଟ୍ରପତି କ୍ଷୋଭ ପ୍ରକଟ କରିବା ସହ ଅନେକ ପ୍ରଶ୍ନର ସ୍ପଷ୍ଟୀକରଣ ଲୋଡ଼ିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟଠାରୁ। ପ୍ରଥମ ପ୍ରଶ୍ନ ଯେତେବେଳେ ରାଜ୍ୟପାଳଙ୍କ ପାଖକୁ କୌଣସି ବିଲ୍ ଆସେ, ସେତେବେଳେ ତାଙ୍କ ପାଖରେ କ'ଣ ସବୁ ସାମ୍ବିଧାନିକ ବିକଳ୍ପ ରହିଥାଏ? ଦ୍ୱିତୀୟରେ ଭାରତୀୟ ସମ୍ବିଧାନର ଧାରା ୨୦୦ ଅନୁଯାୟୀ କ'ଣ ରାଜ୍ୟପାଳ କୌଣସି ବିଲ୍ ଉପରେ ନିଷ୍ପତ୍ତି ନେବା ବେଳେ ମନ୍ତ୍ରିପରିଷଦଙ୍କ ପରାମର୍ଶ ଦ୍ୱାରା ବନ୍ଧା? ତୃତୀୟରେ ଭାରତୀୟ ସମ୍ବିଧାନର ଧାରା ୨୦୦ ଅନୁଯାୟୀ କ'ଣ ରାଜ୍ୟପାଳଙ୍କ ନିଷ୍ପତ୍ତିକୁ କୋର୍ଟରେ ଚ୍ୟାଲେଞ୍ଜ କରାଯାଇପାରିବ? ଚତୁର୍ଥରେ ଧାରା ୩୬୧ ରାଜ୍ୟପାଳଙ୍କ ନିଷ୍ପତ୍ତିର ନ୍ୟାୟିକ ସମୀକ୍ଷା ଉପରେ କ'ଣ ସମ୍ପୂର୍ଣ୍ଣ ଭାବେ ପ୍ରତିବନ୍ଧକ ଲଗାଇପାରିବ? ପଞ୍ଚମରେ ଯଦି ସମ୍ବିଧାନରେ ରାଜ୍ୟପାଳଙ୍କ ପାଇଁ କୌଣସି ସମୟସୀମା ନାହିଁ ତାହାଲେ କ'ଣ ଅଦାଲତ ସମୟ ସୀମା ନିର୍ଦ୍ଧାରଣ କରିପାରିବେ? ଷଷ୍ଠରେ ରାଷ୍ଟ୍ରପତିଙ୍କ ନିଷ୍ପତ୍ତିକୁ କ'ଣ ଅଦାଲତରେ ଚ୍ୟାଲେଞ୍ଜ କରିହେବ? ସପ୍ତମରେ ରାଜ୍ୟପାଳ ରାଷ୍ଟ୍ରପତିଙ୍କ ନିକଟକୁ ବିଲ୍ ପଠାଇଲେ ରାଷ୍ଟ୍ରପତିଙ୍କ ପାଇଁ ସୁପ୍ରିମକୋର୍ଟଙ୍କ ମତାମତ ନେବା ବାଧ୍ୟତାମୂଳକ କି? ଅଷ୍ଟମରେ ଧାରା ୨୦୦ ଏବଂ ୨୦୧ ଅନୁଯାୟୀ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ନିଷ୍ପତ୍ତି ଆଇନ ହେବା ପୂର୍ବରୁ ନ୍ୟାୟିକ ସମୀକ୍ଷାର ଅଧୀନରେ ଆସେ କି? ନବମରେ ଭାରତର ସମ୍ବିଧାନର ଧାରା ୧୪୨ ଅନୁଯାୟୀ କ'ଣ ସାମ୍ବିଧାନିକ କ୍ଷମତାର ପ୍ରୟୋଗ ରାଷ୍ଟ୍ରପତି କିମ୍ବା ରାଜ୍ୟପାଳଙ୍କ ଦ୍ୱାରା ଆଦେଶକୁ କୌଣସି ପ୍ରକାରେ ବଦଳାଯାଇପାରିବ? ଦଶମରେ ରାଜ୍ୟପାଳଙ୍କ ଅନୁମୋଦନ ବିନା ମଧ୍ୟ ରାଜ୍ୟ ବିଧାନସଭା ଦ୍ୱାରା ଗୃହୀତ ଆଇନ ପ୍ରଭାବଶାଳୀ ବୋଲି ବିବେଚନା କରାଯିବ କି? ଏକାଦଶରେ ଧାରା ୧୪୫(୩) ଅନୁଯାୟୀ ଏକ ସାମ୍ବିଧାନିକ ପ୍ରଶ୍ନର ବିଚାର କରିବା ପାଇଁ ସୁପ୍ରିମକୋର୍ଟରେ ସର୍ବନିମ୍ନ ପାଞ୍ଚ ଜଣିଆ ଖଣ୍ଡପୀଠ ଆବଶ୍ୟକ କି? ଦ୍ୱାଦଶରେ ଧାରା ୧୪୨ ଅନୁଯାୟୀ ସୁପ୍ରିମକୋର୍ଟର କ୍ଷମତା କେବଳ ପ୍ରକ୍ରିୟା ଯାଏ ସୀମିତ ନା ବିପରୀତ ଆଦେଶ ଜାରି କରାଯାଇପାରିବ? ତ୍ରୟୋଦଶରେ ସମ୍ବିଧାନ ତଥା ପ୍ରଚଳିତ ଆଇନ ସହିତ ଅସଙ୍ଗତ ନିର୍ଦ୍ଦେଶ ବା ଆଦେଶନାମା ସର୍ବୋଚ୍ଚ ନ୍ୟାୟାଳୟ ଦେଇ ପାରିବେ କି? ଶେଷରେ ସମ୍ବିଧାନର ଧାରା ୧୩୧ ଅନୁଯାୟୀ ଦାୟର ହୋଇଥିବା ମାମଲା ବ୍ୟତୀତ, କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦ ସମାଧାନ ପାଇଁ ସୁପ୍ରିମକୋର୍ଟଙ୍କ ଅନ୍ୟ କୌଣସି କ୍ଷମତା ଅଛି କି ବୋଲି ପ୍ରଶ୍ନ କରିଛନ୍ତି।



ରାଷ୍ଟ୍ରପତିଙ୍କ ଆପତ୍ତି ଉପରେ ସର୍ବୋଚ୍ଚ ନ୍ୟାୟାଳୟ ନିଜର ରାୟ ବଦଳେଇପାରିବେ କି– ଏହି ପ୍ରଶ୍ନ କାର୍ଯ୍ୟପାଳିକା ପାଇଁ ବର୍ତ୍ତମାନ ଏକ ମୁଖ୍ୟ କାରଣ ରୂପେ ଠିଆ ହୋଇଛି। ଯଦି ଆମେ ଭାରତୀୟ ସମ୍ବିଧାନର ୧୪୩ (୧) କଥା ବିଚାର କରିବା ରାଷ୍ଟ୍ରପତି ଯେକୌଣସି ଆଇନଗତ ପ୍ରସଙ୍ଗରେ ସର୍ବୋଚ୍ଚ ନ୍ୟାୟାଳୟ ସହ ପରାମର୍ଶ କରିପାରିବେ। ଏହି ମତାମତ ବାଧ୍ୟତାମୂଳକ ନୁହେଁ, କିନ୍ତୁ ଏହାର ଅନେକ ସାମ୍ବିଧାନିକ ମହତ୍ତ୍ୱ ରହିଛି। ଭିନ୍ନଭିନ୍ନ ସମୟରେ ରାଷ୍ଟ୍ରପତି ମାଗିଥିବା ମତାମତ ଉପରେ ସର୍ବୋଚ୍ଚ ନ୍ୟାୟାଳୟ ଦୁଇଥର ଜବାବ ଦେବାକୁ ମନା କରିଦେଇଥିଲେ। ୧୯୮୨ରେ ପାକିସ୍ତାନରୁ ଆସିଥିବା ପ୍ରବାସୀଙ୍କ ଥଇଥାନ ଆଇନ ଉପରେ ମତାମତ ଲୋଡ଼ାଯାଇଥିଲା, କିନ୍ତୁ ପରେ ସେହି ଆଇନ ପାରିତ ହୋଇ କୋର୍ଟରେ ପିଟିଶନ ଦାଖଲ କରାଯାଇଥିଲା, ଯାହା ମତାମତକୁ ଅପ୍ରାସଙ୍ଗିକ କରିଦେଇଥିଲେ। ଦ୍ୱିତୀୟଟି ହେଲା ୧୯୯୩ରେ ରାମ ଜନ୍ମଭୂମି – ବାବ୍ରି ମସଜିଦ ବିବାଦରେ ମନ୍ଦିରର ପୂର୍ବ ସ୍ଥିତି ଉପରେ ମତାମତ ଲୋଡାଯିବାରୁ କୋର୍ଟ ଏହାକୁ ଧାର୍ମିକ ଓ ସାମ୍ବିଧାନିକ ମୂଲ୍ୟବୋଧର ବିପରୀତ ବୋଲି କହି ଖାରଜ କରିଦେଇଥିଲେ। ୧୯୯୧ରେ କାବେରୀ ଜଳ ବିବାଦକୁ ନେଇ ଅଦାଲତ କହିଥିଲେ ଯେ, ରାୟ ପ୍ରକାଶ ପାଇବା ପରେ ସେହି ପ୍ରସଙ୍ଗରେ ରାଷ୍ଟ୍ରପତିଙ୍କ ମତାମତ ନେବା ନ୍ୟାୟପାଳିକାର ମର୍ଯ୍ୟାଦା ବିରୋଧୀ। ସରକାର ଚାହିଁଲେ ରିଭ୍ୟୁ ପିଟିଶନ ଦାଖଲ କରିପାରିବେ, ଯାହା ନ୍ୟାୟିକ ପ୍ରକ୍ରିୟାର ଏକ ଅଂଶ। ବିରୋଧୀ ଶାସିତ ରାଜ୍ୟଗୁଡ଼ିକର ବିଲ୍ ରାଜ୍ୟପାଳ କେଉଁ ପରିସ୍ଥିତିରେ ରଖୁଛନ୍ତି ବା ପ୍ରତ୍ୟାଖ୍ୟାନ କରୁଛନ୍ତି, ସେଥିରୁ ଏହି ପୂରା ଘଟଣା ସାମ୍ନାକୁ ଆସିଛି। ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବି ୧୦ଟି ବିଲ୍ ରାଷ୍ଟ୍ରପତିଙ୍କ ନିକଟକୁ ପଠାଇଥିଲେ। ଏହା କେନ୍ଦ୍ର – ରାଜ୍ୟ ସମ୍ପର୍କରେ ସନ୍ତୁଳନ ପ୍ରସଙ୍ଗ ଏବଂ ଏକ ସମୟସୀମା ଜରୁରୀ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଛନ୍ତି। ଏ ବାବଦରେ ରାଷ୍ଟ୍ରପତିଙ୍କ ପାଇଁ ସମୟସୀମା ନିର୍ଦ୍ଧାରଣ କରି ନିର୍ଦ୍ଦେଶ ଯୋଗୁ ସରକାର ଏହାକୁ ସାମ୍ବିଧାନିକ ଅସନ୍ତୁଳନ ବୋଲି କହିଥିଲେ। ଉପରାଷ୍ଟ୍ରପତି ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟକୁ କଡ଼ା ସମାଲୋଚନା କରିଛନ୍ତି। ଯଦି ଏହିଭଳି ଆରୋପପ୍ରତ୍ୟାରୋପ ଲାଗି ରହିବ ତେବେ ସମ୍ବିଧାନ ପାଇଁ ଶୁଭଙ୍କର ନୁହେଁ ବୋଲି ରାଷ୍ଟ୍ରନୀତିଜ୍ଞ ମତପୋଷଣ କରୁଛନ୍ତି।

**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର, କୋରାପୁଟ
ମୋ: ୯୪୩୭୯୫୫୫୬୮**

## ପାଠକ ଶ୍ରେଷ୍ଠ ବିଚାରକ

### ପାଲା ଅନୁଷ୍ଠାନକୁ ସହାୟତା ମିଳୁ

ମହାଶୟ,

ପାଲା ଅନୁଷ୍ଠାନଗୁଡ଼ିକ ଏବେ ଅର୍ଥାଭାବ ସ୍ଥିତିର ସମ୍ମୁଖୀନ ହେଲେଣି। ଏଣୁ ପୁରାତନ ପାଲା ଅନୁଷ୍ଠାନଗୁଡ଼ିକୁ ଆର୍ଥିକ ସରକାରୀ ସହାୟତା ମିଳୁ। ୫୦ବର୍ଷରୁ ଉର୍ଦ୍ଧ୍ୱ ଅନୁଷ୍ଠାନକୁ ଚିହ୍ନଟ କରାଯାଉ। ଏବେ ପରିସ୍ଥିତି ଏମିତି ହେଲାଣି ଯେ, ବାଦୀପାଲା ପରିବର୍ତ୍ତେ ଏକକ ପାଲା ମାତ୍ର ୭ଦିନ ପରିବର୍ତ୍ତେ ୩ଦିନ କରାଯାଉଛି। ଅନୁଷ୍ଠାନଗୁଡ଼ିକ ଆର୍ଥିକ ସହାୟତା ପାଇଲେ ପରିଚାଳନା କରିବା ସହଜ ହେବ। ଏହାସହ ୫୦ବର୍ଷରୁ ଉର୍ଦ୍ଧ୍ୱ ଅନୁଷ୍ଠାନ ସୁରକ୍ଷିତ ହୋଇପାରିବ। ଏଥିପ୍ରତି ସରକାରଙ୍କ ଶୁଭଦୃଷ୍ଟି ପଡୁ।

**–ରମେଶ ଚନ୍ଦ୍ର ବେହେରା, ଆୟଉପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କି ଆନନ୍ଦ ନିହିତ ସେ
ସ୍ୱର୍ଗ ପରବାସେ,
ହୁଏ କି ତା' ସୁଷମିତ
ଶିଶୁର ସୁହାସେ !

–(ପୁରୀ–ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଜୁନ୍ ୧୨ରେ ରିପୋର୍ଟ କାର୍ଡ ଦେବେ ସରକାର

## ୩୧ ସୁଦ୍ଧା ୧୨ ନୀତି ଚୂଡ଼ାନ୍ତ ଲାଗି ବିଭାଗକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୮।୫(ରବିନାରାୟଣ ଜେନା)

ଆସନ୍ତା ଜୁନ୍ ୧୨ରେ ରାଜ୍ୟ ଭାଜପା ସରକାରର ପ୍ରଥମ ବର୍ଷ ପୂର୍ତ୍ତି ହେବ। ଏହି ଉପଲକ୍ଷେ ସରକାରଙ୍କ ପକ୍ଷରୁ ରାଜ୍ୟବ୍ୟାପୀ ବ୍ୟାପକ ଉତ୍ସବ ଆୟୋଜନ ପାଇଁ ଯୋଜନା ଚାଲିଛି। ଜୁନ୍ ୧୦ରେ ଉତ୍ସବର ପ୍ରଥମ ପର୍ବ ରୂପେ 'ସମୃଦ୍ଧ ଓଡ଼ିଶା' ସେମିନାର କରାଯିବ। ୧୧ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀ ଗସ୍ତ କରିବେ। ଏହାପରେ ନାରୀଶକ୍ତି, ଯୁବଶକ୍ତି, ଚାଷୀ ଓ ଆଦିବାସୀ ଆଦି ସମାବେଶ କରାଯିବ। ଏହାକୁ ନେଇ ଚଳିତ ମାସ ୨୨ରେ ଦୁଇଟି ପର୍ଯ୍ୟାୟରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୁଧବାର ପୂର୍ବାହ୍ନ ୧୦ଟାରେ ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜା ଏବଂ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ପୃଥକ୍ ବୈଠକ ଅନୁଷ୍ଠିତ ହେବା ସହ ସରକାରଙ୍କୁ ରିପୋର୍ଟ ଦେବାକୁ ବିଭାଗଗୁଡ଼ିକୁ କୁହାଯାଇଛି। ଏହାସହିତ ସରକାରଙ୍କ ଲୋକାଭିମୁଖୀ ଯୋଜନା 'ସୁଭଦ୍ରା'ଠାରୁ ଆରମ୍ଭକରି ଆୟୁଷ୍ମାନ୍ ଭାରତ ଯୋଜନା ଏବଂ ଗୋଟିଏ ବର୍ଷ ମଧ୍ୟରେ ନୂଆ ସରକାର କରିଥିବା ଅନ୍ୟାନ୍ୟ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବାକୁ ପ୍ରସ୍ତାବ ରହିଛି।

ତଥ୍ୟ ଅନୁଯାୟୀ, ରାଜଧାନୀ ଭୁବନେଶ୍ୱରଠାରୁ ଆରମ୍ଭକରି ବିଭିନ୍ନ ଜିଲାରେ ରାଜ୍ୟସ୍ତରୀୟ ସମାବେଶ ଆୟୋଜନ କରାଯିବ। ନାରୀଶକ୍ତିକୁ ସମର୍ପିତ ଶୀର୍ଷକ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଜୁନ୍ ୧୩ରେ ବ୍ରହ୍ମପୁରରେ ଅନୁଷ୍ଠିତ ହେବ। ସେହିପରି ଜୁନ୍ ୧୮ରେ ଢେଙ୍କାନାଳରେ 'ଯୁବଶକ୍ତି' ଏବଂ ୧୯ରେ ମୟୂରଭଞ୍ଜରେ 'ଆଦିବାସୀ ଶକ୍ତି' ଉପରେ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ଏହି ଅବସରରେ ୧୨ଟି ନୀତି ଚୂଡ଼ାନ୍ତ କରି ଚଳିତମାସ ଶେଷସୁଦ୍ଧା ରିପୋର୍ଟ ଦେବାକୁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନୀତିଗୁଡ଼ିକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଅନୁମୋଦନ ପାଇଁ ପଠାଯିବା ସହିତ ନୀତିଗୁଡ଼ିକର ତାଲିକା ଯୋଜନା ଓ ସମନ୍ୱୟ ବିଭାଗକୁ ପଠାଇବାକୁ କୁହାଯାଇଛି। ରାଜ୍ୟସ୍ତରୀୟ ମୁଖ୍ୟ ଉତ୍ସବ ଜୁନ୍ ୧୨ରେ ଭୁବନେଶ୍ୱରର ଜନତା ମଇଦାନରେ ଅନୁଷ୍ଠିତ ହେବାକୁ ଥିବାବେଳେ ଜୁନ୍ ୨୦ରେ ବରଗଡ଼ରେ କୃଷକମାନଙ୍କ ପାଇଁ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ ହେବ। ଏହି ଉପଲକ୍ଷେ ଉତ୍କଳ ପ୍ରସଙ୍ଗ (ଓଡ଼ିଆ) ଏବଂ ଓଡ଼ିଶା ରିଭ୍ୟୁ(ଇଂଲିଶ)ର ବିଶେଷ ସଂସ୍କରଣ ପ୍ରକାଶ ପାଇବ। ଜୁନ୍ ୧୨ରୁ ୧୯ ମଧ୍ୟରେ ପ୍ରତ୍ୟେକ ବ୍ଲକରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ, ଯାହା ରାଜ୍ୟରେ ଶିକ୍ଷା ଭିତ୍ତିଭୂମି ବିସ୍ତାର କରିବାରେ ଏକ ମାଇଲଖୁଣ୍ଟ ସଦୃଶ ହେବ ବୋଲି କୁହାଯାଇଛି।

# ୫୮.୫୦ ଲକ୍ଷ ହେକ୍ଟର ଜମିରେ ଫସଲ ଲକ୍ଷ୍ୟ

ଭୁବନେଶ୍ୱର, ୨୮।୫(ସୁନିତ୍ ମିଶ୍ର)

**ଖରିଫ ୨୦୨୫**

**୪ ଲକ୍ଷ କୁଇଣ୍ଟାଲ ବିହନ ଯୋଗାଇବେ ସରକାର**

ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଚଳିତବର୍ଷ ସ୍ୱାଭାବିକ ବର୍ଷା ହେବ, ଯାହା ଚାଷୀଙ୍କୁ ବେଶ୍ ସୁହାଇବ। ରିପୋର୍ଟ ଅନୁଯାୟୀ, ଖରିଫ ୨୦୨୫ରେ ବିଭିନ୍ନ ଫସଲ ଅଧୀନରେ ପ୍ରାୟ ୫୮.୫୦ ଲକ୍ଷ ହେକ୍ଟର ଜମି ଅନ୍ତର୍ଭୁକ୍ତ ହେବ। ଏଥିରେ ପ୍ରମୁଖ ଭାବେ ମଧ୍ୟମ, କ୍ଷୁଦ୍ର-ବୃହତ୍ ଉଠା ଜଳସେଚନ ଇତ୍ୟାଦି ସହ ୩୭.୬୬ ଲକ୍ଷ ହେକ୍ଟରକୁ ସାମିଲକରି ଜଳସେଚନ ପ୍ରକ୍ରିୟାକୁ ସୁନିଶ୍ଚିତ କରାଯାଉଛି। ସେହିପରି ଓଡ଼ିଶା ରାଜ୍ୟ ବିହନ ନିଗମ ଜରିଆରେ ଓ ଘରୋଇ ମାଧ୍ୟମରେ ପ୍ରାୟ ୪ ଲକ୍ଷ କୁଇଣ୍ଟାଲ ଉଚ୍ଚ ଗୁଣବତ୍ତାସମ୍ପନ୍ନ ପ୍ରମାଣିତ ବିହନ ଯୋଗାଣ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ରାଜ୍ୟ ସରକାର ୧୦୦ କୋଟି ଟଙ୍କାର କର୍ପସ ପାଣ୍ଠିର ବ୍ୟବସ୍ଥା ମଧ୍ୟ କରିଛନ୍ତି। ଆବଶ୍ୟକ ଅନୁସାରେ ପ୍ରାୟ ୯.୫୫ ଲକ୍ଷ ମେଟ୍ରିକ୍ ଟନ୍ ସାର ଯଥା ୟୁରିଆ, ଡିଏପି, ଏମ୍ଓପି, ଏନ୍‌ପିଏକେଏସ୍ ଯୋଗାଇ ଦିଆଯିବ। ଓଡ଼ିଶା ବଳଭଦ୍ର ଜୈବିକ ଚାଷ ଅଧୀନରେ ଜଗନ୍ନାଥ ମନ୍ଦିରକୁ କୋଠଭୋଗ ଓ ମହାପ୍ରସାଦ ପାଇଁ ଆଗାମୀ ୫ ବର୍ଷ ମଧ୍ୟରେ ଅମୃତ ଅନ୍ନ ପ୍ରକଳ୍ପରେ ୩୪୫୦ ହେକ୍ଟରରେ ଜୈବିକ ଉତ୍ପାଦନ ଯୋଜନା କରାଯାଇଛି। ଆର୍ଥିକ ବର୍ଷ ୨୦୨୪-୨୫ ରେ ପାଖାପାଖି ୧୧୫୨ଟି କୃଷି ଉଦ୍ୟୋଗକୁ ୧୬୦ କୋଟି ଟଙ୍କାର ସବ୍‌ସିଡି ପ୍ରଦାନ କରାଯାଇଛି, ଯାହା ବର୍ତ୍ତମାନ ସୁଦ୍ଧା ସର୍ବାଧିକ ଏବଂ ଗତବର୍ଷ ତୁଳନାରେ ପ୍ରାୟ ଦେଢ ଗୁଣ ଅଧିକ। କୃଷକମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟର ପରିଚାଳନା, ସମୃଦ୍ଧ କୃଷକ ଯୋଜନାରେ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଇନ୍‌ପୁଟ୍ ସହାୟତା ରାଶି, ଏଗ୍ରୀ ଷ୍ଟାକ୍, କୃଷକ ରେଜିଷ୍ଟ୍ରି ଭଳି ଡିଜିଟାଲ ସେବା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଲାଭ ଉଠାଇବାକୁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ପରାମର୍ଶ ଦିଆଯାଇଛି।

# ଖୁବ୍‌ଶୀଘ୍ର ୭ ନୂଆ ଏନ୍‌ଏସି ନେଇ ଘୋଷଣା: ମନ୍ତ୍ରୀ

ଭୁବନେଶ୍ୱର, ୨୮।୫(ସୁନିତ୍ ମିଶ୍ର)

- ଜିଲାପାଳ, ପଞ୍ଚାୟତିରାଜ ମନ୍ତ୍ରୀ ରିପୋର୍ଟ ଦେଇସାରିଲେଣି
- ବର୍ଷପୂର୍ତ୍ତି ଉତ୍ସବରେ ଏନେଇ ହୋଇପାରେ ଘୋଷଣା

ରାଜ୍ୟର ଭାଜପା ସରକାର ଆସନ୍ତା ୧୨ ତାରିଖରୁ ବର୍ଷପୂର୍ତ୍ତି ଉତ୍ସବ ପାଳନ କରିବାକୁ ଯାଉଛନ୍ତି। ଏଥିଲାଗି ସରକାରୀ ସ୍ତରରେ ବଡ଼ ଧରଣର ପ୍ରସ୍ତୁତି ଏକ ପ୍ରକାର ଆରମ୍ଭ ହୋଇଯାଇଛି। ରାଜ୍ୟବ୍ୟାପୀ ଏହି କାର୍ଯ୍ୟକ୍ରମ ପାଳନ କରିବା ନେଇ ସଚିବମାନଙ୍କ ସ୍ତରରେ ଏକ ପ୍ରକାର ଏଜେଣ୍ଡା ସ୍ଥିର ହୋଇସାରିଲାଣି। ତେବେ ବର୍ଷପୂର୍ତ୍ତି କାର୍ଯ୍ୟକ୍ରମ ପାଳନ ସମୟରେ ସରକାର କେତେକ ବଡ଼ ଧରଣର ଘୋଷଣା କରିପାରନ୍ତି ବୋଲି କୁହାଯାଉଛି। ଏହି ଅବସରରେ ରାଜ୍ୟରେ ୭ଟି ନୂଆ ଏନ୍‌ଏସି ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିପାରନ୍ତି ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ମହାପାତ୍ର କହିଛନ୍ତି, ଜନସାଧାରଣ କିମ୍ବା ଲୋକପ୍ରତିନିଧିମାନେ ଯେଉଁସବୁ ଅଞ୍ଚଳକୁ ଏନ୍‌ଏସି ମାନ୍ୟତା ଦେବା ଲାଗି ଦାବି କରିଥିଲେ ତା'ର ତଥ୍ୟ ନଗର ଉନ୍ନୟନ ବିଭାଗ ନିକଟକୁ ଆସିଥିଲା। ଏହାପରେ ଏ ସମ୍ବନ୍ଧରେ ଅଧିକ ତର୍ଜମାକରି ଏନ୍‌ଏସି ହେବା ଲାଗି ଉକ୍ତ ଅଞ୍ଚଳଗୁଡ଼ିକ ସବୁ ପ୍ରକାର ନିୟମ ପାଳନ କରୁଛନ୍ତି ନା ନାହିଁ ତା'ର ବିସ୍ତୃତ ରିପୋର୍ଟ ପ୍ରଦାନ କରିବା ପାଇଁ ଜିଲାପାଳମାନଙ୍କୁ ତଥ୍ୟ ମଗାଯାଇଥିଲା। ଜିଲାପାଳମାନେ ମଧ୍ୟ ଏହାର ରିପୋର୍ଟ ସଂଗ୍ରହକରି ନଗର ଉନ୍ନୟନ ବିଭାଗକୁ ପଠାଇଥିଲେ। ଏହାପରେ ଉକ୍ତ ରିପୋର୍ଟ ପଞ୍ଚାୟତିରାଜ ବିଭାଗ ନିକଟକୁ ପଠାଇ ଦିଆଯାଇଛି। ପଞ୍ଚାୟତିରାଜ ବିଭାଗ ମଧ୍ୟ ତର୍ଜମା କରିସାରିବା ପରେ ଏହାକୁ ନଗର ଉନ୍ନୟନ ବିଭାଗକୁ ପଠାଇ ଦିଆଯାଇଛି। ଏହାର ତର୍ଜମା ସରିବା ପରେ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ। ପ୍ରଥମ ପର୍ଯ୍ୟାୟରେ ୭ଟି ଏନ୍‌ଏସି ଘୋଷଣା ହେବାକୁ ଥିବାବେଳେ ପର୍ଯ୍ୟାୟକ୍ରମେ ଆହୁରି ଏନ୍‌ଏସି ଘୋଷଣା ହୋଇପାରେ ବୋଲି ଜଣାପଡ଼ିଛି।

# ସରକାରଙ୍କ ବର୍ଷପୂର୍ତ୍ତି ଉତ୍ସବ ପାଳନ ଯୋଜନାକୁ ବିରୋଧୀଙ୍କ ଟାର୍ଗେଟ

ଭୁବନେଶ୍ୱର, ୨୮।୫(ସୁନିତ୍ ମିଶ୍ର)

- ଏମାନେ ଉତ୍ସବ କରନ୍ତୁ, ଆମେ ଏମାନଙ୍କ ବିଫଳତା ଗଣିବୁ: ଭକ୍ତ
- ଏମାନଙ୍କ ବିଫଳତା ଗଣିଲେ ବର୍ଷେ ଲାଗିଯିବ: ପ୍ରସନ୍ନ

ରାଜ୍ୟରେ ଭାଜପା ସରକାର ତାଙ୍କ ବର୍ଷପୂର୍ତ୍ତି ଉତ୍ସବ ବଡ଼ ଧରଣରେ ପାଳନ କରିବାକୁ ଯାଉଛନ୍ତି। ରାଜ୍ୟବ୍ୟାପୀ ଏହି କାର୍ଯ୍ୟକ୍ରମ ପାଳନହେବାକୁ ଥିବାବେଳେ ବିରୋଧୀ ବିଜେଡି ଏବଂ କଂଗ୍ରେସ ଏନେଇ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଗତ ବର୍ଷକ ମଧ୍ୟରେ ସରକାରଙ୍କ ବିଫଳତା ଗଣିଲେ ବର୍ଷେ ଲାଗିଯିବ ବୋଲି ବିରୋଧୀ କହିଛନ୍ତି।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ଭାଜପା ସରକାର ସବୁବେଳେ ଉତ୍ସବ କରିଆସିଛନ୍ତି। ଏ ସରକାର ବି ସେହିଭଳି। ଉତ୍ସବ, ପ୍ରଚାର ସବୁକିଛି କରାଯାଉ ହେଲେ ନାରୀର ସମ୍ମାନ, ସୁଭଦ୍ରାକୁ ନ୍ୟାୟଦେବା ଲାଗି ସବୁକିଛି କରନ୍ତୁ। ଏମାନେ ଉତ୍ସବ କରନ୍ତୁ, କଂଗ୍ରେସ ଏମାନଙ୍କ ଗୋଟିଏ ଗୋଟିଏ କରି ସବୁ ବିଫଳତା ଗଣିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁଦିନ ଓଡ଼ିଶା ଆସିବେ ସେଦିନ ସୁଭଦ୍ରା ନ୍ୟାୟ ପାଇବେ। ସେମାନେ ନିର୍ବାଚନ ପୂର୍ବରୁ କେଉଁସବୁ ପ୍ରତିଶ୍ରୁତି ଦେଇଥିଲେ ସେଥିରୁ କ'ଣ ସବୁ ପାଳନ କରିଛନ୍ତି ତା'ର ହିସାବ ମଗାଯିବ। ପ୍ରଧାନମନ୍ତ୍ରୀ ଆସିବା ଦିନ ରାଜ୍ୟରେ ହଜାର ହଜାର ସୁଭଦ୍ରା ନ୍ୟାୟ ମାଗିବାକୁ ରାସ୍ତାକୁ ଆସିବେ ବୋଲି ଭକ୍ତ କହିଛନ୍ତି।

ବରିଷ୍ଠ ବିଜେଡି ନେତା ତଥା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ସରକାର ବର୍ଷ ତମାମ କେବଳ ଉତ୍ସବ ପାଳିବାରେ ମସ୍‌ଗୁଲ ଅଛନ୍ତି, କାର୍ଯ୍ୟ କ୍ଷେତ୍ରରେ ଶୂନ୍। ସରକାରର ପ୍ରଥମ ବର୍ଷରେ ସଫଳତା ବୋଲି କିଛି ନାହିଁ। ରାଜ୍ୟର ଆଇନକାନୁନ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡ଼ିଛି। ବିଜେଡି ସରକାର ସମୟରେ ଗ୍ରାମାଞ୍ଚଳରେ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଥିବା କାମଗୁଡିକ ଠପ୍ ହୋଇଯାଇଛି। ବିକାଶମୂଳକ କାର୍ଯ୍ୟ ଜମାରୁ ହେଉନାହିଁ। କ୍‌କେନ୍ଦ୍ରୀୟ ଯୋଜନାରେ ଆସୁଥିବା ଅନୁଦାନ ମଧ୍ୟ କମିଯାଇଛି। ବଜେଟ ଅର୍ଥ କ୍ଷେତ୍ରୀୟସ୍ତରରେ ଏ ସରକାର ଖର୍ଚ୍ଚ କରିପାରିନାହାନ୍ତି। ଗୋଟି ଗୋଟି କରି ସରକାରଙ୍କ ବିଫଳତା ଗଣିଲେ ବର୍ଷେ ଲାଗିଯିବ ବୋଲି ସେ କହିଛନ୍ତି।

କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ଏ ସରକାର ରାଜ୍ୟବ୍ୟାପୀ ଯେଉଁ ଉତ୍ସବ ପାଳନ କରିବାକୁ ଯାଉଛନ୍ତି ଏହା ନିରୁତ୍ସାହ। ସେମାନେ ସଫଳତା ନୁହେଁ ବିଫଳତାର ଉତ୍ସବ ପାଳନ କରିବା ଦରକାର। ଯଦି ସେମାନେ ବିଫଳତାର ପ୍ରଚାରକରିବେ ନାହିଁ ତେବେ ସଫଳତା ଆସିଲା କେଉଁଠୁ। ଏମାନଙ୍କ ସଫଳତା ବୋଲି କିଛି ନାହିଁ। କେବଳ ରଙ୍ଗ ବଦଳାଇବେ, ଯୋଜନାର ନାଁ ପରିବର୍ତ୍ତନ କରିବା ଛଡ଼ା ଆଉ କିଛି ଜାଣିନାହାନ୍ତି ବୋଲି ତାରା କହିଛନ୍ତି।

# ବିଜେଡି ଛାଡ଼ିଲେ ପ୍ରୟାସକାନ୍ତି

## ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା



ଭଦ୍ରକ ନୂଆବଜାରସ୍ଥିତ ବାସଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରୟାସକାନ୍ତି ସାମଲ।

ଭଦ୍ରକ,୨୮।୫ (ସନାତନ ରାଉତ/ ରବିନାରାୟଣ ଖିଲାର)

ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ପୁଅ ପ୍ରୟାସକାନ୍ତି ସାମଲ ବୁଧବାର ବିଜେଡି ଛାଡ଼ିଛନ୍ତି। ଦଳର ପ୍ରାଥମିକ ସଦସ୍ୟ ପଦରୁ ସେ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଛନ୍ତି। ବ୍ୟକ୍ତିଗତ କାରଣରୁ ସେ ବିଜେଡିରୁ ଇସ୍ତଫା ଦେଇଛନ୍ତି। ତେବେ କୌଣସି ଦଳରେ ନ ରହି ସାଧାରଣ ଲୋକଙ୍କ ସେବା ଜାରି ରଖିବେ ବୋଲି ଅପରାହ୍ନ ୪ଟାରେ ଭଦ୍ରକ ନୂଆବଜାରସ୍ଥିତ ତାଙ୍କ ବାସଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରୟାସକାନ୍ତି କହିଛନ୍ତି।

ଗତ ସାଧାରଣ ନିର୍ବାଚନ ପରେ ରାଜ୍ୟରେ ଭାଜପା ସରକାର ଗଠନ କରିବା ପରଠାରୁ ବିଜେଡିର ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ ପ୍ରୟାସକାନ୍ତିଙ୍କୁ ନେଇ ଚର୍ଚ୍ଚା ଚାଲିଥିଲା। ସେ ଭାଜପା ସହ ଯୋଗାଯୋଗରେ ରହୁଥିବା ନେଇ ରାଜନୈତିକ ମହଲରେ ଆଲୋଚନା ହେଉଥିଲା। ସବୁ ଆଲୋଚନାର ଅନ୍ତ ଘଟାଇ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ସେ ସୂଚନା ଦେଇଛନ୍ତି। ବାପା ଓ ସାନଭାଇ ବିଜେଡିରେ ଅଛନ୍ତି। ଗୋଟିଏ ପରିବାରର ୩ଜଣ ଗୋଟିଏ ଦଳରେ ରହିବା ଉଚିତ୍ ମନେ ନ କରି ସେ ଇସ୍ତଫା ଦେଇଛନ୍ତି। ବିଜେଡି ତାଙ୍କୁ ରାଜନୈତିକ ପରିଚୟ ଦେଇଥିବାରୁ ସେ କୃତଜ୍ଞ। ବର୍ତ୍ତମାନ କୌଣସି ରାଜନୈତିକ ଦଳରେ ଯୋଗଦେବା ନେଇ ନିଷ୍ପତ୍ତି ନେଇନାହାନ୍ତି। ଦଳ ଛାଡ଼ିବା ସମ୍ପର୍କରେ ସେ ତାଙ୍କ ବାପାଙ୍କୁ ଅବଗତ କରିନାହାନ୍ତି। ଖୁବ୍‌ଶୀଘ୍ର ବାପାଙ୍କୁ ଜଣାଇବେ ବୋଲି ସେ କହିଛନ୍ତି। ୨୦୦୨ରୁ ସେ ବିଜେଡିରେ ରହିବା ସହ ୨୦୦୩ରେ ଭଦ୍ରକ ପୌରପାଳିକାର ଅଧ୍ୟକ୍ଷ ଥିଲେ। ଦଳର ରାଜ୍ୟ ସାଧାରଣ ସମ୍ପାଦକ ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ପ୍ରୟାସକାନ୍ତିଙ୍କ ଇସ୍ତଫାକୁ ନେଇ ଭଦ୍ରକ ରାଜନୀତିରେ ହଇଚଇ ସୃଷ୍ଟି ହୋଇଛି। ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ବନ୍ତ ଓ ଭଣ୍ଡାରିପୋଖରୀ ବ୍ଲକ ସମେତ ଭଦ୍ରକ ନିର୍ବାଚନମଣ୍ଡଳୀରେ ତାଙ୍କର ବହୁ ଅନୁଗତ, ସହଯୋଗୀ ରହିଛନ୍ତି। ସେ ଇସ୍ତଫା ଦେବା ପରେ ତାଙ୍କ ସହଯୋଗୀମାନେ ବିଜେଡି ପାଇଁ ସକ୍ରିୟ କାର୍ଯ୍ୟ କରିବେ କି ନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲାରେ ଜଣେ ଦୃଢ଼ ସଙ୍ଗଠକ ଭାବେ ପରିଚିତ ପ୍ରୟାସକାନ୍ତିଙ୍କ ଇସ୍ତଫା ବିଜେଡିରେ ପ୍ରଭାବ ପକାଇବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।


**Government of Odisha**
**Higher Education Department**

No. N-54

**MUKHYAMANTRI RESEARCH FELLOWSHIP-2025-26 UNDER MRIP**

*************

**Timeline for Registration of Ph.D. Applicants under SAMS for the State Public Universities**

The timeline for **the Registration of Ph.D. Applicants** for the session 2025-26 in the State Public Universities under the Higher Education Departments as well as other Departments of the Government of Odisha, through the project 'Student Academic Management System (SAMS)' is given below. Any changes in the dateline will be published in the newspapers as well as in the website www.samsodisha.gov.in. The Common Prospectus (CP) for the said Course is available on the SAMS Portal. Kindly refer to the CP for the below mentioned activities.

| Sl# | Activities | Timeline |
|---|---|---|
| 1 | Availability of Online CAF in the website www.samsodisha.gov.in | 29-May-2025 (Thursday) **(04:00 PM)** |
| 2 | Last date of applying online CAF through www.samsodisha.gov.in | 24-Jun-2025 (Tuesday) **(11.45 PM)** |
| 3 | Editing of the CAF (If required), by the eligibile applicants for the CAF submitted earlier (New CAF submission is not allowed on this day) | 25-Jun-2025 (Wednesday) **(10.00 AM to 11.45 PM)** |
| 4 | Submision of applicant's data to Odisha State Higher Education Council (OSHEC) by OCAC | 03-July-2025 (Thursday) |
| 5 | Document Verification for the candidates by Odisha State Higher Education Council (OSHEC) | Dates will be notified by the Higher Education Department Later |

For more details please contact: e-Admission Helpline (Toll Free) Number 155335 / 1800-345-6770

**N.B.:** To enroll into the MRF, the candidates must be a permanent resident of Odisha. The candidates may complete the required Pre Ph.D. course work at any of the State Universities of Odisha or outside Odisha, but must have registered under an approved research guide at any of the state public universities of Odisha.

OIPR-11001/11/0056/2526 Sd./- Deputy Director, PTC Section



**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack - 753015, Odisha
[Accredited by NAAC]

**Advertisement for Teaching Positions at NLUO**
**Advt No.: NLUO/FR-001/29.05.2025**

| Sl. No. | Position | Subject | No. of Posts | Reservation | Pay Level/ Details | Nature of Appointment |
|---|---|---|---|---|---|---|
| 1 | Assistant Professor (Contractual) | English | 1 | UR | Consolidated Salary of Rs. 50,000/- P.M. | One year Contract |
| 2 | Assistant Professor (Contractual) | Political Science | 1 | UR | Consolidated Salary of Rs. 50,000/- P.M. | One year Contract |
| 3 | Guest Faculty | Indian Legal System, Advocacy for Marginalized Communities, Access to Justice, Legal Drafting, Equality and Inclusiveness, Social Entrepreneurship, IT Expertise I, Case Knowledge Management | 08 (One each) | UR | Rs. 1500/- Per class | Purely temporary for one semester |

The interested and eligible candidates are to apply by using the available details on the Career section of the University website www.nluo.ac.in latest by **10.06.2025 by 5.00 P.M.**

**Note:**
1. The filled-in application form along with the relevant documents, all proof of qualifications, experiences and required Demand Draft should reach the Registrar, National Law University Odisha, Kathjodi Campus, C.D.A., Sector-13, Cuttack-753 015 on **10.06.2025** by **5.00 P.M.**
2. Only short-listed candidates will be called for Interview.
3. No TA/DA will be given for attending the Interview.
4. For any updates please visit University website regularly, no separate communication will be made to the candidates.

**Sd/- Registrar**


# ଖଟିଆରେ ବୁହାହେଲେ ଗର୍ଭବତୀ, ନବଜାତକ ମୃତ

ଝରିଗାଁ,୨୮।୫(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍ ଇଚ୍ଛାପୁର ପଞ୍ଚାୟତ ଡୁମୁଣିଗୁଡ଼ା ଗ୍ରାମ ବିମଳା ଜାନୀଙ୍କ ବୁଧବାର ଅପରାହ୍ନରେ ପ୍ରସବ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ପରିବାର ଲୋକେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଗାଁକୁ ରାସ୍ତା ନ ଥିବାରୁ ତାହା ଦେଢ଼ କିମି ଦୂରରେ ଅଟକିଥିଲା। ଗ୍ରାମବାସୀ ବିମଳାଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିଲେ। ଆମ୍ବୁଲାନ୍ସ ମଧ୍ୟରେ ସେ ଏକ ଶିଶୁ ପୁତ୍ରକୁ ଜନ୍ମ ଦେଲେ। ତେବେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ଡାକ୍ତର ଶିଶୁପୁତ୍ରକୁ ମୃତ ଘୋଷଣା କରିଥିଲେ।


**भारतीय रिज़र्व बैंक**
**RESERVE BANK OF INDIA**
www.rbi.org.in

**भारतीय रिज़र्व बैंक द्वारा विनियमित संस्थाओं, के विरुद्ध शिकायतों का निवारण**

**रिज़र्व बैंक – एकीकृत ओम्बड्समैन योजना (आरबी–आईओएस)**

- रिज़र्व बैंक ने अपनी सभी विनियमित संस्थाओं को उनके ग्राहकों से प्राप्त शिकायतों का समाधान करने हेतु अपने स्तर पर एक व्यवस्था बनाए रखने का आदेश दिया है, जिसे विनियमित संस्थाओं का आंतरिक शिकायत निवारण तंत्र माना जाता है।
- रिज़र्व बैंक ने, रिज़र्व बैंक – एकीकृत ओम्बड्समैन योजना, 2021 (आरबी–आईओएस) के माध्यम से अपनी विनियमित संस्थाओं द्वारा प्रदान की गई सेवाओं में कमियों से संबंधित ग्राहक शिकायतों के समाधान के लिए एक त्वरित और नि:शुल्क वैकल्पिक शिकायत निवारण तंत्र भी स्थापित किया है।
- बैंकों, गैर–बैंकिंग वित्तीय कंपनियों (एनबीएफसी), भुगतान प्रणाली प्रतिभागियों (पीएसपी) और साख सूचना कंपनियों (सीआईसी) को शिकायत निवारण तंत्र के तहत विनियमित संस्थाओं के रूप में माना जाता है।
- किसी भी विनियमित संस्था के विरुद्ध सभी शिकायतों के लिए आरबी–आईओएस ''एक राष्ट्र एक ओम्बड्समैन'' दृष्टिकोण अपनाता है। अत: शिकायतकर्ता के लिए अब यह जानना आवश्यक नहीं है कि उसे किस ओम्बड्समैन योजना/कार्यालय के तहत ओम्बड्समैन के पास शिकायत दर्ज करानी चाहिए।
- आरबी–आईओएस के अंतर्गत नहीं आने वाली विनियमित संस्थाओं के विरुद्ध शिकायतों का समाधान भारतीय रिज़र्व बैंक के उपभोक्ता शिक्षण और संरक्षण कक्षों (सीईपीसी) द्वारा किया जाता है।
- आरबी–आईओएस और सीईपीसी के दायरे में आने वाली संस्थांओं की सूची https://cms.rbi.org.in पर देखी जा सकती है।

**अगर आपको शिकायत हो तो क्या करें?**

आप विनियमित संस्थाओं के विरूद्ध उसकी शाखा में या शिकायत निवारण पोर्टल पर ऑनलाइन या उसकी वेबसाइट पर बताए गए किसी अन्य तरीके से शिकायत दर्ज करा सकते हैं। शिकायत की पावती प्राप्त करें या संदर्भ संख्या सुरक्षित रखें।

**आरबीआई ओम्बड्समैन से संपर्क कब करें?**

आप निम्नलिखित मामलों में आरबीआई ओम्बड्समैन से संपर्क कर सकते हैं:

- **विनियमित संस्थाओं से 30 दिन के भीतर कोई उत्तर प्राप्त नहीं होने पर –** विनियमित संस्थाओं को की गई आपकी शिकायत की तारीख से एक वर्ष और 30 दिन के भीतर कभी भी।
- **विनियमित संस्थाओं से प्राप्त उत्तर असंतोषजनक है –** संबंधित विनियमित संस्थाओं से उत्तर प्राप्त होने के एक वर्ष के भीतर कभी भी।

**ध्यान दें:**

- आरबी–आईओएस में निर्दिष्ट शिकायत फार्म के अनुसार सभी अपेक्षित विवरण/जानकारी शिकायत में शामिल होनी चाहिए।
- शिकायत किसी अन्य मंच (जैसे न्यायालय) में निपटाई गई/लंबित नहीं होनी चाहिए या आरबीआई ओम्बड्समैन द्वारा पहले निपटाई नहीं गई हो।
- **विनियमित संस्था से संपर्क किए बिना आरबीआई ओम्बड्समैन के पास सीधे शिकायत दर्ज कराने पर उसे अस्वीकार किया जा सकता है।**

**आरबीआई के पास शिकायत कैसे दर्ज करें?**

विनियमित संस्थाओं के विरुद्ध कोई भी शिकायत निम्न किसी भी माध्यम द्वारा दर्ज की जा सकती है:

- आरबीआई के शिकायत प्रबंध प्रणाली (सीएमएस) पोर्टल https://cms.rbi.org.in के माध्यम से ऑनलाइन।
- आरबी–आईओएस के अनुबंध में निर्दिष्ट फॉर्म में भौतिक शिकायत (पत्र/डाक) ''केंद्रीकृत प्राप्ति और प्रसंस्करण केंद्र, चौथी मंजिल, भारतीय रिज़र्व बैंक, सेक्टर –17, सेंट्रल विस्टा, चंडीगढ़ – 160017'' को प्रेषित की जा सकती है।

**आरबीआई के पास शिकायत दर्ज करने के बारे में अधिक जानकारी कैसे प्राप्त करें?**

अधिक जानकारी के लिए आप आरबीआई संपर्क केंद्र के टोल–फ्री नंबर 14448 पर संपर्क कर सकते हैं। इंटरएक्टिव वॉयस रिस्पांस सिस्टम (आईवीआरएस) युक्त संपर्क केंद्र 24x7 उपलब्ध है, जबकि संपर्क केंद्र कर्मियों से अंग्रेजी, हिंदी और दस क्षेत्रीय भाषाओं (असमिया, बंगाली, गुजराती, कन्नड़, मलयालम, मराठी, ओडिया, पंजाबी, तेलुगु और तमिल) में बात करने की सुविधा राष्ट्रीय अवकाशों को छोड़कर सोमवार से शनिवार सुबह 8:00 बजे से रात 10:00 बजे के बीच उपलब्ध है।

**अधिक जानकारी के लिए**

कृपया देखें:
भारतीय रिज़र्व बैंक – एकीकृत ओम्बड्समैन योजना, 2021 पर अक्सर पूछे जाने वाले प्रश्न –
https://www.rbi.org.in/hindi/Scripts/Faqs.aspx?did=56
या
सीएमएस पोर्टल – https://cms.rbi.org.in


ହୁମା

ନୂଆ ସିନେମା

# ମଧୁ ବାରିଷ୍ଟର

ଓଲିଉଡ୍‌ର ଆଗଧାଡ଼ିର ଅନ୍ୟତମ ପ୍ରଯୋଜକ ରମେଶ ବାରିକ ନିକଟରେ ଏକ ନୂଆ ସିନେମାର ଟାଇଟଲ ଘୋଷଣା କରିଛନ୍ତି। ଆମ ରାଜ୍ୟର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଚିର ବନ୍ଦନୀୟ ମଧୁ ସୂଦନ ଦାସ, ଯିଏ କି ମଧୁବାବୁ ନାମରେ ପରିଚିତ, ତାଙ୍କ ଜୀବନୀ ଉପରେ ଏକ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ କରିବାକୁ ଯାଉଛନ୍ତି। ଆର୍.ଆର୍. ଇଭେଣ୍ଟସ ଆଣ୍ଡ୍ ସିନେ ପ୍ରା.ଲି. ବ୍ୟାନରରେ ଏହାର ପ୍ରାରମ୍ଭିକ କାମ ଆରମ୍ଭ ହୋଇଯାଇଛି। ଏହି ସିନେମାର ଟାଇଟଲ ରହିଛି 'ମଧୁ ବାରିଷ୍ଟର'। ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନକୁ ନେଇ ବାୟୋପିକ୍ ତାଲିକାରେ ଏହା ହେଉଛି ଆଉ ଏକ ସିନେମା। ଏହାପୂର୍ବରୁ 'ଶହୀଦ ରଘୁ ସର୍ଦ୍ଦାର' ଏବଂ 'ଜୟୀ ରାଜଗୁରୁ'ଙ୍କ ଜୀବନୀକୁ ନେଇ ଓଡ଼ିଆ ଚିତ୍ର ପ୍ରସ୍ତୁତ ହୋଇସାରିଛି।

ଏହି ସିନେମା ସମ୍ପର୍କରେ ରମେଶ କହନ୍ତି, ''ମୁଁ ସବୁବେଳେ ଭିନ୍ନ ଭିନ୍ନ କାହାଣୀକୁ ଆଧାର କରି ସିନେମା ନିର୍ମାଣ କରିବାକୁ ପସନ୍ଦ କରିଥାଏ। ଏ ପର୍ଯ୍ୟନ୍ତ ଯେଉଁ ୨୬ଟି ଚଳଚ୍ଚିତ୍ର ପ୍ରସ୍ତୁତ କରାଯାଇଛି ତାହା ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛି। ମଧୁବାବୁ ଆମ ରାଜ୍ୟର ଗୌରବ। ତାଙ୍କ ପରି ମହାନ୍ ପୁରୁଷଙ୍କ ଜୀବନୀକୁ ନେଇ ସିନେମାଟିଏ ନିର୍ମାଣ କରିବା ନିଶ୍ଚିତ ଏକ ଚ୍ୟାଲେଞ୍ଜ। ଏହି ସିନେମା ଦର୍ଶକଙ୍କୁ ଡିଫରେଣ୍ଟ ଏଣ୍ଟରଟେନମେଣ୍ଟ ଦେବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।'' ଏହି ଫିଲ୍ମର କାହାଣୀ ଏବଂ ସଂଳାପ ରଚନା କରୁଛନ୍ତି ଅଗାଧାଡ଼ିର ସଂଳାପକାର ପ୍ରିୟବ୍ରତ ପଣ୍ଡା। ଏହାର




ନିର୍ଦ୍ଦେଶନା ଦେବେ ମୃତ୍ୟୁଞ୍ଜୟ ସାହୁ (ବାପି)। ଚିତ୍ରଟିର କଳାକାର ଚୟନ ଖୁବ୍ ଶୀଘ୍ର ଶେଷ ହେବ ବୋଲି ସୂଚନା ଦେଇଛନ୍ତି ରମେଶ।

ରିଲିଜ ଅପେକ୍ଷାରେ

# ଦର୍ପଣ

ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଦର୍ପଣ'। ଦର୍ପଣସାୟନ ପ୍ରଡକ୍ସନ ହାଉସ ବ୍ୟାନରରେ ପ୍ରସ୍ତୁତ ଉକ୍ତ ଚିତ୍ରର କାହାଣୀରେ ସସ୍‌ପେନ ଥ୍ରୀଲର ଭରି ରହିଛି। ଚିତ୍ରଟି ଖୁବ୍ ଶୀଘ୍ର ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଫିଲ୍ମଟିର କାହାଣୀ ରଚନା କରିବା ସହ ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି ଦିଲ୍ଲୀପ କୁମାର ସାହୁ। କେବଳ ସେତିକି ନୁହେଁ, ନିର୍ଦ୍ଦେଶନା ଦେବା ସହ ଏହି ସିନେମାରୁ ନାୟକ ଭାବରେ ନିଜର କ୍ୟାରିୟର ଆରମ୍ଭ କରୁଛନ୍ତି ଭାରତ ପୁଷ୍ପରାଗ। ତାଙ୍କ ବିପକ୍ଷରେ ନାୟିକା ସାଜିଛନ୍ତି ହିରନମୟୀ ଦାସ। ଅନ୍ୟପକ୍ଷରେ ଅଙ୍କିତ କୁମାର ଏବଂ ତୃପ୍ତି ମିରାମ୍ବିକ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବେ। ଏହାର କାଷ୍ଟିଂରେ ପ୍ରଦ୍ୟୁମ୍ନ ଲେଙ୍କା, ରାନୁ ପାଢ଼ୀ, କାଳୀ ଚରଣ, ଲଲାଟ, ପ୍ରଜ୍ଞା ମଧ୍ୟ ଅଛନ୍ତି। ଫିଲ୍ମରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ ଏବଂ ଟୁନୁ ପଟ୍ଟନାୟକ। ଏହି ସିନେମା ଦର୍ଶକଙ୍କୁ ନିଶ୍ଚୟ ମନୋରଞ୍ଜନ ଦେବ ବୋଲି ଦୃଢ଼ ଆଶା ରଖିଛନ୍ତି ନିର୍ଦ୍ଦେଶକ।


ଭାରତ-ହୀରନ୍ମୟୀ

# ସାଙ୍ଗ କଥା ମାନି ନ ଥିଲେ...

ହୁମା କ୍ୟୁରେସିଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଗ୍ୟାଙ୍ଗ୍‌ସ ଅଫ୍ ୱାସେପୁର'। କିନ୍ତୁ ଏହାପୂର୍ବରୁ ସେ ଅଭିନୟ ସହ ଜଡ଼ିତ ଥିଲେ। ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ସେ କେତୋଟି ଥିଏଟର ନାଟକରେ ଆକ୍ଟିଂ କରିସାରିଥିଲେ। ବିଶେଷଭାବରେ 'ଲୈଲା' ଏବଂ 'ମହାରାନୀ' ଥିଏଟର ନାଟକ ତାଙ୍କୁ ବେଶ୍ ମାଇଲେଜ୍ ଦେଇଥିଲା। କିନ୍ତୁ ବଡ଼ ପରଦାରେ ଅଭିନୟ କରିବା ପଛରେ ଥିବା ଏକ କଥାକୁ ସେ ନିକଟରେ ପ୍ରକାଶ କରିଛନ୍ତି। ଏ ବିଷୟରେ ହୁମା କହନ୍ତି, ''ଏକଦା ମୋର ଜଣେ ସାଙ୍ଗ ମୋତେ କହିଲା, 'ଆରେ ତୁ ମୁମ୍ବାଇ ଯା, ସେଠାରେ ହୁଏତ ତୋ ଭାଗ୍ୟ ବଦଳି ଯିବ।' ମନକୁ ଦୃଢ଼ କରି ମୁମ୍ବାଇ ଆସିଲି। ମୋତେ 'ଜଙ୍କସନ୍' ଟାଇଟଲ ବିଶିଷ୍ଟ ଏକ ସିନେମାରେ ଅଭିନୟ କରିବାର ସୁଯୋଗ ମିଳିଲା। କିନ୍ତୁ ଏହି ଫିଲ୍ମଟି କେବଳ କାଗଜକଲମରେ ହିଁ ରହିଗଲା। ତା'ପରେ 'ବିଲ୍ଲା ୨' ନାମକ ଏକ ସିନେମାର ଅଡିସନ୍‌ରେ ମୁଁ ଭାଗ ନେଲି। ସେଠାରେ ପାଖାପାଖି ୭୦୦ ନବାଗତାଙ୍କ ମଧ୍ୟରୁ ମୁଁ ସିଲେକ୍ଟ ହେଲି। ଏହି ଫିଲ୍ମର ଶୁଟିଂ ଏତେ ଡେରି ହେଲା ଯେ ମୁଁ ଧୈର୍ଯ୍ୟହରା ହୋଇ ମନା କରିଦେଲି। କିନ୍ତୁ ୨୦୧୨ରେ ଅନୁରାଗ ବସୁ ମୋତେ 'ଗ୍ୟାଙ୍ଗ୍‌ସ ଅଫ୍ ୱାସେପୁରା' ପାଇଁ ସାଇନ୍ କରାଇଥିଲେ। ପ୍ରଥମ ସିନେମା ହିଟ୍ ହେବା ପରେ ମୁଁ ଆଉ ପଛକୁ ଫେରି ଚାହିଁ ନ ଥିଲି। ସେତେବେଳେ ଯଦି ମୁଁ ମୋ' ସେହି ସାଙ୍ଗ କଥା ମାନି ନ ଥାନ୍ତି ତେବେ ମୁଁ ବଲିଉଡ୍‌ଠାରୁ ହୁଏତ ବହୁତ ଦୂରରେ ରହିଯାଇଥାଆନ୍ତି।''

# ଜାହ୍ନବୀଙ୍କ ହବି

ଜାହ୍ନବୀ କପୁରଙ୍କର ଅଭିନୟ ବ୍ୟତୀତ ଆଉ ଏକ ଜିନିଷ ପ୍ରତି ରୁଚି ରହିଛି। ତାହା କ'ଣ ଜାଣନ୍ତି? ପରିଭ୍ରମଣ। ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲିବା ତାଙ୍କର ଏକ ଅଭ୍ୟାସ। କେବଳ ସେତିକି ନୁହେଁ, ସେହି ସ୍ଥାନ ବିଷୟରେ ତଥ୍ୟ ସଂଗ୍ରହ କରିବାକୁ ଭୁଲି ନ ଥାନ୍ତି। ଶୁଟିଂରୁ ଫୁର୍‌ସତ ମିଳିବା ମାତ୍ରେ ସେ ଏକୁଟିଆ ହେଉ ଅବା ପରିବାର ସହ ବୁଲିବାକୁ ବାହାରି ଯାଆନ୍ତି। ଏ ସମ୍ପର୍କରେ ଜାହ୍ନବୀ କହନ୍ତି, ''ବିଭିନ୍ନ ଟୁରିଷ୍ଟ ସ୍ଥାନ ବୁଲିବା ମୋର ଏକ ଅଭ୍ୟାସ। ଆଉ ଏଭଳି ହବି ମୋର ପିଲାଟିଦିନରୁ ରହିଛି। ମାମା ଏବଂ ବାବାଙ୍କ ସହ ମୁଁ ସ୍କୁଲରେ ପଢ଼ିବା ସମୟରେ ଅନେକ ସ୍ଥାନ ବୁଲିଛି। କେବଳ ସେତିକି ନୁହେଁ, ଏବେ ଏହି ଅଭ୍ୟାସ ମଧ୍ୟ ଜାରି ରହିଛି। ମୋତେ ଅବସର ମିଳିଲେ ବିଭିନ୍ନ ସ୍ଥାନ ବୁଲିବାକୁ ବାହାରି ଯାଇଥାଏ। ସେଠାକାର ଇତିହାସ ବିଷୟରେ ତଥ୍ୟ ସଂଗ୍ରହ କରି ତାହାକୁ ମଧ୍ୟ ଡାଏରୀରେ ଲିପିବଦ୍ଧ କରିବାକୁ ଭୁଲି ନ ଥାଏ।'' ପାଠ ପଢ଼ିବା ସମୟରେ ଜାହ୍ନବୀଙ୍କ ଇଚ୍ଛା ଥିଲା ଡାକ୍ତର ହେବାକୁ, ହେଲେ ତାହା କେବଳ ଆଶାରେ ହିଁ ରହିଯାଇଥିଲା। ବଲିଉଡ୍‌ରେ ସୁଯୋଗ ପାଇବା ପୂର୍ବରୁ ତାଙ୍କୁ ଏକ ତେଲୁଗୁ ଫିଲ୍ମରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ଏହି ଫିଲ୍ମର ନିର୍ଦ୍ଦେଶକ ଥିଲେ ଏ.ଆର୍. ମୁରୁଗୋଡସ ଏବଂ ମେଲ୍ ଲିଡ୍‌ରେ ଅଭିନୟ କରିଥିଲେ ମହେଶ ବାବୁ। ହେଲେ ପାଠପଢ଼ା ଚାଲିଥିବାରୁ ଜାହ୍ନବୀ ଏଭଳି ଏକ ଭଲ ସୁଯୋଗକୁ ହାତଛଡ଼ା କରିବାକୁ ବାଧ୍ୟ ହୋଇଥିଲେ।

# ଅଲ୍‌ରାଉଣ୍ଡର ଅଜୟ

ଅଜୟ ଦେବଗନ ବଲିଉଡ୍‌ରେ ଦୀର୍ଘ ୩୪ ବର୍ଷ ଧରି ଅଭିନୟ ଜାରି ରଖିଛନ୍ତି। ଆକ୍ସନ ମାଷ୍ଟର ବୀରୁ ଦେବଗନଙ୍କ ଏହି ପୁତ୍ରଙ୍କ ହିନ୍ଦୀ ସିନେମା କ୍ୟାରିୟର ଆରମ୍ଭ ହୋଇଥିଲା ୧୯୯୧ରୁ। ଫିଲ୍ମଟିର ଟାଇଟଲ ଥିଲା 'ଫୁଲ୍ ଔର କାଣ୍ଟେ'। ଆକ୍ସନ ଏବଂ ପ୍ରେମ କାହାଣୀକୁ ଆଧାର କରି ନିର୍ମିତ ଏହି ଫିଲ୍ମଟି ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା। କେବଳ ସେତିକି ନୁହେଁ, ପ୍ରଥମ ସିନେମାରୁ ହିଁ ନିଜ ଅଭିନୟ ଦକ୍ଷତାର ପରିଚୟ ଦେବାରେ ସେ ସକ୍ଷମ ହୋଇଥିଲେ। ଇତିମଧ୍ୟରେ ସେ ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରି ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାରେ ସକ୍ଷମ ହୋଇଛନ୍ତି। କେବଳ ସେତିକି ନୁହେଁ ସେ ଶ୍ରେଷ୍ଠ ଅଭିନେତା ଭାବରେ ଦୁଇଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇସାରିଛନ୍ତି। ପ୍ରଥମେ ସେ 'ଜଖମ୍' ପାଇଁ ଏବଂ ପରେ ଦେଶାତ୍ମବୋଧକ ସିନେମା 'ଦ ଲିଜେଣ୍ଡ ଅଫ୍ ଭଗତ ସିଂ' ଓ 'ତାନାଜୀ' ଲାଗି ତାଙ୍କୁ ଏହି ସମ୍ମାନଜନକ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଅଜୟଙ୍କ ଅଭିନୀତ ପ୍ରମୁଖ ସିନେମାଗୁଡ଼ିକ ହେଉଛି– 'ଦିଲୱାଲେ', 'ଜାନ୍', 'ହମ୍ ଦିଲ୍ ଦେ ଚୁକେ ସନମ୍', 'ଗଙ୍ଗାଜଲ୍', 'ଗୋଲ୍‌ମାଲ୍', 'ରାଜନୀତି', 'ସିଙ୍ଘମ', 'ବୋଲ୍ ବଚ୍ଚନ', 'ଦୃଶ୍ୟମ', 'ଟୋଟାଲ ଧମାଲ' ଏବଂ 'ସିଙ୍ଘମ ଏଗେନ୍'। ଚଳିତ ବର୍ଷ ତାଙ୍କ ଅଭିନୀତ ମୁକ୍ତିଲାଭ ଅପେକ୍ଷାରେ ଥିବା ସିନେମାଗୁଡ଼ିକ ହେଲା 'ମା', 'ସନ୍ ଅଫ୍ ସର୍ଦ୍ଦାର ୨' ଏବଂ 'ଦେ ଦେ ପ୍ୟାର ଦେ ୨'।


ଅଜୟ

# ମଡେଲିଂରୁ ଅଭିନେତ୍ରୀ

କଙ୍ଗନା ରାଣାଓ୍ୱତ ଏକାଧାରରେ ଜଣେ ଅଭିନେତ୍ରୀ, ପ୍ରଯୋଜିକା ଏବଂ ନିର୍ଦ୍ଦେଶିକା। ତା'ସହ ଏବେ ସେ ରାଜନୀତି ସହ ଜଡ଼ିତ। ହେଲେ ଅଭିନୟ ପୂର୍ବରୁ ସେ କ'ଣ କରୁଥିଲେ? ସେତେବେଳେ ତାଙ୍କୁ ମାତ୍ର ୧୬ ବର୍ଷ। ଏହି ବୟସରେ ସେ ମଡେଲିଂ ଆରମ୍ଭ କରିଥିଲେ। ୨୦୦୬ ତାଙ୍କ ପାଇଁ ଯେମିତି ଅପେକ୍ଷା କରି ରହିଥିଲା। ଉକ୍ତ ବର୍ଷ ତାଙ୍କୁ ହିନ୍ଦୀ ସିନେମାରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ଫିଲ୍ମଟି ଥିଲା ମହେଶ ଭଟ୍ଟଙ୍କ ପ୍ରଯୋଜିତ ଏବଂ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ 'ଗ୍ୟାଙ୍ଗଷ୍ଟର-ଏ ଲଭ୍ ଷ୍ଟୋରି'। ନିଜର ଆକ୍ଟିଂ କ୍ୟାରିୟର ଆରମ୍ଭ ସମ୍ପର୍କରେ ସେ କହନ୍ତି, ''ବିଶିଷ୍ଟ ପ୍ରଯୋଜକ ମହେଶ ଭଟ୍ଟ ମୋତେ ପ୍ରଥମେ ସୁଯୋଗ ଦେଇଥିଲେ। ପ୍ରଥମ ସିନେମା ପାଇଁ ମୋତେ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ଭାବରେ ଫିଲ୍ମ ଫେୟାର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ମଡେଲିଂରୁ ଅଭିନୟ ଦୁନିଆରେ ପାଦ ଦେବା ପରେ ଏବଂ ପ୍ରଥମ ସିନେମା ହିଟ୍ ହେବା ପରେ ମୁଁ ଆଉ ପଛକୁ ଫେରି ଚାହିଁ ନ ଥିଲି।''


କଙ୍ଗନା


ଜାହ୍ନବୀ

## ସଂକ୍ଷେପରେ

### କପିଳାସ-ଟାଙ୍ଗି ରାସ୍ତାରେ ସୁନା ବ୍ୟବସାୟୀଙ୍କ ଠାରୁ ଲୁଟ୍

ଢେଙ୍କାନାଳ,୨୮।୫(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ଥାନା କପିଳାସରୁ କଟକ ଜିଲା ଟାଙ୍ଗିକୁ ଯାଉଥିବା ରାସ୍ତାରେ ବୁଧବାର ଦିନ ୧୧ଟା ସମୟରେ ଜଣେ ସୁନା ବ୍ୟବସାୟୀଙ୍କ ଠାରୁ ଦୁଇଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ୨ଲକ୍ଷ ୧୫ହଜାର ଟଙ୍କା ଲୁଟି ନେଇଛନ୍ତି । ଘଟଣାରୁ ଜଣାପଡିଛି ଯେ, କଟକ ଜିଲା ଟାଙ୍ଗିଥାନା ଶାଳଗାଁ-ଭଣ୍ଡିପୁଣ୍ଡା ଅଂଚଳର ସୁନା ବ୍ୟବସାୟୀ ପ୍ରଦୀପ କୁମାର ସାହୁ ବାଇକରେ ୨ଲକ୍ଷ ୧୫ହଜାର ଟଙ୍କା ଧରି ଢେଙ୍କାନାଳ ସହରରେ ଥିବା ନିଜ ଭିଣୋଇଙ୍କ ଘରକୁ ଆସୁଥିଲେ। ଏହି ରାସ୍ତାରେ ଗଁଦିଆ ଥାନା ଶୋରିଷିଆପଦା ଅଂଚଳରେ ଦୁଇଜଣ ଦୁର୍ବୃତ୍ତ ବାଇକରେ ଆସି ପ୍ରଦୀପଙ୍କୁ ଅଟକାଇ ତାଙ୍କୁ ମାରଣାସ୍ତ୍ର ଦେଖାଇ ଟଙ୍କା ଲୁଟି ନେଇଥିଲେ । ଏ ସମ୍ପର୍କରେ ପ୍ରଦୀପ ଗଁଦିଆ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି । ଏ ସଂକ୍ରାନ୍ତରେ ଗଁଦିଆ ଥାନାରେ କେସ୍ ନଂ. ୧୯୩/୨୫ରେ ଏକ ମାମଲା ରୁଜୁ କରାଯାଇଛି ।

### ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ

କାମାକ୍ଷାନଗର,୨୮।୫ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବଡ଼ସୁଆଲୋ ପଞ୍ଚାୟତ ଚକାପାଳ ଗ୍ରାମରେ ବୁଧବାର ପୂର୍ବାହ୍ନରେ ବିଦ୍ୟୁତ୍ ଆଘାତ ଲାଗି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସେହି ଗାଁର ରଞ୍ଜନ ପଧାନ (୫୦)। ରଞ୍ଜନ ସବୁଦିନ ପରି ଚକାପାଳ ଗ୍ରାମରେ ଥିବା ଜୟନ୍ତ ସାହୁଙ୍କ ଆମ୍ବବଗିଚାକୁ କାମ କରିବାକୁ ଯାଇଥିଲେ। ସେଠାରେ କାମ କରୁଥିବା ବେଳେ ଅସାବଧାନତା ବଶତଃ ବଗିଚା ସୁରକ୍ଷା ପାଇଁ ଦିଆଯାଇଥିବା ବିଦ୍ୟୁତ୍ ତାର ବାଡ଼ ସଂସ୍ପର୍ଶରେ ଆସି ଯାଇଥିଲେ। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକ ରଞ୍ଜନ ବଗିଚାରେ ପଡ଼ିଥିବା ଖବର ପାଇ ୧୦୮ ଆମ୍ବୁଲାନ୍ସ ଯୋଗେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାମାକ୍ଷାନଗର ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

### ୨୩ ଦିନ ହେଲା ନାବାଳିକା ନିଖୋଜ, ପୋଲିସ ହାତ ଖାଲି

ଖମାର, ୨୮।୫ (ରଜନୀକାନ୍ତ ମହାରଣା)

ପାଲଲହଡ଼ା ଉପଖଣ୍ଡ ଖମାର୍ ଥାନା ଅନ୍ତର୍ଗତ ରଜଡଙ୍ଗ ଗ୍ରାମର ଜଣେ ନାବାଳିକା ଗତ ୫ ତାରିଖରୁ ନିଖୋଜ ଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଅପରାହ୍ନ ୧ଟା ବେଳେ ନାବାଳିକା ଜଣକ ବାହାରକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ଝିଅ ନ ମିଳିବାରୁ ବାଧହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ସେହି ଗ୍ରାମର ଜଣେ ଯୁବକ ପୂର୍ବରୁ ତାଙ୍କ ଝିଅଙ୍କୁ ଅପହରଣ କରିନେବାକୁ ଧମକ ଦେଇଥିବା ମଧ୍ୟ ପ୍ରକାଶ କରିଥିଲେ। ଏ ନେଇ ଖମାର୍ ପୋଲିସ ବିଏନଏସ ଧାରା ୧୩୭(୨)ରେ କେସ ନଂ. ୧୮୦/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପରିବାର ଲୋକ ଅଭିଯୋଗ କରିଛନ୍ତି ଯେ, ପୋଲିସ ଘଟଣାକୁ ଗମ୍ଭୀରତାର ସହିତ ନେଇ ତଦନ୍ତ କରୁନାହିଁ। ଫଳରେ ୨୩ ଦିନ ବିତିଯିବା ପରେ ମଧ ଝିଅକୁ ଫେରାଇଆଣିବାକୁ ଉଦ୍ୟମ କରୁନାହିଁ। ଖମାର୍ ଥାନା ଅଧିକାରୀ ଅରୁଣ କୁମାର ପଣ୍ଡା କହିଛନ୍ତି, ଅପହରଣକାରୀର ଲୋକେସନ ଟ୍ରାକ କରି ମୟୂରଭଞ୍ଜ ଓ କୋଲକାତା ପର୍ଯ୍ୟନ୍ତ ପୋଲିସ ଏକ ସ୍ୱତନ୍ତ୍ର ଟିମ ପହଞ୍ଚିଥିଲା। କିନ୍ତୁ ପୋଲିସକୁ ଚକମା ଦେଖାଇ ସେ ଖସିଯାଇଥିଲେ। ପୋଲିସ ପକ୍ଷରୁ ସବୁପ୍ରକାର ଚେଷ୍ଟା କରାଯାଉଛି ଓ ଖୁବଶୀଘ୍ର ତାଙ୍କୁ ଧରାଯିବ।

## ରଥଯାତ୍ରା ପାଇଁ ସହରର ସ୍ୱଚ୍ଛତା, ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ

ତାଳଚେର, ୨୮।୫ (ମନୋଜ ନନ୍ଦ)



ତାଳଚେରରେ ରଥଯାତ୍ରା ସମ୍ପର୍କିତ ପ୍ରସ୍ତୁତିବୈଠକ ଉପଜିଲାପାଳ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ସମୀର କୁମାର ଜେନା ସଭାପତି ତଥା ରଥଯାତ୍ରା କମିଟି କାର୍ଯ୍ୟକ୍ରମରେ ଅଧକ୍ଷତା କରିଶୃଙ୍ଖଳିତ ରଥଯାତ୍ରା ଓ ଭକ୍ତମାନେ କିଭଳି ବ୍ୟବସ୍ଥିତ ଢଙ୍ଗରେ ରଥଯାତ୍ରାର ଅନୁଭୂତି ପାଇପାରିବେ ସେ ସବୁଦିଗକୁ ସମୀକ୍ଷା କରି ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭକ୍ତମାନଙ୍କ ସୁବିଧା ପାଇଁ ପାନୀୟ ଜଳ ଯୋଗାଣ, ପରିଷ୍କାର ପରିଚ୍ଛନ୍ନତା, ସ୍ୱାସ୍ଥ୍ୟସେବା ଓ ଆଶୁ ଚିକିତ୍ସା ଉପଲବ୍ଧ କରାଇବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଏହାସହିତ ରାଜପଥରୋଧ ହେଉଥିବା କାର୍ଯ୍ୟସୂଚୀ ଅନୁଯାୟୀ ଯଥା ସମୟରେ କିପରି ସମସ୍ତ ରୀତିନୀତି କରାଯିବ ସେ ଉପରେ ଆଲୋଚନା କରିଥିଲେ। ବୈଠକରେ ତାଳଚେର ଥାନା ଅଧିକାରୀ ଦିଗବିଜୟ ବିଶ୍ୱାଳ ଯୋଗଦେଇ ଶାନ୍ତିଶୃଙ୍ଖଳା ଓ ଆରକ୍ଷୀ ମୁତୟନ ସମ୍ବନ୍ଧରେ ଆଲୋଚନା କରିଥିଲେ। ରଥ ଟଣାଯିବା ସମୟରେ ଯେପରି ରାସ୍ତାରେ କୌଣସି ଗାଡିମଟର ଯାତାୟତ କରିବ ନାହିଁ ଓ ଯେପରି କୌଣସି ଅପରାଧିକ କାର୍ଯ୍ୟକଳାପ ନ ଘଟେ ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ ଆରକ୍ଷୀ ଅଧିକାରୀମାନଙ୍କୁ କହିଥିଲେ। ଏହାସହିତ ଶୃଙ୍ଖଳିତ ରଥଟଣା ପାଇଁ ପର୍ଯ୍ୟାପ୍ତ ପୋଲିସ ମୁତୟନ କରିବାକୁ କହିଥିଲେ। ରଥ ନିର୍ମାଣ ଓ ସାଜସଜ୍ଜା, ସଂକୀର୍ତ୍ତନ, ପହଣ୍ଡି ବିଜେ ଓ ରଥଟଣା, ଆଲୋକସଜ୍ଜା, ଧାରା ବିବରଣୀ ପ୍ରଦାନ, ସ୍ୱେଚ୍ଛାସେବୀ ମୁତୟନ, ରାସ୍ତା ପ୍ରଶସ୍ତିକରଣ, କଂଟ୍ରୋଲ ରୁମର ପରିଚାଳନା ଆଦି ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା। ପ୍ରାରମ୍ଭରେ ମୁଖ୍ୟ ସହାୟକ ପୌର ପରିଷଦ ଚିରଞ୍ଜନପ୍ରଧାନ ପୂର୍ବବର୍ଷର ବିବରଣୀ ପାଠ କରିଥିଲେ। ପ୍ରଦୀପ କୁମାର ସାହା ନିର୍ବାହୀ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ବିଧାୟକ ବ୍ରଜକିଶୋର ପ୍ରଧାନ, ନଗରପାଳ ପବିତ୍ର ଭୁଟିଆ, ପୂର୍ବତନ ଏମ୍‌ପି ମହେଶ ସାହୁ, ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ସ୍ୱାଧୀନ କୁମାର ଥମ୍ବ ସୁଚିନ୍ତିତ ମତାମତ ଦେଇଥିଲେ। ଦୀପକ ଥମ୍ବ ରଥକପଡା ଏମପି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିବା ସୂଚନା ଦେଇଥିଲେ।

## ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ, ଜଣେ ଗିରଫ

ଛେଣ୍ଡିପଦା,୨୮।୫(ଅଜିତ୍ ଧଳ)

| 2. | प्राक्कलित राशि | **Rs. 6,74,77,506.00(**छः करोड़ चौहत्तर लाख सतहत्तर हजार पाँच सौ छः रूपये**) मात्र।** |
| 3. | अग्रधन की राशि | **Rs.6,75,000.00(**छः लाख पचहत्तर हजार रूपये**) मात्र।** |
| 4. | कार्य पूर्ण करने की अवधि | **05(पाँच) माह।** |
| 5. | बेवसाइट पर निविदा प्रकाशन की तिथि। | **03.06.2025, 10:30 बजे से।** |
| 6. | बिड प्राप्ति की अन्तिम तिथि | **24.06.2025, 12.00 बजे तक।** |
| 7. | बिड खुलने की तिथि | **26.06.2025, 12.30 बजे तक।** |
| 8. | निविदा आमंत्रित करने वाले कार्यालय का नाम एवं पता। | **कार्यपालक अभियन्ता का कार्यालय,प०नि०वि०, पथ प्रमण्डल, कोडरमा।** |
| 9. | हेल्प लाइन नं0 | **0651-2446002** |

पथ निर्माण विभाग,झारखण्ड सरकार में निबंधित संवेदकों के लिये UCAN निबंधन आवश्यक है।

**Further details can be seen on website** http://jharkhandtenders.gov.in

**कार्यपालक अभियंता**
**प0नि0वि0, पथ प्रमण्डल, कोडरमा**

PR 353572 (Road) 25-26 (D)

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, JEYPORE (R&B) DIVISION, JEYPORE

ID : ee.randbjyp@gmail.com

**e-Procurement Notice**
**Bid Identification No. S.E (R&B)-03/2025-26/JYP(K)**

**No. 2799** **Date : 20.05.2025**

**No.B-146** : Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

| | | | |
|---|---|---|---|
| 1 | Name of the Work | : | Electrical Works as mentioned in DTCN |
| 2 | No. of Works | : | 3 Nos. |
| 3 | Estimated Cost | : | **Rs. 6.72 lakhs to Rs. 45.99 lakhs** |
| 4 | Period of completion | : | 1 (One) Month to 2 (Two) months |
| 5 | Date & Time of bidding | : | From 11.00 hours of **30.05.2025** Up-to 17.00 hours of **10.06.2025** |
| 6 | Last date & time for receipt of bids in portal | : | 17.00 hours of **10.06.2025** |
| 7 | Bids received online shall be opened on | : | 11.00 hours of 11.06.2025 |
| 8 | Name and address of the officer inviting Bid | : | Superintending Engineer, Jeypore (R&B) Division, Jeypore |

Further details can be seen from the www.tendersodisha.gov.in.

**Sd./- Superintending Engineer**
**Jeypore (R&B) Division**

**OIPR-34027/11/0013/2526**

## OFFICE OF THE MUNICIPAL COUNCIL : KHORDHA

At/P.O./Dist.-Khordha, Phone No. 06755-220674
E-Mail : khurda_municipality@yahoo.co.in

**No.1756** **Date : 27.05.2025**

**Corrigendum to Quotation Call Notice No. 1623 dated 16.05.2025**

**No.C-399** : The Sl. No. 7 of the above Quotation Call Notice is changed to **"The agency must abide by the prevailing Labour Law currently in force in the state of Odisha"** instead of "The agency should possess Labour License for 100 No. labours under contract labour (Regulation and Abolition) Act. 1970 issued by labour department of Odisha Government" and Sl. No. 5 of the above Quotation Call Notice is changed to **"The agency should not have been blacklisted/ debarred due to non-performance by any Govt. / PSU/ any authority within the last three years"** instead of "The agency should not blacklisted/ debarred/ Non-performance/ Holiday Listing by any Govt. / PSU/ any authority within the last five years", other Terms & Conditions are unchanged.

**Sd./- Executive Officer**
**Khordha Municipality**

**OIPR-13082/11/0020/2526**

## See Career Appointment on every Wednesday & Saturday

## OFFICE OF THE MUNICIPAL COUNCIL: RAYAGADA

**DIST-RAYAGADA, PIN CODE-765001, ODISHA**
**E-mail ID:raygadam.hud@nic.in**

**Letter No.4141** **Date:23.05.2025**

**QUOTATION CALL NOTICE**

No.C-379: Sealed quotations are invited from interested firms/agency/ suppliers/distributors those who deal with sanitation equipments given below upto 12.00 PM on 09.06.2025 at Rayagada Municipality office and it will be opened on same day at 12.30 PM in the office chamber of the undersigned the quotationer should submit the experience certificate with GST certificate alongwith the quotation. The quotations received after the due date shall not be acceptable. The undersigned reserves the right to reject any or all quotations without assigning any reason thereof.

| Sl. No. | ITEMS | Unit | Unit Rate in Rupees including GST and Delivery Charges |
|---|---|---|---|
| 01 | Having to portioned Green & Blue compartment box size (4'00"x2'8"x1'6") garbage Tri-Cycle with Solid tubeless tyres. | 1 No. | |
| 02 | Box type wheel barrow 16MM gauge MS sheet 25x25x5mm MS iron angle, 25x5 cm round fitted with 12" wheel disk solid rubber wheels, painted with synthetic double coating | 1 No. | |

**Sd./-Executive Officer**
**Rayagada Municipality**

OIPR-13150/11/0062/2526

## OFFICE OF THE MUNICIPAL COUNCIL: RAYAGADA

**DIST-RAYAGADA, PIN CODE-765001, ODISHA**
**E-mail Id:raygadam.hud@nic.in**
**Web-www.rayagadamunicipality.in, Phone:06856-235052**

**Letter No.4123** **Date:22.05.25**

**TENDER NOTICE**

No.C-381:Bid documents consisting of 05 (Five) no. of Civil Works with their Tendered amount (Work Value) cost of Tender paper, E.M.D., Time of completion, class of contractors, Additional Performance Security Deposit and the set of Terms and Conditions applicable for the contract and other required necessary document mentioned in the Tender Call Notice available in Rayagada Municipality Office.

1. Name of the Work : Civil works as mentioned in the Tender Call Notice
2. No. of Works : 05 (Five)
3. Tender Amount : 1,68,750/- (Rupees One lakh sixty eight thousand seven hundred fifty) only to 1,18,648/- (One lakh eighteen thousand six hundred forty eight) only.
4. Period of Completion: 15 (Fifteen) days
5. Date of availability of Bid documents at the Office (Development Section) : From dated 23.05.2025, 11.30 am To dated 02.06.2025, 05.30 pm.
6. Last date & time for Original Documents submission: Dated 03.06.2025, 05.30 pm.
7. Bids received offline to be opened on:Dated 04.06.2025, 11.30 AM
8. Name and address of the Officer Inviting the Bid : The Executive Office, Rayagada Municipality, Rayagada.

Further details of the Tender documents can be seen from Municipality Office in Working Hours.

**Sd./-Executive Officer**
**Rayagada Municipality**

OIPR-13150/11/0061/2526

## କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା

**କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୨**

**ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ନିମନ୍ତେ ଦରଖାସ୍ତ ଆହ୍ୱାନ**

No. TT-04: କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ୨୦୨୪ ବର୍ଷ ପାଇଁ ସାହସିକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତି ବିଶେଷଙ୍କୁ **ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର** ପ୍ରଦାନ କରିବାକୁ ସ୍ଥିର କରିଛନ୍ତି।

ରାଜ୍ୟର ଯେଉଁ ବ୍ୟକ୍ତି ବିଶେଷ ଉଲ୍ଲେଖନୀୟ ସାହସିକତା ପ୍ରଦର୍ଶନ କରିଥିବେ, ସେମାନଙ୍କର ସେହି ସବୁ କାର୍ଯ୍ୟାବଳୀକୁ ସ୍ୱୀକୃତି ପ୍ରଦାନ ତଥା ଅନ୍ୟମାନଙ୍କୁ ଏହି ଦିଗରେ ଉତ୍ସାହିତ କରିବା ଏବଂ ସେମାନଙ୍କ ଭିତରେ ଦୁଃସାହସିକ ପଦକ୍ଷେପ ନେବାରେ ଅଭୀପ୍‌ସା ସୃଷ୍ଟି କରିବା ଏହି ପୁରସ୍କାର ପ୍ରଦାନର ମୂଳ ଲକ୍ଷ୍ୟ। ମନୋନୀତ ବ୍ୟକ୍ତି ବିଶେଷଙ୍କୁ ପୁରସ୍କାର ବାବଦରେ ମାନପତ୍ର ଓ ରୌପ୍ୟ ପଦକ ତଥା ଟ.୨,୦୦,୦୦୦/-ଙ୍କାର ଅର୍ଥରାଶି ୨୦୨୫ ମସିହା ଅଗଷ୍ଟ ମାସ ୨୯ ତାରିଖ ଜାତୀୟ କ୍ରୀଡ଼ା ଦିବସରେ ପ୍ରଦାନ କରାଯିବ। ଏହି ପୁରସ୍କାର ନିମନ୍ତେ ସ୍ୱତନ୍ତ୍ର ପରିକଳ୍ପନା ପୁସ୍ତିକା (Scheme) ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ନେହେରୁ ଯୁବ କେନ୍ଦ୍ର ସଂଗଠନ, ଜାତୀୟ ସେବା ସଂସ୍ଥା, ଭାରତ ସ୍କାଉଟ୍ ଓ ଗାଇଡ୍, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଓ ଭାରତୀୟ ରେଡ୍‌କ୍ରସ୍ ସୋସାଇଟି କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଉପରୋକ୍ତ ପୁରସ୍କାର ନିମନ୍ତେ ସାହସିକ କାର୍ଯ୍ୟାବଳୀର ସମୟସୀମା ୨୦୨୪ ମସିହା ଜାନୁୟାରୀ ମାସ ୦୧ ତାରିଖରୁ ଡିସେମ୍ବର ମାସ ୩୧ ତାରିଖ ମଧ୍ୟରେ ହୋଇଥିବା ଆବଶ୍ୟକ। ସାହସିକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ଯୋଗ୍ୟ ବ୍ୟକ୍ତି ବିଶେଷଙ୍କ ଆବେଦନ/ସୁପାରିଶଗୁଡ଼ିକ ନିର୍ଦ୍ଦେଶକ, କ୍ରୀଡ଼ା ଓ ଯୁବ ସେବା ବିଭାଗ, କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ନୟାପଲ୍ଲୀ, ଭୁବନେଶ୍ୱରଙ୍କ ଠିକଣାରେ ତା୨୦।୦୬।୨୦୨୫ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ। ବିଜ୍ଞାପନ ସମ୍ବନ୍ଧୀୟ ବିଶଦ ବିବରଣୀ ଏବଂ ଆବେଦନ ପତ୍ର କ୍ରୀଡ଼ା ଓ ଯୁବସେବା ବିଭାଗ ୱେବ୍‌ସାଇଟ୍ **www.sportsodisha.gov.in**ରେ ଉପଲବ୍ଧ ଅଟେ।

**ନିର୍ଦ୍ଦେଶକ, କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା**

OIPR-29001/11/0083/2526

## OFFICE OF THE DISTRICT & SESSIONS JUDGE, ANGUL RECRUITMENT YEAR 2025-26

**Advertisement No. 02, Dated-19.05.2025**
**(For the post of Jr.Clerk-cum-Copyist, Jr. Typist, Stenographer Grade-III & Salaried Amin.)**

**No.W-13** : Applications in the prescribed format are invited from the eligible candidates for filling up the posts of Jr.Clerk-cum-Copyist, in the scale of pay (Level 4 Rs. 19,900/-63,200/-),Jr. Typist in the scale of pay (Level 4 Rs.19,900/-63,200/-), Stenographer Grade-III in the scale of pay (Level 7 Rs. 25,500/- 81,100/-) and Salaried Amin in the scale of pay (Level-5 Rs.21,700/- 69,100/-) with usual D.A and other allowances, as admissible to the Government employees from time to time as per the ORSP Rules, 2017 on regular basis subject to the result of W.P(C) No.1273 of 2014 of the Hon'ble Court. **The last date of receipt of application is fixed to 18.06.2025 by 5.00 P.M.**

For details of advertisement as regards applications form, eligibility criteria, scheme of examination along with details of syllabus etc. please visit our District Court website **https://angul.dcourts.gov.in** & Angul district **https://angul.nic.in**

**Sd./- Chairman-cum-District Judge**
**Recruitment Committee,**
**Angul**

**OIPR-18012/11/0004/2526**

**ODISHA LIFT IRRIGATION CORPORATION LIMITED**
(A Government of Odisha Undertaking)

## OFFICE OF THE EXECUTIVE ENGINEER, L.I. DIVISION, BHUBANESWAR

e-mail : eeolicdivn.bbsr@ymail.com, Tel. 0674-2391847

**e-Procurement Notice**
**Bid Identification No. 1510/2025-26 Dt. 23.05.2025**

**No.CAD-548** : The **Executive Engineer, Lift Irrigation Division, Bhubaneswar** on behalf of ODISHA LIFT IRRIGATION CORPORATION LIMITED, BHUBANESWAR invites **percentage Rate bids in online mode** for Reinforcement, Revival & Re-Energisation of Lift Irrigation Projects in Khordha district under **PLAN FUND 2024-25** in TURNKEY BASIS as mentioned below from the reputed Contractors/Firms having valid HT license issued by E.L.B.O, Odisha and Civil license as mentioned below with experience in similar nature of work.

1. Nature of work : Execution of work for Revival & Re-Energisation of 04 Nos (One Pkg) L.I. Projects in Khordha district
2. Estimated cost : **Rs.7173937/-**
3. Period of completion : 90 days
4. Date & time of availability of bid documents in the portal : 28.05.2025 at 10.00 A.M.
5. Last date & time for receipt of bids in the portal : 05.06.2025 up to 5.00 P.M.
6. Date & time of seeking clarification : 28.05.2025 at 10.00 A.M. to 04.06.2025 up to 5.00 P.M.
7. Technical Bid Opening date & time : **06.06.2025 at 11.00 A.M.**
8. Financial Bid opening to be Intimated after Evaluation of Technical Bid
9. Name & address of the officer inviting Bid : Executive Engineer, Lift Irrigation Division, Bhubaneswar

The details of tender are available in the Government tender website i.e. www.tendersorissa.gov.in. and other related documents are available in the DTCN for bidding. Any Addendum / corrigendum / Cancellation of tender will be available in the said website.

**Sd./- Executive Engineer**
**L.I. Division, Bhubaneswar**

OIPR-32155/11/0020/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: .............................


ମନିସ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତରେ ଅନ୍‌ଲାଇନ ଗେମିଂ ଶିଳ୍ପର ଅଭିବୃଦ୍ଧି

## ବାର୍ଷିକ ଆଧାରରେ ଉପଭୋକ୍ତା ପଞ୍ଜୀକରଣ ୧୮% ବୃଦ୍ଧି

**ଭୁବନେଶ୍ୱର,୨୮।୫**

ବର୍ତ୍ତମାନ ସମୟରେ ସମୟ ଅତିବାହିତ ଓ ମନୋରଞ୍ଜନ ପାଇଁ ସବୁ ବର୍ଗର ଲୋକ (ଉପଭୋକ୍ତା) ଅନ୍‌ଲାଇନ ଗେମିଂକୁ ଆଗ୍ରହର ସହ ଖେଳୁଛନ୍ତି। ଏପରିକି ୧୮ରୁ ଊର୍ଦ୍ଧ୍ୱ ବୟସରୁ ପିଲା ଏହି ଖେଳରେ ବେଶି ସମୟ ଅତିବାହିତ କରୁଛନ୍ତି। ଫଳରେ ଅନ୍‌ଲାଇନ ଗେମିଂ ଶିଳ୍ପ କ୍ରମାଗତ ଭାବେ ବୃଦ୍ଧି ପାଇଚାଲିଛି। ବାର୍ଷିକ ଆଧାରରେ ଦେଶର ଉପଭୋକ୍ତା ପଞ୍ଜୀକରଣ ଉଲ୍ଲେଖନୀୟ ଭାବେ ବୃଦ୍ଧି ଘଟିଛି। ସେହିଭଳି ଓଡ଼ିଶା ବଜାରରେ ମଧ୍ୟ ଗେମିଂ କ୍ଷେତ୍ର ପ୍ରଭାବଶାଳୀ ଭାବେ ବିସ୍ତାର କରୁଛି। ୨୦୨୩ ଏବଂ ୨୦୨୪ ବର୍ଷ ମଧ୍ୟରେ ଉଭୟ ଓଡ଼ିଶା ଓ ଭୁବନେଶ୍ୱର ବଜାରର ବାର୍ଷିକ ଆଧାରରେ ଉପଭୋକ୍ତା ପଞ୍ଜୀକରଣ ୧୮% ବୃଦ୍ଧି ପାଇଥିବାବେଳେ ପରବର୍ତ୍ତୀ ବର୍ଷ ୨୦୨୪ ଏପ୍ରିଲ ଓ ୨୦୨୫ ଏପ୍ରିଲ ମଧ୍ୟରେ ୧୦୦%ରୁ ଅଧିକ ହାରରେ ବୃଦ୍ଧି ଦେଖିବାକୁ ମିଳିଛି। ସେହିପରି ବର୍ତ୍ତମାନ ଭାରତରେ ୩.୨ କୋଟି ଉପଭୋକ୍ତ ଅନ୍‌ଲାଇନ ଗେମିଂ ପ୍ଲାଟ୍‌ଫର୍ମ ସହ ଜଡିତ ଥିବା ରମି କଲ୍‌ଚର ପକ୍ଷରୁ କୁହାଯାଇଛି। ଏପରିକି ଓଡ଼ିଶା ବଜାରରେ ବର୍ତ୍ତମାନ ୨,୪୭,୨୯୮ ଉପଭୋକ୍ତ ରମି କଲ୍‌ଚର ପ୍ଲାଟ୍‌ଫର୍ମ ସହ ଯୋଗଦାନ କରିଛନ୍ତି। ଭାରତର ଅନ୍‌ଲାଇନ ଗେମିଂ ଶିଳ୍ପ ବିକଶିତ ହେଉଥିଲାବେଳେ ଏବଂ ଭୁବନେଶ୍ୱର ଭଳି ସହରଗୁଡିକ ଅଭିବୃଦ୍ଧି ଓ ଉଦ୍ଭାବନର ପ୍ରମୁଖ ପରିଚାଳକ ଭାବେ ଉଭା ହେଉଛି। ଉଲ୍ଲେଖଯୋଗ୍ୟ, ଗେମ୍‌ସକ୍ରାଫ୍ଟର ଏକ ଫ୍ଲାଗ୍‌ଶିପ ପ୍ଲାଟ୍‌ଫର୍ମ ଏବଂ ଭାରତର ସବୁଠାରୁ ବିଶ୍ୱସନୀୟ ଓ ସୁରକ୍ଷିତ ଦକ୍ଷତାଭିତ୍ତିକ ଗେମ୍ ରମିକଲ୍ଟର ଓଡିଶାରୁ ଉପଭୋକ୍ତା ଯୋଗଦାନ କ୍ଷେତ୍ରରେ



ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ପରିଲକ୍ଷିତ କରିଛି, ଯାହା ଦକ୍ଷତା ଆଧାରିତ ଗେମିଂ ପାଇଁ ଏକ ରଣନୈତିକ କେନ୍ଦ୍ର ଭାବେ ରାଜ୍ୟକୁ ଦୃଢତାର ସହ ଅବସ୍ଥାପିତ କରୁଛି।

୨୦୧୭ରେ ସ୍ଥାପିତ ରମିକଲ୍ଟର ଅନ୍‌ଲାଇନ ଗେମିଂ ପାଇଁ ଅନ୍ୟତମ ସର୍ବାଧିକ ବିଶ୍ୱସନୀୟ ଓ ବ୍ୟାପକ ରୂପେ ସ୍ୱୀକୃତିପ୍ରାପ୍ତ ପ୍ଲାଟ୍‌ଫର୍ମରେ ପରିଣତ ହୋଇଛି, ଯାହା ଉଭୟ ଉଦ୍ଭାବନ ଓ ଖେଳାଳିଙ୍କ କଲ୍ୟାଣ କ୍ଷେତ୍ରରେ ନେତୃତ୍ୱ ନେଉଛି। ଏହି ପ୍ଲାଟ୍‌ଫର୍ମ ଏହାର ଅତ୍ୟାଧୁନିକ ବୈଷୟିକ ଭିତ୍ତିଭୂମି ପାଇଁ ସୁପରିଚିତ ରହିଛି, ଯାହା ସୁରକ୍ଷିତ ଗେମ୍‌ପ୍ଲେ, ନିରପେକ୍ଷ ଅଭ୍ୟାସ ଓ ଖେଳାଳିଙ୍କ ଆବଶ୍ୟକତା ପ୍ରତି ନିରନ୍ତର ଧ୍ୟାନକୁ ସୁନିଶ୍ଚିତ କରୁଛି। ଆର୍‌ଏନ୍‌ଜି (ରାଣ୍ଡମ ନମ୍ବର ଜେନେରେଶନ), ନୋ-ବଟ ସାର୍ଟିଫିକେଶନ ଓ ଏସ୍‌ଏସ୍‌ଏଲ୍-ସିକ୍ୟୋର୍‌ଡ ପେମେଣ୍ଟ ମାଧ୍ୟମ ଭଳି ଶିଳ୍ପ ଅଗ୍ରଣୀ ସୁରକ୍ଷା ଫିଚରଗୁଡିକ ସହିତ ରମିକଲ୍ଟରକୁ ୟୁନୋମର ଓ ସାଇବରମିଡିଆ ରିସର୍ଚ୍ଚ ଦ୍ୱାରା କରାଯାଇଥିବା ଅଧ୍ୟୟନ ଅନୁଯାୟୀ ଭାରତର ଏକ ନମ୍ବର ରମି ଆପ୍ ଭାବେ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ରମିକଲ୍ଟର ଏକ ସୁରକ୍ଷିତ ଓ ବିଶ୍ୱସନୀୟ ଗେମିଂ ପରିବେଶ ପ୍ରଦାନ କରିବା ପ୍ରତି ପ୍ରତିଶ୍ରୁତିବଦ୍ଧ ରହିଛି। ଏହା ଟାଇମ-ଆଉଟ, ଗେମ୍ ଭାଲ୍ୟୁ ଲିମିଟ୍ ଓ ମାନସିକ ସହଯୋଗକୁ ସୁଗମକରି ଦାୟିତ୍ୱପୂର୍ଣ୍ଣ ଗେମିଂକୁ ପ୍ରାଥମିକତା ଦେଉଛି।

ଏ ନେଇ ଗେମ୍‌ସକ୍ରାଫ୍ଟରେ ଷ୍ଟ୍ରାଟେଜିକ ଇନିସିଏଟିଭ ବିଭାଗର ମୁଖ୍ୟ ସୁମନ୍ତ ସେନ୍‌ଗୁପ୍ତା କହିଛନ୍ତି, ଉଭୟ ଉପଭୋକ୍ତା ଆଧାର ଏବଂ ଏହି ଅଞ୍ଚଳରୁ ଆମେ ଦେଖୁଥିବା ଯୋଗଦାନର ଗୁଣବତ୍ତା ଦୃଷ୍ଟିରୁ ଭୁବନେଶ୍ୱର ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର । ଏହି ଅଞ୍ଚଳର ତଥ୍ୟ ପ୍ରତିଫଳନ କରୁଛି ଯେ ଏଠାକାର ଖେଳାଳିମାନେ ଗେମ୍‌କୁ ଗମ୍ଭୀରତା, ରଣନୀତି ଓ ଦକ୍ଷତା ସହ ଖେଳିବାକୁ ପସନ୍ଦ କରିଥାନ୍ତି। ଏହା ଆମର ବିଶ୍ୱାସକୁ ସୁଦୃଢ କରିଛି ଯେ ଯେତେବେଳେ ଏକ ସୁରକ୍ଷିତ, ସ୍ୱଚ୍ଛ ଓ ସୁନିୟନ୍ତ୍ରିତ ପ୍ଲାଟ୍‌ଫର୍ମ ଦିଆଯାଏ, ସେତେବେଳେ ଉପଭୋକ୍ତାମାନେ ସୂଚିତ, ଦାୟିତ୍ୱପୂର୍ଣ୍ଣ ଗେମ୍‌ପ୍ଲେ ସହ ପ୍ରତିକ୍ରିୟା ଦେଇଥାନ୍ତି। ଏକ କମ୍ପାନୀ ଭାବେ ଆମେ ଏଭଳି ଏକ ଇକୋସିଷ୍ଟମ ଗଠନ କରିବା ପାଇଁ ପ୍ରତିବଦ୍ଧ ରହିଛୁ, ଯେଉଁଠାରେ ଦକ୍ଷତା ଆଧାରିତ ଗେମିଂ ସଫଳ ହୋଇପାରିବ, ଭୁଲ୍‌ଧାରଣା ଦୂରହୋଇପାରିବ ଏବଂ ଖେଳାଳିମାନେ ଆତ୍ମବିଶ୍ୱାସ ଓ ସ୍ୱଷ୍ଟତା ସହିତ ସାର୍ଥକ ଭାବେ ନିୟୋଜିତ ହୋଇପାରିବେ।

# ବଜାରରେ ବିଏଏସ୍‌ଏଫ୍‌ର ନୂତନ ଉତ୍ପାଦ

**ଭୁବନେଶ୍ୱର,୨୮।୫**

ବିଏଏସ୍‌ଏଫ୍ ଇଣ୍ଡିଆର ନୂତନ ଉତ୍ପାଦ ତଥା ଦୁଇଟି ନୂଆ ଫସଲ ସୁରକ୍ଷା ସମାଧାନ 'ଭାଲେକ୍ସିଓ କୀଟନାଶକ ଏବଂ ମିବେଲ୍ୟା ଫଙ୍ଗିସାଇଡ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏ ସମ୍ପର୍କରେ ବିଏଏସ୍‌ଏଫ୍ କୃଷି ସମାଧାନର ଗ୍ଲୋବାଲ ଷ୍ଟ୍ରାଟେଜିକ୍ ମାର୍କେଟିଂ ଏବଂ ସଷ୍ଟେନେବିଲିଟିର ବରିଷ୍ଠ ଉପାଧ୍ୟକ୍ଷ ମାର୍କୋ ଗ୍ରୋଜଡାନୋଭିକ୍ କହିଛନ୍ତି, ଆମେ ଆମର ନୂତନ ଉତ୍ପାଦକୁ ଭାରତରେ ପ୍ରଥମେ ଆରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ସେହିଭଳି ଏସିଆ-ପ୍ୟାସିଫିକ୍ ବିଏଏସ୍‌ଏଫ୍ କୃଷି ସମାଧାନର ବରିଷ୍ଠ ଉପାଧ୍ୟକ୍ଷ ସିମୋନ ବର୍ଗ କହିଛନ୍ତି, ଧାନ କେବଳ ଭାରତ ପାଇଁ ଏକ ପ୍ରମୁଖ ଫସଲ ନୁହେଁ ଏହା ସମଗ୍ର ଏସିଆର ବହୁ ଲକ୍ଷ ଚାଷୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଶସ୍ୟ। ଭାଲେକ୍ସିଓ ଏବଂ ମିବେଲ୍ୟାର ଶୁଭାରମ୍ଭ ଚାଷୀ ଏବଂ ସ୍ଥାୟୀ କୃଷି ପାଇଁ ଏକ ଅଭୂତପୂର୍ବ ବିଜୟକୁ ପ୍ରତିନିଧିତ୍ୱ କରିଛି। ଆମର ଉଦ୍ଭାବନ ସହ ଆମେ ଚାଷୀମାନଙ୍କୁ ପ୍ରଭାବିତ କରୁଥିବା କୀଟପତଙ୍ଗ ଏବଂ ରୋଗକୁ ପ୍ରଭାବଶାଳୀ ଭାବରେ ମୁକାବିଲା କରିପାରିବା ଏବଂ ଚାଷୀମାନଙ୍କୁ ପ୍ରତିରୋଧ ପରିଚାଳନାର ଉତ୍କୃଷ୍ଟ ଲାଭ ଏବଂ ସର୍ବୋଚ୍ଚ ସ୍ତରର ନିୟାମକ ମାନଦଣ୍ଡ ପୂରଣ କରିବା ପାଇଁ ଡିଜାଇନ କରାଯାଇଥିବା ଅନୁକୂଳ ପ୍ରୋଫାଇଲ୍ ସହ ଆଗୁଆ ରହିବାକୁ ସୁନିଶ୍ଚିତ କରିପାରିବୁ।

ବିଏଏସ୍‌ଏଫ୍ ଇଣ୍ଡିଆର କୃଷି ସମାଧାନ ବ୍ୟବସାୟ ନିର୍ଦ୍ଦେଶକ ଗିରିଧର ରାନୁଭା କହିଛନ୍ତି, ଆମେ ସମ୍ପୃକ୍ତ କର୍ତ୍ତୃପକ୍ଷ, ବୈଜ୍ଞାନିକ ସମ୍ପ୍ରଦାୟ ଏବଂ କୃଷି କ୍ଷେତ୍ରରେ ଥିବା ଲୋକଙ୍କୁ ଧନ୍ୟବାଦ ଜଣାଇବାକୁ ଚାହୁଁଛୁ,ଯେଉଁମାନେ ଆମ ସହ ମିଶି କୃଷକମାନଙ୍କୁ ପୃଥିବୀରେ ସର୍ବବୃହତ୍ କାର୍ଯ୍ୟ କରିବାରେ ସମର୍ଥନ କରୁଛନ୍ତି।



SAI TUTORIALS
100% RESULT ORIENTED COACHING
* +2 Arts, Science, Commerce (All Subject/Individual)
* +3 Arts, Science, Commerce (All Hons-All Subject) NEP
Practical Classes also available
COMPUTER, SPOKEN ENGLISH, BANKING, RAILWAYS, SSC, IAS, OAS, DIPLOMA (SEMISTER)
CBSE & ICSE ( VII to XII )
SD-03, SHAKTINAGAR, ROURKELA-14
MOB. : 8480831772(O), 9861193662, 7008163273


# ୧ହଜାର ବିଲିୟନ ଡଲାରକୁ ବଢ଼ିପାରେ ସାମଗ୍ରୀ, ସେବା ରପ୍ତାନି

**ଭୁବନେଶ୍ୱର,୨୮।୫ (ଅନୁରାଧା ମହାରଣା)**

ଆର୍ଥିକ ବର୍ଷ ୨୦୨୪-୨୫ରେ ଭାରତର ମୋଟ ସେବା ଓ ରପ୍ତାନି ୮୨୪.୯ ବିଲିୟନ ଡଲାର ଥିବାବେଳେ ୨୦୨୫-୨୬ରେ ଏହା ୧,୦୦୦ ବିଲିୟନ ଡଲାରରେ ପହଞ୍ଚିପାରେ। ଭାରତୀୟ ରପ୍ତାନି ସଙ୍ଗଠନ ଫେଡେରେଶନ(ଏଫ୍‌ଆଇଇଓ) ପକ୍ଷରୁ ଏପରି ଆକଳନ କରାଯାଇଛି। ଏଫ୍‌ଆଇଇଓର ସଭାପତି ଏସ୍.ସି. ରାଲହାନ କହିଛନ୍ତି, ବିଶ୍ୱ ଆର୍ଥିକ ଅନିଶ୍ଚିତତାକୁ ଦୃଷ୍ଟିରେ ରଖି ଅନ୍ତର୍ଜାତୀୟ କ୍ରେତାମାନେ ସେମାନଙ୍କର କ୍ରୟ ଉତ୍ସଗୁଡ଼ିକରେ ପରିବର୍ତ୍ତନ ଆଣିବା ଉପରେ ଧ୍ୟାନ ଦେଉଛନ୍ତି। ଏହା ରପ୍ତାନିରେ ଭଲ ଅଭିବୃଦ୍ଧି ଆଣିବ ବୋଲି ଆଶା କରାଯାଉଛି। ଏହା ସହ ଭାରତ ଓ ବିଭିନ୍ନ ଦେଶ ସହ କରାଯାଇଥିବା ମୁକ୍ତ ବାଣିଜ୍ୟ ଚୁକ୍ତିନାମା ମଧ୍ୟ ଦେଶର ରପ୍ତାନି ବୃଦ୍ଧି କରିବାରେ ସାହାଯ୍ୟ



କରିବ। ୨୦୨୫-୨୬ରେ ସାମଗ୍ରୀ ରପ୍ତାନି ୧୨% ବୃଦ୍ଧି ପାଇ ୫୨୫ରୁ ୫୩୫ ବିଲିୟନ ଡଲାର ହେବ। ୨୦୨୪-୨୫ରେ ଏହା ୪୩୭ ବିଲିୟନ ଡଲାର ଥିଲା। ପୂର୍ବ ଆର୍ଥିକ ବର୍ଷ ସେବା ରପ୍ତାନି ୩୮୭ ବିଲିୟନ ତୁଳନାରେ ଚଳିତ ଆର୍ଥିକ ବର୍ଷରେ ୪୬୫ ରୁ ୪୭୫ ବିଲିୟନ ହୋଇପାରେ। ଏହି ଆର୍ଥିକ ବର୍ଷରେ ସମସ୍ତ ପ୍ରମୁଖ କ୍ଷେତ୍ରରେ ରପ୍ତାନି ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇବାର ଆଶା କରାଯାଉଛି। ଇଲେକ୍ଟ୍ରୋନିକ୍ସ, ଇଞ୍ଜିନିୟରିଂ କ୍ଷେତ୍ର, ରାସାୟନିକ ପଦାର୍ଥ, ବୟନ ଏବଂ ପୋଷାକ, ଔଷଧ ଏବଂ ଏପରିକି କୃଷି ମଧ୍ୟ ଭଲ ଭାବରେ ବୃଦ୍ଧି ହୋଇପାରେ। ଆଗାମୀ ବର୍ଷରେ ପେଟ୍ରୋଲିୟମ ଏବଂ ରତ୍ନ ଏବଂ ଅଳଙ୍କାର ରପ୍ତାନି ମଧ୍ୟ ସକାରାତ୍ମକ ପରିସର ମଧ୍ୟରେ ରହିବ। ରପ୍ତାନି ବୃଦ୍ଧି କରିବାରେ ସାହାଯ୍ୟ କରୁଥିବା ମୁଖ୍ୟ କ୍ଷେତ୍ରଗୁଡ଼ିକ ମଧ୍ୟରେ ବୈଦ୍ୟୁତିକ ଏବଂ ଇଲେକ୍ଟ୍ରୋନିକ୍ସ ୬୦ ବିଲିୟନ, ଯନ୍ତ୍ରପାତି ୪୦ ବିଲିୟନ, ରାସାୟନିକ ପଦାର୍ଥ ୪୦ ବିଲିୟନ, ଔଷଧ ୩୦ ବିଲିୟନ, ପେଟ୍ରୋଲିୟମ ୭୦ ବିଲିୟନ, ପୋଷାକ ଏବଂ ନାପ୍‌କିନ, ଆପ୍ରନ ୨୩ରୁ ୨୫ ବିଲିୟନ, ରତ୍ନ ଏବଂ ଅଳଙ୍କାର ୩୦ରୁ ୩୫ ବିଲିୟନ ଏବଂ କୃଷି ୫୫ ବିଲିୟନ ଅନ୍ତର୍ଭୁକ୍ତ ବୋଲି ସୂଚନା ରହିଛି। ଏଫ୍‌ଆଇଇଓ କହିଛି, ଆଞ୍ଚଳିକ ଉତ୍ତେଜନା ଯୋଗୁ ଲୋହିତ ମାର୍ଗ ଦୀର୍ଘଦିନ ଧରି ବାଧାପ୍ରାପ୍ତ ହୋଇଥିଲା। ଭାରତୀୟ ରପ୍ତାନି ସାମଗ୍ରୀ ଧୀରେ ଧୀରେ ପୁଣି ଲୋହିତ ସାଗର ମାର୍ଗ ଦେଇ ଯିବା ଆରମ୍ଭ କରିଛି।

# ଏଲ୍‌ଆଇସିର ଆର୍ଥିକ ଫଳାଫଳ

## ଟିକସ ପରବର୍ତ୍ତୀ ଲାଭ ୪୮,୧୫୧କୋଟି

**ଭୁବନେଶ୍ୱର,୨୮।୫ (ଅଭୟ ଦାଶ)**

ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି)ର ନିର୍ଦ୍ଦେଶକମଣ୍ଡଳୀ ବୈଠକ ମଙ୍ଗଳବାର ମୁମ୍ବାଇରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଏଲ୍‌ଆଇସିର କାରବାର ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହେବା ସହ ୨୦୨୪-୨୫ ଆର୍ଥିକ ବର୍ଷର ବାର୍ଷିକ ଓ ୪ର୍ଥ ତ୍ରୈମାସିକ ଆର୍ଥିକ ଫଳାଫଳକୁ ମଧ୍ୟ ଘୋଷଣା କରାଯାଇଛି। ସେହିଭଳି ୨୦୨୫ ମାର୍ଚ୍ଚ ୩୧ରେ ଶେଷ ହୋଇଥିବା ଆର୍ଥିକ ବର୍ଷର ଆର୍ଥିକ ଫଳାଫଳ ଅନୁଯାୟୀ ଏଲ୍‌ଆଇସିର ଟିକସ ପରବର୍ତ୍ତୀ ଲାଭ ୪୮,୧୫୧ କୋଟିରେ ପହଞ୍ଚିଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ଟିକସ ପରବର୍ତ୍ତୀ ଲାଭ ୪୦,୬୭୬ ଟଙ୍କା ତୁଳନାରେ ୨୦୨୪-୨୫ ଆର୍ଥିକ ବର୍ଷର ଟିକସ ପରବର୍ତ୍ତୀ ଲାଭ ୧୮.୩୮% ବୃଦ୍ଧି ସହ ୪୮,୧୫୧ କୋଟି ହୋଇଛି। ସେହିପରି ଏହି ବର୍ଷ ବ୍ୟକ୍ତିଗତ ନୂତନ ବ୍ୟବସାୟ ପ୍ରିମିୟମ ୮.୨୮% ବୃଦ୍ଧି ସହ


ସିଦ୍ଧାର୍ଥ ମହାନ୍ତି

୬୨,୪୯୫ କୋଟିରେ ରହିଛି। ୨୦୨୫ ମାର୍ଚ୍ଚ ୩୧ ଶେଷ ସୁଦ୍ଧା ଏଲଆଇସିର ମୋଟ ପ୍ରିମିୟମ ଆୟ ୪,୮୮,୧୪୮ କୋଟିରେ ପହଞ୍ଚିଛି।

ଏ ସମ୍ପର୍କରେ ଏଲ୍‌ଆଇସିର ଏମ୍‌ଡି ତଥା ସିଇଓ ସିଦ୍ଧାର୍ଥ ମହାନ୍ତି କହିଥିଲେ, ଆମେ ଆମର ବାର୍ଷିକ ଓ ୪ର୍ଥ ତ୍ରୈମାସିକ ଆର୍ଥିକ ଫଳାଫଳକୁ ଆନୁଷ୍ଠାନିକ ଭାବେ ଘୋଷଣା କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ଅବଧି ମଧ୍ୟରେ ଆମେ ଅନେକ ସଫଳତା ଓ ରେକର୍ଡସ୍ତରର କାରବାର କରିଥିଲାବେଳେ ଉଭୟ ହିତାଧିକାରୀ ଓ ଷ୍ଟେକ ହୋଲଡରମାନଙ୍କୁ ମଧ୍ୟ ଅନେକ ସୁବିଧା ଯୋଗାଇ ଦେଇଛୁ। ବିଶେଷକରି ୫୬,୧୯୦.୨୪ କୋଟି ଟଙ୍କାର ବୋନସ ସହାୟତା ବୀମାଧାରୀଙ୍କୁ ପ୍ରଦାନ କରିଛୁ।


# Classified Everyday
0674-2580101, 9692975378


REAL ESTATE

SALE

ଭୁବନେଶ୍ୱର, Puri bypass ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ Residential Plot, 2/3BHK Flat ବିକ୍ରିହେବ। 8327785834. D-76266

ନଖରାଛକରୁ 6K.M. ବ୍ରାହ୍ମଣଝରିଲୋରେ ଘରବାରି boundary plot sale, 1500sqft. 30,00,000/-. 7978947520. D-76272




Positively health benefits spaexpertfemaletherapist homely atmosphere. 9114559860. D-542

Relax, Refresh your body, Mind at Saikrupa Spa with best therapies. 7848011468. D-568

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly open health benefits SPA by expert therapist. Contact- 8280961126. D-76915

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-730


## AFFIDAVIT

I, Ganga Durua @ Sodi, Son of Kosa Durua of Vill. Nuaguda, P.O.- Chalanguda, P.S./Dist.- Malkangiri do hereby solemnly affirm and state as follows. That my minor daughter's old name is Surati Dhurava and her new name is Shruti Durua. That my daughter's name is wrongly mentioned as all Documents as Surati Dhurava. That I authorize and request all persons to designate and Address her and her future wife and children, by such assumed name of Shruti Durua accordingly.
D-726

I, Gopinath Sahu, Badbrahmani, Bijepur, Bargarh, do hereby declare that I have changed the name of my minor son Swatik Swarup Sahu, born on 04.09.2016 to Swastik Swarup Sahu. This change is made in accordance with an affidavit C.A. No. 170 dt.22.05.25 before E.M. Bijepur. D-728

I, Sri Nalla Lokanath Das declared that as per affidavit No.- 40, dtd 27.5.2025 before the Executive Magistrate, Nandapur, my daughter's old name N Suhani Das has been changed to Nalla Suhani Das. Henceforth, she will be known as Nalla Suhani Das, daughter of Nalla Lokanath Das, At/P.O.- Nandapur, Dist.- Koraput for all purposes. D-727

By virtue of an affidavit sworn before the Notary Public, Khariar, dated 27.05.2025, I, Shaswati Shubhadarshini, D/o- Bhawani Shankar Padhi, R/o- Khariar, Dist.- Nuapada declare that I have changed my name from Saswati Subhadarshini Padhi to Shaswati Shubhadarshini. Henceforth, I shall be known as Shaswati Shubhadarshini for all purposes.
Shaswati Shubhadarshini
D-732

By virtue of an affidavit sworn before the Executive Magistrate, Khariar, dated 01.11.2024, I, Gobinda Hati, Address: At- Godtala, P.O.- Nehena, P.S.- Khariar, Dist.- Nuapada (Odisha) declare that I have changed my daughter's name from Pankajini Hati to Punam Hati. Henceforth, she shall be known as Punam Hati for all purposes.
Gobinda Hati
D-731

I, Prajna Paramita Panda, W/o- Srimanta Kumar Panda, resident of ward No.- 4, Plot No.- 3C/471, Sector- 8, P.O.- Avinab Bidanasi, Markatnagar, CDA, Dr. Tonpe Road, P.S.- Markatnagar, Dist.- Cuttack, PIN- 753014, Odisha declare by this affidavit No. 7404 dtd.-28.05.2025 that now onwards I shall be known as Prajna Paramita Panda for all future purposes. D-731

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ପୁରୀ ମୁକାମ ପ୍ରଥମ ସିଭିଲ୍ ଜଜ୍, ସିନିୟର ଡିଭିଜନଙ୍କ ଅଦାଲତ, ପୁରୀ
ସି.ଏସ୍ ନଂ.- ୫୩୭/୨୦୨୨
ମନୋରମା ବଟୁ
....ବାଦୀ।
ବନାମ
ତପନ ଉପାଧ୍ୟାୟ ଓ ଓଗେର
....ପ୍ରତିବାଦୀମାନେ।
ଦେଓ୍ୱାନୀ କାର୍ଯ୍ୟବିଧି ଆଇନର ଅର୍ଡର ୫, ରୁଲ୍- ୨୦ ମତେ ନୋଟିସ୍।

ସେବା ଉପାଧ୍ୟାୟ, ସ୍ୱାମୀ- ଶୁଭାଶିଷ ଆଚାରୀ, ସାକିନ/ପୋଷ୍ଟ- ଗୋରୁଆଳ, ଥାନା- ପୁରୀ ସଦର, ଜିଲ୍ଲା- ପୁରୀ । ନଂ୪ମ୍ବର ପ୍ରତିବାଦିନୀଙ୍କ ଗୋଚରାର୍ଥେ ଜଣାଉଅଛୁ କି, ମୋକଦ୍ଦମାରେ ବର୍ଣ୍ଣିତ ସମ୍ପତ୍ତି :-

ମୌଜା- ଗୋରୁଆଳ, ଖାତା ନ୭୬୬ମ୍ବର, ପ୍ଲଟ୍ ନ୨୫୯୯ମ୍ବର, ରକବା ଏ୦.୧୮ ଡିସିମିଲ, ଖାତା ନ୧୧୮୫/୯୩୬ମ୍ବର, ପ୍ଲଟ୍ ନ୨୩୮୯ମ୍ବର, ରକବା ଏ୦.୩୮ ଡିସିମିଲ। ମୌଜା- ତୋରଣ, ଖାତା ନ୬୩୭/୨୦୭ମ୍ବର, ପ୍ଲଟ୍ ନ୧୭୦ମ୍ବର, ରକବା ଏ୧.୨୨ ଡିସିମିଲ ଏବଂ ଖାତା ନ୬୩୭/୩୦୯ମ୍ବର, ପ୍ଲଟ୍ ନ୧୧୩୨ମ୍ବର, ରକବା ଏ୦.୪୪ଡିସିମିଲ ବିଚାର ପାଇଁ ୧୦.୦୭.୨୫ତାରିଖକୁ ଧାର୍ଯ୍ୟ ରହିଅଛି। ଆପଣ ଉକ୍ତ ଦିନ ସ୍ୱୟଂ ନିଜେ କିମ୍ବା ଅଧିବକ୍ତାଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ମୋକଦ୍ଦମାରେ ପକ୍ଷ ରଖିବେ । ନଚେତ୍ ଆଇନ ଅନୁଯାୟୀ କୋର୍ଟ ଚୂଡାନ୍ତ ନିଷ୍ପତ୍ତି ନେବ ।

ପ୍ରଥମ ସିଭିଲ ଜଜ୍, ସିନିୟର ଡିଭିଜନ ଅଦାଲତ, ପୁରୀ
ଧ-୭୨୫

# ହୋମ୍ କୌଜିନାର ଫ୍ୟାମିଲି ରେସିପି କଣ୍ଟେଷ୍ଟ

**ଭୁବନେଶ୍ୱର,୨୮।୫**

ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ଓ ବ୍ରାଣ୍ଡ ହୋମ୍ କୌଜିନାର ବହୁ ପ୍ରତୀକ୍ଷିତ ପ୍ରତିଯୋଗିତା 'ଫ୍ୟାମିଲି ରେସିପି କଣ୍ଟେଷ୍ଟ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ହୋମ୍ ସେଫ୍ ବା ଗୃହିଣୀମାନଙ୍କର ଶୁଦ୍ଧ ପାରିବାରିକ ଖାଦ୍ୟ ପ୍ରସ୍ତୁତି ସହ ଆପଣଙ୍କ ପରିବାରର ପସନ୍ଦର ରେସିପି ଓ ସ୍ପେଶାଲ ମସାଲାର ସନ୍ଧାନ କରୁଛି। ସେହିଭଳି ଏହି ପ୍ରତିଯୋଗିତା ଦେଶବ୍ୟାପୀ ହୋମ୍ ସେଫ୍‌ମାନଙ୍କୁ ନିଜର ମୂଲ୍ୟବାନ୍ ପାରିବାରିକ ମସଲା ମିଶ୍ରଣର ରେସିପି ଶେୟାର କରିବା ପାଇଁ ଆମନ୍ତ୍ରିତ କରିଛି। ଏହି ମସଲା ଆପଣଙ୍କ ପରିବାରରେ ଅନେକ ପିଢ଼ି ଧରି ରୋଷେଇରେ ବ୍ୟବହାର ହୋଇଥିବା କିମ୍ବା ଆପଣଙ୍କ ପ୍ରତ୍ୟେକ ଖାଦ୍ୟକୁ ଉନ୍ନତ କରୁଥିବା ଏକ ମୂଳ ସ୍ପାଇସ୍ ବ୍ଲେଣ୍ଡ ହୋଇଥିବା ଆବଶ୍ୟକ ବୋଲି କୁହାଯାଇଛି, ଯାହାକୁ ହୋମ୍ କୌଜିନା ସନ୍ଧାନ କରୁଛି। ଆପଣ ନିଜକୁ କିମ୍ବା ଆପଣଙ୍କର ପରିଚିତ ବ୍ୟକ୍ତିଙ୍କୁ ନୋମିନେଟ୍ କରିପାରିବେ । ଏ ସମ୍ପର୍କରେ ହୋମ କୌଜିନାର ପ୍ରତିଷ୍ଠାତା ଓ ସିଇଓ ଅନିତା ସାହୁ କହିଛନ୍ତି, ଫ୍ୟାମିଲି ରେସିପି କଣ୍ଟେଷ୍ଟ ସହ ଆମେ ଗୁପ୍ତ ମସଲା ମିଶ୍ରଣଗୁଡ଼ିକୁ ଲୋକଲୋଚନକୁ ଆଣିବା ଏବଂ ଏଭଳି ପରମ୍ପରାକୁ ଜୀବନ୍ତ ରଖିଥିବା ହୋମ୍ ସେଫ୍‌ମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଏକ ମଞ୍ଚ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ। ସେହିପରି ନିକଟରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ୨୦୨୫ ଜୁନ୍ ୧୪ ପର୍ଯ୍ୟନ୍ତ ଜାରି ରହିବ। ଏହି ପ୍ରତିଯୋଗିତା ଏବଂ ହୋମ୍ କୌଜିନାର ୱେବ୍‌ସାଇଟ୍ ଓ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲ ମାଧ୍ୟମରେ ମଧ୍ୟ ଆଶାୟୀମାନେ ଆବେଦନ କରାଯାଇପାରିବେ।


## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ.ଅଶୋକ କୁମାର ମହାପାତ୍ର
ଧରାବତରଣ : ୦୧/୧୦/୧୯୫୨
ସ୍ୱର୍ଗାରୋହଣ : ୧୯/୦୫/୨୦୨୫

ଆଜି ବି ତୁମେ ଓ ତୁମ ସହିତ ବିତେଇଥିବା ମୁହୂର୍ତ୍ତସବୁ ଆମ ମାନସ ପଟରେ ସଜଳ ଓ ଜୀବନ୍ତ । ତୁମେ ଯେଉଁଠି ଥାଅ ଭଲରେ ଥାଅ, ତୁମ ଅମର ଆତ୍ମାର ସଦଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମ ରେ ଆମର ବିନମ୍ର ବିନତି ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ:
ପରିବାରବର୍ଗ
ଧ-୭୬୮୨


# ଶେୟାର ବଜାର କାରବାରରେ ହ୍ରାସ

**ମୁମ୍ବାଇ,୨୮।୫**

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୫୦.୦୫ ପଏଣ୍ଟ ହ୍ରାସ ଘଟି ୮୧,୪୪୭.୦୨ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୫୨.୮୦ ପଏଣ୍ଟ କମି ୨୪,୭୯୦.୫୫ ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।





**ଶିକାରୀଙ୍କ କବଳରେ ଜଙ୍ଗଲ**

# ୩ ବର୍ଷରେ ୧୫୨ ଶିକାରୀ ଗିରଫ

■୧୯ ବନ୍ଧୁକ ଜବତ, ୪୩ ବୋମା ଜବତ

■ହିନ୍ଦୋଳ ରେଞ୍ଜ୍‌ରେ ଶିକାର ରୋକିବାକୁ ଅଧିକ ଫୋକସ ରହିବ: ଡିଏଫ୍‌ଓ

ଢେଙ୍କାନାଳ,୨୮।୫(ରତନ ନାୟାର)





ଢେଙ୍କାନାଳ ଜଙ୍ଗଲରେ କଲରା ପତରିଆ ଓ ଲାଗିଥିବା ଟ୍ରାପ କ୍ୟାମେରା।

ଢେଙ୍କାନାଳ ଜିଲାର ବ୍ୟାପକ ବନ୍ୟପ୍ରାଣୀ ରହିଥିବା ସବୁଜିମା ଜଙ୍ଗଲ ଶିକାରୀଙ୍କ କବଳରେ । ଫଳରେ ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ନେଇ ବନବିଭାଗର ଚିନ୍ତା ବଢୁଛି । ଗତ ୩ ବର୍ଷରେ ଜିଲାରେ ୧୫୨ ଶିକାରୀ ବନ ବିଭାଗ ଦ୍ୱାରା ଗିରଫ ହୋଇଥିବା ବେଳେ ୧୯ଟି ବନ୍ଧୁକ ଓ ୪୩ଟି ବନ୍ୟପ୍ରାଣୀ ଶିକାର ପାଇଁ ଉଦ୍ଦିଷ୍ଟ ବୋମା ଜବତ କରାଯାଇଛି । ବିଶେଷକରି ହିନ୍ଦୋଳ ରେଞ୍ଜ୍‌ରେ ଶିକାରୀଙ୍କ ଉପଦ୍ରବ ବଢୁଥିବାରୁ ଏହି ରେଞ୍ଜ୍ ଉପରେ ସ୍ୱତନ୍ତ୍ର ନଜର ରଖାଯାଇଛି ବୋଲି ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କହିଛନ୍ତି । ଅନ୍ୟପକ୍ଷରେ ଶିକାରକୁ ରୋକିବା ପାଇଁ ବନବିଭାଗ ଓ ପୋଲିସ ପକ୍ଷରୁ ମିଳିତ ଚଢାଉ ଆରମ୍ଭ ହୋଇଥିବା ବନବିଭାଗ ସୂତ୍ରରୁ କୁହାଯାଇଛି।

ଢେଙ୍କାନାଳ ଜିଲାରେ ୧୬୮୮.୨୦ବର୍ଗ କିଲୋମିଟର ଜଙ୍ଗଲ ପରିଧି ରହିଛି । ଜିଲାରେ କାମାକ୍ଷାନଗର ପୂର୍ବାଞ୍ଚଳ ଓ ପଶ୍ଚିମାଞ୍ଚଳ ରେଞ୍ଜ୍ ସମେତ ହିନ୍ଦୋଳ ରେଞ୍ଜ୍‌ରେ ମଧ୍ୟ ସବୁଠାରୁ ଅଧିକ ଜଙ୍ଗଲ ରହିଛି । କାମାକ୍ଷାନଗର ପୂର୍ବାଞ୍ଚଳ ଓ ପଶ୍ଚିମାଞ୍ଚଳ ରେଞ୍ଜ୍ ଅଧୀନରେ ଥିବା ଜଙ୍ଗଲଗୁଡିକ କେଉଁଝର, ଯାଜପୁର ଆଦି ଜିଲାର ସୀମାକୁ ଲାଗିଛି। ସେହିପରି ହିନ୍ଦୋଳ ରେଞ୍ଜ୍ ଜଙ୍ଗଲଗୁଡିକ ସାତକୋଶିଆ, ଅନୁଗୋଳ ଜିଲା, କଟକ ଜିଲାର ଆଠଗଡ଼, ବଡ଼ମ୍ବା, ନରସିଂହପୁର ଅଞ୍ଚଳକୁ ଲାଗିଛି । କାମାକ୍ଷାନଗର ପୂର୍ବାଞ୍ଚଳ ଓ ପଶ୍ଚିମାଞ୍ଚଳ ରେଞ୍ଜ୍ ଏବଂ ହିନ୍ଦୋଳ ରେଞ୍ଜ୍‌ରେ କଲରା ପତରିଆ ବାଘଠାରୁ ଆରମ୍ଭ କରି ବହୁ ସଂଖ୍ୟାରେ ହାତୀ, ଗୟଳ, ଜଙ୍ଗଲି ବାରହା, ହରିଣ, ଭାଲୁ ଆଦି ସମେତ ଅଜଗର, ଅହିରାଜ ଭଳି ସାପ ମଧ୍ୟ ଦେଖିବାକୁ ମିଳେ । ଏହି ରେଞ୍ଜ୍‌ଗୁଡିକରେ ବନ୍ୟପ୍ରାଣୀ ଶିକାର ବଢୁଥିବା ଜଣାପଡିଛି। ଜିଲାରେ ୨୦୨୨–୨୩ ଆର୍ଥିକ ବର୍ଷରେ ବନ୍ୟପ୍ରାଣୀ ଶିକାର ନେଇ ୩୦ଟି ମାମଲା ରୁଜୁ ହୋଇଥିବା ବେଳେ ୬୧ଜଣ ଶିକାରୀଙ୍କ ମଧ୍ୟରୁ ୫୬ଜଣ ଗିରଫ ହୋଇଛନ୍ତି। ସେମାନଙ୍କ ଠାରୁ ୮ଟି ବନ୍ଧୁକ ଜବତ କରାଯାଇଛି । ସେହିପରି ୨୦୨୩–୨୪ ଆର୍ଥିକ ବର୍ଷରେ ୩୦ଟି ମାମଲା ହୋଇଥିବା ବେଳେ ୭୨ଜଣ ଶିକାରୀଙ୍କ ମଧ୍ୟରୁ ୪୬ଜଣ ଗିରଫ ହୋଇଛନ୍ତି। ସେମାନଙ୍କ ଠାରୁ ୭ଟି ବନ୍ଧୁକ ଓ ୧୩ଟି ବୋମା ଜବତ ହୋଇଛି । ୨୦୨୪–୨୫ରେ ୩୧ଟି ଘଟଣା ଘଟିଥିବା ବେଳେ ୫୯ଜଣ ଶିକାରୀଙ୍କ ମଧ୍ୟରୁ ୫୦ଜଣ ଗିରଫ ହୋଇଛନ୍ତି । ସେମାନଙ୍କ ଠାରୁ ୪ଟି ବନ୍ଧୁକ ଓ ୩୦ଟି ବୋମା ଜବତ ହୋଇଛି । ଜିଲାରେ ବର୍ତ୍ତମାନ ସୁଦ୍ଧା ମୋଟ ୪୦ଜଣ ଶିକାରୀ ଫେରାର ରହିଛନ୍ତି । ନିକଟରେ ହିନ୍ଦୋଳ ରେଞ୍ଜ୍‌ରେ ଶିକାରୀଙ୍କୁ ଧରିବାକୁ ଯାଇ କର୍ତ୍ତବ୍ୟରତ ଫରେଷ୍ଟ ଗାର୍ଡ ପ୍ରହଲ୍ଲାଦ ପ୍ରଧାନ ଶିକାରୀଙ୍କ ଗୁଳିରେ ମୃତ୍ୟୁବରଣ କରିଥିଲେ । ଏହି ଘଟଣା କେବଳ ବନବିଭାଗ କାହିଁକି, ପୋଲିସ ପାଇଁ ମଧ୍ୟ ଚ୍ୟାଲେଞ୍ଜ୍ ହୋଇଛି । ହିନ୍ଦୋଳ ରେଞ୍ଜ୍‌ରେ ଗତ ୩ ବର୍ଷ ମଧ୍ୟରେ ୨୬ଟି ମାମଲାରେ ମୋଟ ୫୬ଜଣ ଶିକାରୀ ରହିଥିବା ବେଳେ ୪୩ଜଣ ଧରାପଡିଛନ୍ତି । ସେମାନଙ୍କ ନିକଟରୁ ୪ଟି ବନ୍ଧୁକ ଜବତ ହୋଇଥିବା ବେଳେ ୧୫ଟି ବୋମା ଜବତ କରାଯାଇଛି। ଆଜିକୁ ପ୍ରାୟ ୭/୮ ବର୍ଷ ତଳେ କାମାକ୍ଷାନଗର ଉପଖଣ୍ଡର ଅନନ୍ତପୁର ସଂରକ୍ଷିତ ଜଙ୍ଗଲରେ ମାସକ ମଧ୍ୟରେ ୨ଟି କଲରା ପତରିଆ ବାଘକୁ ଗୁଳିକରି ହତ୍ୟା କରିବା ପରେ ତା'ର ଚମଡ଼ା ବାହାରକୁ ବିକ୍ରି ପାଇଁ ନେଉଥିବା ଜଣେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବନବିଭାଗ ଦ୍ୱାରା ଧରାପଡିଥିଲେ। ସେହିପରି ଗତ ୨୦୨୧ରେ ହିନ୍ଦୋଳ ରେଞ୍ଜ୍‌ର କନ୍ଧରା ସଂରକ୍ଷିତ ଜଙ୍ଗଲରେ ଶିକାରୀମାନେ ଅତର୍କିତ ଗୁଳିମାଡ କରିବାରୁ ନିରସ୍ତ୍ର ବନ କର୍ମଚାରୀମାନେ ନିଜର ଜୀବନ ବଞ୍ଚାଇ ପଳାଇଥିଲେ । ଫଳରେ ଶିକାରୀମାନେ ଏକ ଦନ୍ତାହାତୀକୁ ମାରି ତା'ର ଦାନ୍ତ ଲୁଟି ନେଇଥିଲେ । ଘଟଣାର ୪ ବର୍ଷ ବିତିବା ପରେ ମଧ୍ୟ ଏହି ଘଟଣାର କୌଣସି ଅଭିଯୁକ୍ତ ଧରାପଡିଲେ ନାହିଁ କିମ୍ବା ହାତୀଦାନ୍ତ ଧରାପଡ଼ିଲା ନାହିଁ । କନ୍ଧରା ଓ କୋଇ ଜଙ୍ଗଲରେ ପ୍ରାୟ କଟକ ଜିଲା ନରସିଂହପୁର ଓ ବଡ଼ମ୍ବା ଅଞ୍ଚଳରୁ ଶିକାରୀମାନଙ୍କର ଉପଦ୍ରବ ବନବିଭାଗ ପାଇଁ ଚିନ୍ତାଜନକ ହୋଇଛି । କୋଇ ସଂରକ୍ଷିତ ଜଙ୍ଗଲରେ ମଧ୍ୟ ଗତ ଦୁଇବର୍ଷ ତଳେ ଦୁଇଟି କଲରା ପତରିଆ ବାଘ ଶିକାରୀଙ୍କ ଫାସରେ ପଡ଼ି ମୃତ୍ୟୁବରଣ କରିଥିଲେ । ଘଞ୍ଚ ଜଙ୍ଗଲ ମଧ୍ୟରେ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷାରେ ନିୟୋଜିତ ହୋଇଥିବା ବନ କର୍ମଚାରୀମାନଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ ସହ ସେମାନଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇଦେବା ଜରୁରୀ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହିଛନ୍ତି। ରାଜ୍ୟ ସରକାର ପୋଲିସ ଓ ଅଗ୍ନିଶମ ସେବା ବିଭାଗକୁ ଗୁରୁତ୍ୱ ଦେଉଥିବା ବେଳେ ବନ ବିଭାଗକୁ ଜରୁରୀ ସେବା ପ୍ରଦାନକାରୀ ବିଭାଗ ଭାବେ ଗୁରୁତ୍ୱ ପ୍ରଦାନ କରିବା ପାଇଁ ମଧ୍ୟ ଦାବି ହେଉଛି । ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ କର କହିଛନ୍ତି, ବନ୍ୟପ୍ରାଣୀ ଶିକାର ରୋକିବା ପାଇଁ ପୋଲିସ ଓ ବନବିଭାଗ ପକ୍ଷରୁ ମିଳିତ ଚଢାଉ ଆରମ୍ଭ ହୋଇଛି। ବିଶେଷକରି ହିନ୍ଦୋଳ ରେଞ୍ଜ୍ ଉପରେ ଆମେ ଅଧିକ ଫୋକସ୍ ଦେଉଛୁ। ଆଗାମୀ ଦିନରେ ଶିକାରୀଙ୍କୁ ଉଚିତ ମୁକାବିଲା ପାଇଁ ବନ କର୍ମଚାରୀଙ୍କୁ ତାଲିମ ପ୍ରଦାନ ସହିତ ଅସ୍ତ୍ରଶସ୍ତ୍ର ଯୋଗାଇ ଦେବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି।

## ଢେଙ୍କାନାଳରେ ମୋବାଇଲ, ଅଳଙ୍କାର ଲୁଟ୍ ର୍ୟାକେଟ ସକ୍ରିୟ

ଢେଙ୍କାନାଳ,୨୮।୫(ରତନ ନାୟାର)

ଢେଙ୍କାନାଳ ସହରରେ ମୋବାଇଲ ଓ ସୁନା ଅଳଙ୍କାର ଲୁଟ୍ ର୍ୟାକେଟ୍ ସକ୍ରିୟ ହୋଇଛନ୍ତି । ଗତ ସୋମବାର ସକାଳେ ସାବିତ୍ରୀ ପର୍ବ ପାଇଁ ସହରସ୍ଥିତ ରଥଗଡା ପରିବା ମାର୍କେଟରେ ଥିବା ଫଳ ଦୋକାନଗୁଡିକରେ ନାହିଁ ନଥିବା ଭିଡ଼ ଲାଗିଥିବା ବେଳେ ଏହାର ସୁଯୋଗ ନେଇ ଲୁଟେରାମାନେ ୫ଟି ଦାମୀ ମୋବାଇଲ ଲୁଟି ନେଇଥିଲେ । ଏ ସମ୍ପର୍କରେ ମୋବାଇଲ ଲୁଟେରାଙ୍କ ଶିକାର ହୋଇଥିବା ମାର୍ବଲ ବ୍ୟବସାୟୀ ସୁକାନ୍ତ ମିଶ୍ର ସୂଚନା ପ୍ରଦାନ କରିଛନ୍ତି। ସେହିପରି ମଙ୍ଗଳବାର ସନ୍ଧ୍ୟାରେ ଗୁଡିଆନାଳୀ ଅଞ୍ଚଳରେ ରହୁଥିବା ବରିଷ୍ଠ ଆଇନଜୀବୀ ନବକିଶୋର ଗୁରୁଙ୍କ ପତ୍ନୀ ହିରଣ୍ୟପ୍ରଭା ଗୁରୁ ଉକ୍ତ ଅଞ୍ଚଳରେ ଥିବା ମନ୍ଦିରକୁ ଯାଇ ଫେରି ତାଙ୍କ ଘର ଫାଟକ ନିକଟରେ ପହଞ୍ଚିବା ବେଳେ ଦୁଇଜଣ ଲୁଟେରା ଏକ ବାଇକରେ ଆସି ତାଙ୍କୁ ପ୍ରଥମେ ଜଣେ ବ୍ୟକ୍ତିଙ୍କର ଠିକଣା ପଚାରିଥିଲେ । ଏହାପରେ ଯୁବକମାନଙ୍କ ମଧ୍ୟରୁ ଜଣେ ଏକ କଟୁରୀ ଦେଖାଇ ହିରଣ୍ୟପ୍ରଭାଙ୍କୁ ଭୟଭୀତ କରି ତାଙ୍କ ବେକରୁ ସୁନାଚେନ୍ ଓ ମଙ୍ଗଳସୂତ୍ର ଟାଣି ନେଉଥିବା ବେଳେ ହିରଣ୍ୟପ୍ରଭା ଚେନ୍ ଓ ମଙ୍ଗଳ ସୂତ୍ରକୁ ଭିଡି ଧରିଥିଲେ। ଫଳରେ ଲୁଟେରାମାନେ ଅଧା ଚେନ୍ ଓ ମଙ୍ଗଳସୂତ୍ରକୁ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏ ସଂକ୍ରାନ୍ତରେ ଟାଉନ ଥାନାରେ ଅଭିଯୋଗ ପରେ ଉକ୍ତ ଅଞ୍ଚଳରେ ଥିବା ସିସିଟିଭିକୁ ଯାଞ୍ଚ କରି ତନାଘନା ତଦନ୍ତ ଜାରି ରଖିଛନ୍ତି ।

## ବନ୍ଧୁକ ଜବତ, ଶିକାରୀ ଗିରଫ

ଢେଙ୍କାନାଳ,୨୮।୫(ରତନ ନାୟାର)



ଅଭିଯୁକ୍ତ ଓ ଜବତ ବନ୍ଧୁକ

ଢେଙ୍କାନାଳ ଜିଲା ଗଁଦିଆ ଥାନା ମକୁନ୍ଦପୁର ଗ୍ରାମରେ ମଙ୍ଗଳବାର ରାତିରେ ପୋଲିସ ଚଢାଉ କରି ଅମୂଲ୍ୟ କୁମାର ସାମଲ(୪୦) ନାମକ ଜଣେ ବନ୍ୟପ୍ରାଣୀ ଶିକାରୀଙ୍କୁ ଗିରଫ କରିବ ସହ ତାଙ୍କ ଠାରୁ ଏକ ବନ୍ଧୁକ ଓ ଗନ ପାଉଡର ଜବତ କରିଛି । କୌଣସି ସୂତ୍ରରୁ ଖବରପାଇ ଗଁଦିଆ ଥାନା ଅଧିକାରୀ ଶାନ୍ତନୁ ପ୍ରଧାନ ମକୁନ୍ଦପୁର ଗ୍ରାମରେ ଚଢାଉ କରିଥିଲେ । ଏ ସଂକ୍ରାନ୍ତରେ ଗଁଦିଆ ଥାନାରେ କେସ ନଂ. ୧୯୧/୨୫ରେ ଏକ ମାମଲା ରୁଜୁ କରାଯାଇଛି ।

## ବାରିହାପୁରଠାରୁ ସାଆନ୍ଦା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ

ପରଜଙ୍ଗ, ୨୮।୫(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ବାରିହାପୁରଠାରୁ ବସୋଇ, କଙ୍କିଳି ଦେଇ ସାଆନ୍ଦା ପର୍ଯ୍ୟନ୍ତ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାର ଉନ୍ନତୀକରଣ ଓ ପ୍ରଶସ୍ତିକରଣ ପାଇଁ ବୁଧବାର ବସୋଇ ଗ୍ରାମର ଗୋଠସାହି ଛକଠାରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଧାରା ସଂପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ ଯୋଗଦେଇ ଏହି ରାସ୍ତା ସଂପୂର୍ଣ୍ଣ ହେଲେ ଜାତୀୟ ରଜପଥ ସହିତ ଯୋଗାଯୋଗରେ ସହାୟକ ହେବ ଏବଂ ଆଗାମୀ ଦିନରେ ଜନହିତକର କାର୍ଯ୍ୟ ତ୍ୱରାନ୍ୱିତ ହେବା ସମ୍ପର୍କରେ ସୂଚନା ଦେଇଥିଲେ। ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜୟନ୍ତ କୁମାର ନାୟକ ୮ କୋଟି ୫୯ ଲକ୍ଷ ବ୍ୟୟରେ ଏହି ୫.୫୭୦ କିମି ରାସ୍ତାର ଉନ୍ନତୀକରଣ ଓ ପ୍ରଶସ୍ତିକରଣ ହୋଇ ୬ ମାସ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ସୂଚନା ଦେଇଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳନା ହୋଇଯାଇଛି। ଅନ୍ୟ ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ବ୍ଲକ ଉପାଦକ୍ଷା ଯଶସ୍ୱିନୀ ରାଉତ, ସରପଞ୍ଚ ସସ୍ମିତା ସାହୁ, ଯୁଗଳେଶ୍ୱର ସାହୁ, ସମିତି ସଭ୍ୟ ବିନୟ କୁମାର ସାହୁ, ସମିତିସଭ୍ୟା ବିମଳା ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଅହମ୍ମଦିଆ ମୁସଲିମ ସମୁଦାୟ ପକ୍ଷରୁ ଖିଲାଫତ୍ ଦିବସ ପାଳିତ



ଢେଙ୍କାନାଳ,୨୮।୫(ରତନ ନାୟାର)

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ଗୁଣ୍ଡିଚାପଡା ଠାରେ ଅହମ୍ମଦିଆ ମୁସଲିମ ସମୁଦାୟ ପକ୍ଷରୁ ପାଳିତ ହେଉଥିବା ୧୧୭ତମ ଖିଲାଫତ ଦିବସ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ସମସ୍ତ ଜଗତରେ ଶାନ୍ତି, ଭାତୃଭାବ ଓ ମାନବତାର ପ୍ରତୀକ ଭାବରେ ବିବେଚିତ ହେଉଥିବା ଅହମ୍ମଦିଆ ଖିଲାଫତର ବାର୍ଷିକ ଉତ୍ସବ ଅବସରରେ ଗୁଣ୍ଡିଚାପଡାସ୍ଥିତ ଅହମ୍ମଦିଆ ମୁସଲିମ ଜାମେ ମସଜିଦ ପ୍ରାଙ୍ଗଣରେ ଏକ ଧର୍ମସଭା ଅନୁଷ୍ଠିତ ହୋଇଥିଲା । ସମୁଦାୟର ସଭାପତି ସୁଲେମାନ ଅଲୀ ଖାନ ଏହି ସଭାରେ ଅଧ୍ୟକ୍ଷତା କରିଥିଲେ। ଶେଖ ତନୱିର କୋରାନ ଅନୁଶୀଳନ କରିଥିଲେ। ମୌଲବୀ ମୁଜାଫର ଖାଁ ଓ ମୌଲବୀ ଜଲାଉଦ୍ଦିନ ଖାଁ ଖିଲାଫତର ଇତିହାସ ଓ ବର୍ତ୍ତମାନ ବିଶ୍ୱ ଶାନ୍ତିରେ ଏହାର ଅବଦାନ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ସଭାପତି ସୁଲେମାନ ଅଲୀ ଖାଁ କହିଲେ ଯେ, ଆଜି ବିଶ୍ୱର ୨୦୦ରୁ ଅଧିକ ଦେଶରେ ଖିଲାଫତ ଦ୍ୱାରା ଅହମ୍ମଦିଆ ମୁସଲିମ ସମୁଦାୟ ନିରନ୍ତର ଭାବରେ ମାନବସେବା, ଶିକ୍ଷା, ଔଷଧ, ଜଳ ପ୍ରଦାନ ଓ ବିଶ୍ୱ ଭାତୃଭାବ ବଜାୟ ରଖିବାରେ ଲାଗିଛନ୍ତି । ଖଲିଫା ହଜରତ ମିର୍ଜା ମସରୁଲ ଅହମ୍ମଦଙ୍କ ନେତୃତ୍ୱାଧୀନରେ ଏହି ଶାନ୍ତି ଅଭିଯାନ ଅବିରତ ରହିଛି ବୋଲି ସେ କହିଥିଲେ। ଶେଷରେ ଶ୍ରଦ୍ଧାଳୁମାନେ ତୃତୀୟ ବିଶ୍ୱ ଯୁଦ୍ଧର ଆଶଙ୍କାକୁ ନେଇ ବିଶ୍ୱ ଶାନ୍ତି ଓ ସୁରକ୍ଷା ପାଇଁ ମୌନ ପ୍ରାର୍ଥନା କରିଥିଲେ।

## କରମୂଳ ଗ୍ରାମରେ ବାଦୀପାଲା



ଢେଙ୍କାନାଳ,୨୮।୫(ରତନ ନାୟାର)

ଢେଙ୍କାନାଳ ଜିଲା ଗଁନ୍ଦିଆ ବ୍ଲକ କରମୂଳ ଗ୍ରାମ ପଞ୍ଚାୟତ ଅଧୀନସ୍ଥ କରମୂଳ ଗ୍ରାମରେ ବାଦୀପାଲା ଅନୁଷ୍ଠିତ ହେଉଛି। ଏହି ବାଦିପାଲା ୨୫ ତାରିଖରୁ ଆରମ୍ଭ ହୋଇ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଗାୟକ ଗଗନ ମହାପାତ୍ର ଓ ସାଥୀ ଏବଂ ଗାୟକ ବିଜୟ ଓଝା ଓ ସାଥୀଙ୍କ ମଧ୍ୟରେ ପରିବେଷଣ ହେଉଛି । ପାଲା ପରିବେଷଣ ଦ୍ୱାରା କଳା ସଂସ୍କୃତିକୁ ବଜାଇ ରଖିବା ଏବଂ ସମାଜରେ ଆଧାତ୍ମିକ ଚେତନା ଜାଗ୍ରତ କରିବା ସହିତ କୁସଂସ୍କାରକ ଦୂରେଇ ଦିଆଯାଇପାରିବ ବୋଲି ଗାୟକ ପାଲା ମାଧମରେ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମକୁ କରମୂଳ ଗ୍ରାମବାସୀ ଓ ଯୁବଗୋଷ୍ଠୀ ପରିଚାଳନା କରୁଛନ୍ତି।

## ଶହୀଦଙ୍କ ବଳିଦାନ ବ୍ୟର୍ଥ ଯିବନି: ଏମ୍‌ପି

କାମାକ୍ଷାନଗର, ୨୮।୫ (ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଜିରିଡାମାଳି ଗ୍ରାମର ଫରେଷ୍ଟଗାର୍ଡ ପ୍ରହଲ୍ଲାଦ ପ୍ରଧାନ ଓରଫ ମାନସ ଶୁକ୍ରବାର ରାତିରେ ଶିକାରୀଙ୍କ ଗୁଳିରେ ମୃତ୍ୟୁ ବରଣ କରିଥିଲେ। ସେ ହିନ୍ଦୋଳ ବିଟରେ କାର୍ଯ୍ୟରତ ଥିବା ବେଳେ ରାତିରେ ହିନ୍ଦୋଳ ରେଞ୍ଜ ରାଜମୋହନପୁର ଜଙ୍ଗଲରେ ପାଟ୍ରୋଲିଂ କରୁଥିବା ସମୟରେ ଶିକାରୀଙ୍କ ଗୁଳିର ଶିକାର ହୋଇଥିଲେ। ବୁଧବାର ଢେଙ୍କାନାଳ ଏମପି ରୁଦ୍ରନାରାୟଣ ପାଣି, ବରିଷ୍ଠ ଭାଜପା ନେତା ପବିତ୍ର ମୋହନ ବିଶ୍ୱାଳ, ମଣ୍ଡଳ ସଭାପତି ଜିତେନ୍ଦ୍ର ପ୍ରସାଦ ସାମଲ, ସଞ୍ଜୟ କୁମାର ରାଉତ, ସରୋଜ କୁମାର ବେହେରା, ରଣଜିତ ସାହୁ, ମୀନକେତନ ସାହୁ ପ୍ରମୁଖ ଶହୀଦଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଦେଶ ପାଇଁ ଶହୀଦଙ୍କ ବଳିଦାନ ବ୍ୟର୍ଥ ଯିବନି ବରଂ ଯୁବପିଢିଙ୍କୁ ପ୍ରେରଣା ଯୋଗାଇବ ବୋଲି ଏମପି ପାଣି କହିଥିଲେ।



ଶହୀଦ ପ୍ରହଲ୍ଲାଦଙ୍କ ପରିବାରକୁ ଏମ୍‌ପି ରୁଦ୍ରନାରାୟଣ ପାଣି ସାକ୍ଷାତ କରୁଛନ୍ତି।

## ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଙ୍କ ସଫଳତା



ଉତ୍ତମ ପ୍ରଦର୍ଶନ କରିଥିବା ଛାତ୍ରୀମାନଙ୍କୁ କଲେଜ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଉଛି।

**+୨ ବାର୍ଷିକ ପରୀକ୍ଷା**

ଢେଙ୍କାନାଳ,୨୮।୫(ରତନ ନାୟାର)

ଉଚ୍ଚ ମାଧ୍ୟମିକ ପରିଷଦ ଦ୍ୱାରା ପରିଚାଳିତ ଚଳିତ +୨ ବାର୍ଷିକ ପରୀକ୍ଷା–୨୦୨୫ରେ ଢେଙ୍କାନାଳ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀମାନଙ୍କ ପ୍ରଦର୍ଶନ ଓ ପାସ୍‌ହାର କଳାରେ ଶତକଡ଼ା ୯୬ ଭାଗ, ବିଜ୍ଞାନରେ ଶତକଡା ୯୫ ଭାଗ ଓ ବାଣିଜ୍ୟରେ ୯୪ ଭାଗ ରହିଛି। କଳାରେ ଇପ୍ସିତା ଦାସ ୫୨୭ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସନ୍ଧ୍ୟାରାଣୀ ମହାନ୍ତି ୫୧୮ ଓ ବନସ୍ମିତା ବାରିକ ୫୧୭ ନମ୍ବର ରଖି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବିଜ୍ଞାନରେ ଅର୍ଚ୍ଚିତା ସାହୁ ୪୮୨ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବନିତା କାଣ୍ଡି ୪୮୦ ନମ୍ବର ରଖି ଦ୍ୱିତୀୟ ଓ ଅଭିପ୍ସା ପ୍ରିୟଦର୍ଶିନୀ ଖଟୁଆ ୪୬୦ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି। ବାଣିଜ୍ୟରେ ଉଦିତା ପ୍ରିୟଦର୍ଶିନୀ ବେହେରା ୫୨୨ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ରେସମା ନାୟକ ୪୬୧ ଓ ଶୋଭନା ସ୍ୱାଇଁ ୪୧୭ ନମ୍ବର ରଖି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ଶକୁନ୍ତଳା ଜେନା, ପଦାର୍ଥ ବିଜ୍ଞାନର ଅଧ୍ୟାପିକା ଡ.ସ୍ୱାତୀ ସୁଚରିତା ପ୍ରଧାନ, ରାଜନୀତି ବିଜ୍ଞାନର ଅଧ୍ୟାପକ ଗୋକୁଳାନନ୍ଦ ମହାପାତ୍ର, ସଂସ୍କୃତ ବିଭାଗ ଅଧ୍ୟାପକ ଉଦ୍ଧବ ମଲ୍ଲିକ ଏବଂ ସମସ୍ତ ଅଧ୍ୟାପିକା ଅଧ୍ୟାପକମାନେ ଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ଅସରାଏ ବର୍ଷାରେ ୧୩ନଂ. ୱାର୍ଡରେ ଆଣ୍ଠୁଏ ପାଣି

ଢେଙ୍କାନାଳ,୨୮।୫
(ରତନ ନାୟାର)



ବର୍ଷାରେ ଭିଜି ଲୋକମାନେ ସ୍କୁଟିରେ ଯାଉଛନ୍ତି।

ଅସରାଏ ବର୍ଷାହେଲେ ଢେଙ୍କାନାଳ ପୌରାଞ୍ଚଳର ୧୩ନଂ ୱାର୍ଡରେ ଆଣ୍ଠୁଏ ଆଣ୍ଠୁଏ ପାଣି ଚାଲେ। ଫଳରେ ସ୍ଥାନୀୟ ବାସିନ୍ଦାମାନେ ନାନା ହଇରାଣ ହରକତ ହୁଅନ୍ତି। କିନ୍ତୁ ଚଳିତବର୍ଷ ଭାଗୀରଥି ସାଗର ପୋଖରୀ କାମ ଚାଲିଥିବାରୁ ରାସ୍ତା ଉପରେ ପଡ଼ିଥିବା ପଙ୍କମାଟି କାଦୁଅରେ ଦୁଇଚକିଆ ଯାନ ଖସି ଅନେକ ଲୋକ ଦୁର୍ଘଟଣାର ଶିକାର ହେଉଛନ୍ତି। ଚଳିତବର୍ଷ ପ୍ରଥମ ବର୍ଷାରେ ତଳିଆ ଅଞ୍ଚଳରେ ମନୁଷ୍ୟକୃତ ବନ୍ୟା ସୃଷ୍ଟି ହୋଇଛି । ଫଳରେ ଦଣ୍ଡା ରୋଡ଼, କଇଁଥ ପୋଲିଆ ସହିତ ଆଖପାଖ ଅଞ୍ଚଳ ପାଣିରେ ରହୁଛି। ବର୍ଷାଋତୁ ପୂର୍ବରୁ ସହରର ସମସ୍ତ ଡ୍ରେନଗୁଡିକ ସଫା କରାଯାଇଥାଏ। ବୁଧବାର ଅପରାହ୍ନ ବର୍ଷାରେ ବସଷ୍ଟାଣ୍ଡରୁ ଆସୁଥିବା ମୁଖ୍ୟ ଡ୍ରେନ ଭାଗୀରଥି ସାଗର ଓ ଫାଷ୍ଟଫୁଡ ବକ୍ସ ନିକଟରେ ରାସ୍ତା ଉପରେ ଦୁଇ ଫୁଟ ଉଚ୍ଚ ପାଣି ଜମା ହୋଇଯାଇଥିଲା । କେତେକ ମହିଳାଙ୍କ ସ୍କୁଟିରେ ପାଣି ପଶିଯିବାରୁ ସ୍କୁଟି ଖରାପ ହୋଇଥିବାର ଦେଖାଯାଇଥିଲା। ଅନ୍ୟପଟେ ଦଣ୍ଡା ରୋଡ଼ ଉପରେ ଜଳମଗ୍ନ ହେଉଥିବାରୁ ପ୍ରାୟ ଦୁଇରୁ ତିନି ଘଣ୍ଟା ସ୍ଥାନୀୟ ଲୋକମାନେ ଯାତାୟାତ କରିପାରୁନଥିବା ଦେଖାଯାଇଥିଲା । ଏହାକୁ ସୁଧାରିବା ପାଇଁ ନଗରପାଳ, ପୌରଯନ୍ତ୍ରୀ, ପୌର ନିର୍ବାହୀ ଅଧିକାରୀ ଓ ୧୩ନଂ କାଉନସିଲରମାନେ ଏଥିପ୍ରତି ଦୃଷ୍ଟି ପ୍ରଦାନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ସାମ୍ବାଦିକ ସୁରକ୍ଷା ଆଇନ୍ ଆଣିବାକୁ ଦାବିପତ୍ର

କାମାକ୍ଷାନଗର,୨୮।୫(ସୁଧୀର କୁମାର ପରିଡ଼ା)



ସାମ୍ବାଦିକଙ୍କ ଉପରେ ବିଭିନ୍ନ ସମୟରେ ଆକ୍ରମଣ ବୃଦ୍ଧି ପାଉଥିବାବେଳେ ସେମାନଙ୍କ ଜୀବନପ୍ରତି ବିପଦ ଦେଖାଦେଇଛି । ତେଣୁ ତୁରନ୍ତ ରାଜ୍ୟ ସରକାର ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କାମାକ୍ଷାନଗର ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛି କାମାକ୍ଷାନଗର ସାମ୍ବାଦିକ ସଂଘ। ସଂଘ ସଭାପତି ହିମାଂଶୁ ଶେଖର ମହାପାତ୍ରଙ୍କ ନେତୃତ୍ୱରେ ସଂଘର ସମସ୍ତ ସଦସ୍ୟ କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ତୁରନ୍ତ ସାମ୍ବାଦିକଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେବା ସହ ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବା ସହ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ଉପରେ ଦୃଷ୍ଟିଦେବା ପାଇଁ ସଂଘ ତରଫରୁ ଦାବି କରାଯାଇଛି । ସେହିପରି ଭାବେ ବଲାଙ୍ଗୀରରେ ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କୁ କିଛି ଅସାମାଜିକ ବ୍ୟକ୍ତି ଯେଉଁଭଳି ଭାବେ ଆକ୍ରମଣ କରିଥିଲେ ସେମାନଙ୍କୁ ଦୃଷ୍ଟାନ୍ତ ମୂଳକ ଦଣ୍ଡ ପ୍ରଦାନ କରିବା ପାଇଁ ସଂଘ ତରଫରୁ ଦାବି କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ସଂଘ ସମ୍ପାଦକ ହୃଦୟବଲ୍ଲଭ ମିଶ୍ରଙ୍କ ସମେତ ଉପସଭାପତି ଶ୍ରୁତିପଦ ନନ୍ଦ, ଯୁଗ୍ମ ସମ୍ପାଦକ ବିନୋଦ ବିହାରୀ ସେଠୀ, କାର୍ଯ୍ୟନିର୍ବାହୀ ସଦସ୍ୟ ବିଦ୍ୟାଧର ବରାଳ, ରାକେଶ ଦେହୁରୀ, ସଦାଶିବ ସେଠୀ, ସରୋଜ କାନ୍ତ ବେହେରା, ସର୍ବେଶ୍ୱର ପାତ୍ର, ବରିଷ୍ଠ ସଦସ୍ୟ ବିମଳ ବିଶ୍ୱାଳ, ମନୋଜ କୁମାର ସାହୁ, ଭୂପେଶ କୁମାର ରାଉତ, ରିତେଶ ବ୍ରହ୍ମା, ଜନ୍ମେଜୟ ନାୟକ ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ। ଉପଜିଲାପାଳଙ୍କ ଅନୁପସ୍ଥିତରେ ସହକାରୀ ଜିଲାପାଳ ଦୀପକ କୁମାର ମିଶ୍ର ଦାବିପତ୍ର ଗ୍ରହଣ କରିଥିଲେ ।

## ସରକାରୀ ଜାଗାରୁ ଦୋକାନ ଗୃହ ଉଚ୍ଛେଦ

ପରଜଙ୍ଗ, ୨୮।୫ (ନିଗମାନନ୍ଦ ଦଳବେହେରା)



ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ ପ୍ରଶାସନ ପକ୍ଷରୁ ବୁଧବାର ସରକାରୀ ଜାଗାରୁ ଦୋକାନ ଗୃହ ଉଚ୍ଛେଦ କରାଯାଇଛି। କିଛି ଦୋକାନୀ ଅଭିଯୋଗ କରିଛନ୍ତି, ପୂର୍ବରୁ ବଜାର ରାସ୍ତା ପ୍ରଶସ୍ତିକରଣ ହୋଇଥିବା ବେଳେ ଡ୍ରେନ ମଧ୍ୟ ନିର୍ମାଣ କରାଯାଇଛି। ଏଥିସହ ଡ୍ରେନକୁ କୌଣସି ବ୍ୟବସାୟୀ ଅତିକ୍ରମ କରି କୌଣସି ସାମଗ୍ରୀ ରଖି ପାରିବେ ନାହିଁ ବୋଲି ପୋଲିସ ଏବଂ ତହସିଲ ପ୍ରଶାସନ ଉପସ୍ଥିତିରେ ଆଲୋଚନା ହୋଇଥିଲା। କିନ୍ତୁ କିଛି ଅସାଧୁ ବ୍ୟବସାୟୀ ପୁଣି ଡ୍ରେନ ପାରହୋଇ ରାସ୍ତା ଉପରେ ବାଉଁଶ ପୋତି ଆଜବେଷ୍ଟ ପକାଇ ବ୍ୟବସାୟ ଆରମ୍ଭ କରିଛନ୍ତି। ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି। କିଛି ବ୍ୟବସାୟୀଙ୍କ ଦୋକାନ ଉଚ୍ଛେଦ ପରେ ପରିବାର ଚଳାଇବାକୁ ଅସୁବିଧା ଭୋଗୁଥିବା ବେଳେ ଏହି ଅସାଧୁ ବ୍ୟବସାୟୀ ରାସ୍ତା ଉପରକୁ ଦୋକାନ ମଡ଼ାଉଛନ୍ତି। ଏହି ଘଟଣା ଜାଣିବା ପରେ ଅତିରିକ୍ତ ତହସିଲଦାର ତୁରନ୍ତ ରାସ୍ତା ଉପରକୁ ମଡ଼ାଇଥିବା ବ୍ୟବସାୟୀମାନଙ୍କୁ ଏହା ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ କେତେଜଣ ହଟାଇଥିବା ବେଳେ ଆହୁରି କେତେଜଣ ହଟେଇ ନାହାନ୍ତି। ଯେଉଁମାନେ ରାସ୍ତା ଉପରେ ସାମଗ୍ରୀ ରଖନ୍ତି ସେମାନଙ୍କ ନାମରେ ମାମଲା ରୁଜୁ ହେବ ବୋଲି ସୂଚନା ମିଳିଛି। କାରଣ ପରଜଙ୍ଗ ମୁଖ୍ୟାଳୟର ବିଭିନ୍ନ ସ୍ଥାନରେ ରାସ୍ତା ନିକଟରେ ବିଭିନ୍ନ ଦୋକାନ ଗୃହ ନିର୍ମାଣ, ରହିବା ବାସସ୍ଥାନ ନିର୍ମାଣ ହୋଇଥିବା ବେଳେ ଗାଡି ମୋଟର ଯିବା ଆସିବାରେ ବହୁ ସମସ୍ୟା ହେଉଛି। ବୁଧବାର ପୂର୍ତ୍ତ ବିଭାଗ ରାସ୍ତାର ପରଜଙ୍ଗ ଥାନା ପାଚେରୀ ଉପରେ କାନ୍ଥ ଦେଇ ଗୃହ ନିର୍ମାଣ କରି ରାସ୍ତା ଉପରକୁ ମାଡ଼ି ଆସିଥିଲେ। ତେଣୁ ବିଭିନ୍ନ ବ୍ୟବସାୟୀଙ୍କ ଅନୁଷ୍ଠାନଗୁଡ଼ିକୁ ଭାଙ୍ଗି ଦିଆଯାଇଛି। ଏହି ବିଷୟରେ ଅତିରିକ୍ତ ତହସିଲଦାର କହିଛନ୍ତି, ସରକାରୀ ଜାଗା ଜବରଦଖଲ କରି ନିର୍ମାଣ ହୋଇଥିବା ଦୋକାନ ଗୃହକୁ ଭଙ୍ଗାଯାଇଛି। ଆଇନ ସମସ୍ତଙ୍କ ପାଇଁ ସମାନ। ଆଗକୁ ଆହୁରି ବହୁ ସରକାରୀ ଜାଗାରୁ ଉଚ୍ଛେଦ ହେବା ବୋଲି ସୂଚନା ଦେଇଛନ୍ତି। ଉଚ୍ଛେଦ ବେଳେ ଅତିରିକ୍ତ ତହସିଲଦାର ମଦନ ମୋହନ ଜେନା, ସୁପରଭାଇଜର ଅରବିନ୍ଦ ସାହୁ, କ୍ରୀତିପଦା ଜେନା, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଆଲୋକ ଲେଙ୍କା, ପରଜଙ୍ଗ ଥାନା ଏଏସ୍‌ଆଇ ଅଞ୍ଜଳି ପ୍ରଧାନଙ୍କ ସମେତ ପୋଲିସ ଫୋର୍ସ ଉପସ୍ଥିତ ଥିଲେ।




## ହାଇ ଆଲର୍ଟରେ ପଞ୍ଜାବ ପୋଲିସ

**ମୁଲାନପୁର,୨୮।୫(ପି.ଟି.):** ଭାରତ ଓ ପାକିସ୍ତାନ ମଧ୍ୟରେ ଦେଖାଦେଇଥିବା ଉତ୍ତେଜନା କାରଣରୁ ଆଇପିଏଲ ପ୍ଲେଅଫ୍ ପ୍ରଭାବିତ ହେବାର ସମ୍ଭାବନା ନାହିଁ ବୋଲି ପଞ୍ଜାବ ପୋଲିସ ପକ୍ଷରୁ ବୁଧବାର କୁହାଯାଇଛି। ଆଇପିଏଲ୍ର କ୍ୱାଲିଫାୟର-୧ ଓ ଏଲିମିନେଟର ମ୍ୟାଚ୍ ମୁଲାନପୁରରେ ହେବାର ଅଛି। କ୍ୱାଲିଫାୟର-୨ ଓ ଫାଇନାଲ ମ୍ୟାଚ୍ ଯଥାକ୍ରମେ ଜୁନ୍ ୧ ଓ ୩ ତାରିଖରେ ଅହମଦାବାଦ୍ରେ ହେବ। ମୁଲାନପୁର ଷ୍ଟାଡିୟମରେ ଆସନ୍ତା ଦୁଇଦିନ ମଧ୍ୟରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବାର ଅଛି। ମ୍ୟାଚ୍ ଦେଖିବା ପାଇଁ ପୂରା ଦେଶରୁ ଲୋକେ ଆସୁଛନ୍ତି। ଆମେ ଷ୍ଟାଡିୟମର ଚାରିଆଡ଼େ ଏବଂ ଏହାର ଆଖପାଖ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇଛୁ। ମ୍ୟାଚ୍ ବେଳେ ଦର୍ଶକ ଓ ପ୍ରଶଂସକଙ୍କ ସୁରକ୍ଷା ଲାଗି ୬୫ ଗେଜେଟେଡ୍ ଅଧିକାରୀଙ୍କ ସମେତ ୨,୫୦୦ ପୋଲିସ କର୍ମୀ ମୁତୟନ କରାଯାଇଛି। ମ୍ୟାଚ୍ ଦେଖିବାକୁ ଆସିଥିବା ପ୍ରଶଂସକ ଯେଭଳି କୌଣସି ସମସ୍ୟାର ସମ୍ମୁଖୀନ ହେବେ ନାହିଁ, ଆମେ ତାହା ନିଶ୍ଚିତ କରିବାକୁ ଚାହୁଁ। ଅନ୍ୟପକ୍ଷରେ ସୁରକ୍ଷା ବ୍ୟବସ୍ଥା ଖୁବ୍ କଡ଼ାକଡ଼ି ରହିବ।

# ପଞ୍ଜାବ ବନାମ ବେଙ୍ଗାଲୁରୁ

**ଚଣ୍ଡିଗଡ଼,୨୮।୫**

ଚଳିତ ଆଇପିଏଲ୍ରେ ଆଜି ଖେଳାଯିବାକୁ ଥିବା ପ୍ରଥମ କ୍ୱାଲିଫାୟରରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍ସିବି) ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଏହି ମ୍ୟାଚ୍ ମୁଲାନପୁର ଷ୍ଟାଡିୟମରେ ଖେଳାଯିବ। ଏହା ପଞ୍ଜାବର ଦ୍ୱିତୀୟ ହୋମ ଭେନ୍ୟୁ। ଏହି ମ୍ୟାଚ୍ରେ ବିଜୟୀ ଦଳ ସିଧାସଳଖ ଫାଇନାଲରେ ପ୍ରବେଶ କରିବ ଏବଂ ପରାଜିତ ଦଳକୁ ଫାଇନାଲରେ ପହଞ୍ଚିବା ପାଇଁ କ୍ୱାଲିଫାୟର-୨ ଜରିଆରେ ଦ୍ୱିତୀୟ ସୁଯୋଗ ମିଳିବ। ଏଥିଯୋଗୁ ଉଭୟ ଦଳ ଅତ୍ୟଧିକ ଆକ୍ରମଣାତ୍ମକ ଆଭିମୁଖ୍ୟ ଆପଣେଇବା ଆଶା କରାଯାଉଛି।

ପଞ୍ଜାବ କିଙ୍ଗ୍ସ ୨୦୧୪ ପରେ ପ୍ରଥମ ଥର ପାଇଁ ପ୍ଲେଅଫ୍ରେ ସ୍ଥାନ ପାଇଛି। କୋଚ୍ ରିକି ପଣ୍ଟିଂ ଓ ଶ୍ରେୟସ ଆୟରଙ୍କ ନେତୃତ୍ୱାଧୀନ ଦଳ ଲିଗ୍ ପର୍ଯ୍ୟାୟରେ ଚମତ୍କାର ପ୍ରଦର୍ଶନ କରି ପଏଣ୍ଟ ଟେବୁଲରେ ଶୀର୍ଷ ସ୍ଥାନ ଅଧିକାର କରିଛି। କୋଚ୍ ପଣ୍ଟିଂ ଓ ଅଧିନାୟକ ଆୟରଙ୍କ କମ୍ବିନେଶନ ଖେଳାଳିଙ୍କ ମଧ୍ୟରୁ ସେମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ ବାହାର କରିବାରେ ସଫଳ ହୋଇଛି। ସେମାନଙ୍କର ଦୁଇ ଓପନର ପ୍ରଭସିମରନ ସିଂ ଓ ପ୍ରିୟାଂଶ ଆର୍ଯ୍ୟ ଭଲ ଫର୍ମରେ ଅଛନ୍ତି। ଦୁଇ ଓପନର ଅଧିନାୟକ ଆୟର ଓ ଜୋଶ ଇଙ୍ଗଲିସଙ୍କୁ ଭଲ ମୂଳଦୁଆ ପ୍ରଦାନ କରିଛନ୍ତି। ଦଳରେ ଶଶାଙ୍କ ସିଂଙ୍କ ଭଳି ଉତ୍ତମ ଫିନିଶର ମଧ୍ୟ ଅଛନ୍ତି। ପ୍ରତି ସିଜନରେ ତାଙ୍କ ଗେମରେ ସୁଧାର ଆସୁଛି। ଅଷ୍ଟ୍ରେଲିଆନ ଅଲରାଉଣ୍ଡର ମାର୍କସ ଷ୍ଟୋଇନିସ ମଧ୍ୟ ଫର୍ମକୁ ଫେରିଛନ୍ତି। ଦଳର ବ୍ୟାଟିଂ ଲାଇନ ଶକ୍ତିଶାଳୀ ହୋଇଥିବା ବେଳେ ଦଳର ଦୁର୍ବଳତା ବୋଲିଂରେ ରହିଛି। ବିଶେଷ କରି ମାର୍କୋ ଜାନସେନଙ୍କ ବିଦାୟ

**ଆଜି ଆଇପିଏଲ୍ କ୍ୱାଲିଫାୟର-୧**

ପରେ ବୋଲିଂ ବିଭାଗରେ ସମସ୍ୟା ଦେଖାଦେଇଛି। ଜାନସେନ ପାୱରପ୍ଲେ ଓ ଡେଥ୍ ଭଳି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ଭଲ ବୋଲିଂ କରନ୍ତି। ବ୍ୟାଟିଂ ଅଲରାଉଣ୍ଡର ଆଜମତୁଲା ଓମାରଜାଇ ତାଙ୍କ ସ୍ଥାନ ନେଇପାରନ୍ତି। ବିଦେଶୀ ପେସର ଭାବେ କାଇଲ ଜେମିସନ ଖେଳିପାରନ୍ତି।


ଦୁଇ ଦଳର ଅଧିନାୟକ ଶ୍ରେୟସ ଆୟର ଓ ରଜତ ପଟିଦାର।

ଆଙ୍ଗୁଠି ଜନିତ ସମସ୍ୟା ଯୋଗୁ ଗତ ଦୁଇ ମ୍ୟାଚ୍ ମିସ କରିଥିବା ୟୁଜବେନ୍ଦ୍ର ଚହଲ ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଲାଗି ଦଳକୁ ଫେରିପାରନ୍ତି। ସେ ହରପ୍ରୀତ ବ୍ରାରଙ୍କ ସହ ସ୍ପିନ ବୋଲିଂ ବିଭାଗ ସମ୍ଭାଳିବେ। ଅର୍ଶଦୀପ ସିଂ ପ୍ରତ୍ୟେକ ପର୍ଯ୍ୟାୟରେ ଦଳ ପାଇଁ ଉଲ୍ଲେଖନୀୟ ବୋଲିଂ କରିଛନ୍ତି।

ଆର୍ସିବି ବିଗତ ବର୍ଷରେ ପ୍ଲେଅଫ୍ରେ ଅନେକ ହୃଦୟ ବିଦାରକ ପରାଜୟର ସମ୍ମୁଖୀନ ହୋଇଛି। ପଞ୍ଜାବ ଭଳି ଆର୍ସିବି ମଧ୍ୟ ଖେଳାଳିଙ୍କ ଆହତ ସମସ୍ୟାରେ ରହିଛି। ପେସର ଜୋଶ ହାଜେଲଉଡ୍ ଓ ଫିନିଶର ଟିମ ଡାଭିଡ୍ କ୍ୱାଲିଫାୟର ଉପଲବ୍ଧ ହେବେ ବୋଲି ଆଶା କରାଯାଉଛି। ଉଭୟ ଅଷ୍ଟ୍ରେଲିଆନ ଖେଳାଳି ଫେରିଲେ ଦଳର ସନ୍ତୁଳନ ବୃଦ୍ଧି ପାଇବ। ଦୀର୍ଘ ବର୍ଷ ହେଲା ପ୍ରଭାବୀ ଟପ୍ ଅର୍ଡର ବ୍ୟାଟରଙ୍କ ପାଇଁ ଆର୍ସିବି ପରିଚିତ ଥିବା ବେଳେ ମିଡିଲ ଅର୍ଡରରେ ଜିତେଶ ଶର୍ମାଙ୍କ ଉପସ୍ଥିତି ବ୍ୟାଟିଂ ଲାଇନ୍ର ଶକ୍ତି ବୃଦ୍ଧି କରିଛି। ମଙ୍ଗଳବାର ଲକ୍ଷ୍ନୌ ବିପକ୍ଷରେ ଜିତେଶ ତାଙ୍କ ଆଇପିଏଲ କ୍ୟାରିୟରର ଶ୍ରେଷ୍ଠ ଇନିଂସ ଖେଳିଥିଲେ। ଏଭଳି ପ୍ରଦର୍ଶନ ଯୋଗୁ ତାଙ୍କ ଆତ୍ମବିଶ୍ୱାସ ଖୁବ ବୃଦ୍ଧି ପାଇବା ସ୍ୱାଭବିକ। ଫିଲ ସଲ୍ଟ ଫର୍ମକୁ ଫେରିଛନ୍ତି। ଏଥିଯୋଗୁ ସଲ୍ଟ ଓ ବିରାଟ କୋହଲିଙ୍କ ଓପନିଂ ଯୋଡ଼ି ପାୱରପ୍ଲେରେ ଦଳକୁ ବିସ୍ଫୋରକ ଆରମ୍ଭ ଦେବେ ବୋଲି ଆଶା କରାଯାଉଛି।

ଏହି ଭେନ୍ୟୁରେ ପଞ୍ଜାବକୁ ଆର୍ସିବି ହରାଇଥିଲା। ଏଠାରେ ଏପର୍ଯ୍ୟନ୍ତ ଖେଳାଯାଇଥିବା ମ୍ୟାଚ୍ରେ କେବଳ ଥରେ ୨୦୦ ସ୍କୋର ଅତିକ୍ରମ କରିଛି। ଉଭୟ ଆରସିବି ଓ ପଞ୍ଜାବ ଆଇପିଏଲ୍ ଟ୍ରଫି ଜିତି ନାହାନ୍ତି। ଏଥିଯୋଗୁ ଉଭୟ ଦଳ ଏଥର ଅପେକ୍ଷାର ଅନ୍ତ ଘଟାଇବା ଲକ୍ଷ୍ୟରେ ରହିବେ।

**ଫ୍ରେଞ୍ଚ୍ ଓପନ୍**

## ରାଉଣ୍ଡ-୩ରେ ଅଲ୍କାରାଜ୍

**ପ୍ୟାରିସ୍,୨୮।୫:**କାର୍ଲୋସ ଅଲ୍କାରାଜ ଫ୍ରେଞ୍ଚ୍ ଓପନ୍ ଟୁର୍ନାମେଣ୍ଟର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ସପ୍ତମ ସିଡ୍ କାସ୍ପର ରୁଡ୍ ପରାଜୟ ସହ ବିଦାୟ ନେଇଛନ୍ତି।ବୁଧବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍ରେ ଅଲ୍କାରାଜ ୬-୧, ୪-୬, ୬-୧, ୬-୨ ସେଟ୍ରେ ହଙ୍ଗେରୀର ଫାବିଆନ ମାରୋଜସାନ୍ଙ୍କୁ ପରାସ୍ତ କରିଛନ୍ତି। ୨୫ତମ ସିଡ୍ ଆଲେକ୍ସି ପପିରିନ ୭-୫, ୬-୩, ୬-୪ ସେଟ୍ରେ ଆଲେଜାଣ୍ଡ୍ରୋ ଟାବିଲୋଙ୍କୁ, ମାରିଆନୋ ନାଭୋନ ୬-୧, ୭-୬(୭-୧), ୬-୩ ସେଟ୍ରେ ରେଲି ଓପେଲକାଙ୍କୁ, ଡାନିଏଲ ଅଲ୍ଟମାୟର ୬-୨, ୪-୬, ୬-୩, ୭-୫ ସେଟ୍ରେ ଭିଟ କୋପ୍ରିଭାଙ୍କୁ ହରାଇଛନ୍ତି। ଅନ୍ୟପକ୍ଷରେ ୨୦୨୨ ଓ ୨୦୨୩ ସଂସ୍କରଣର ଫାଇନାଲିଷ୍ଟ ତଥା ୱାର୍ଲ୍ଡ ନଂ-୭ ରୁଡ୍ ୬-୨, ୪-୬, ୧-୬, ୦-୬ ସେଟ୍ରେ ନୁନୋ ବର୍ଗେସ୍ଙ୍କଠାରୁ ପରାସ୍ତ ହୋଇଛନ୍ତି।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ